

ହ୍ୟାରୀ ବ୍ରୁକ୍ ୧ ନଂ. ବ୍ୟାଟର ପୃଷ୍ଠା ୭

# ସଂଚାର
THE SANCHAR


Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 259 | ଭାଗ ୩୨ | ସଂଖ୍ୟା୨୫୯ | Bhubaneswar | Friday 13 December 2024 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୧୩ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଏକକ ନିର୍ବାଚନ ବିଲ ଅନୁମୋଦିତ



ନୂଆଦିଲ୍ଲୀ,୧୨।୧୨: ଦେଶରେ ଉଭୟ ଲୋକସଭା ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଏକାଠି କରିବାକୁ ଏକକ ନିର୍ବାଚନ (ୱାନ ନେସନ ୱାନ ଇଲେକ୍ସନ)ବିଲକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ସଂସଦର ଚଳିତ ଅଧିବେଶନରେ ଏହି ବିଲ ଆଗତ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ଚିଠା ବିଲକୁ ଅନୁମୋଦନ କରାଯାଇଛି। ଏହି ବିଲ ଗୃହୀତ ହେଲେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ସହିତ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ବିଭିନ୍ନ ପୌର ଏବଂ ପଞ୍ଚାୟତ ନିର୍ବାଚନ ମଧ୍ୟ ହେବ ଏବଂ ଗୋଟିଏ ଭୋଟର ତାଲିକା ଆଧାରରେ ଏହିସବୁ ନିର୍ବାଚନ ହେବ।

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଗଠିତ କମିଟିର ସୁପାରିସ ଆଧାରରେ ଏହି ବିଲ ପ୍ରସ୍ତୁତ ହୋଇଛି। ପୂର୍ବରୁ କମିଟି ତାଙ୍କ ରିପୋର୍ଟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତରିତ କରିସାରିଛନ୍ତି। କେନ୍ଦ୍ର କ୍ୟାବିନେଟ ମଧ୍ୟ ଏହି ରିପୋର୍ଟକୁ ଗ୍ରହଣ କରିଛି। ତେବେ ଅଧିକାଂଶ ବିରୋଧୀ ଦଳ ଏହାକୁ ଗ୍ରହଣ କରିପାରୁନାହାଁନ୍ତି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ ସମ୍ବିଧାନ ସଂଶୋଧନର ଆବଶ୍ୟକତା ପଡ଼ିବ। ଏଥିପାଇଁ ସଂସଦରେ। ଦୁଇ ତୃତୀୟାଂଶ ⇨ପୃଷ୍ଠା-୬

## ସନ୍ୟାସୀଙ୍କ ରାସ୍ତାରେ ବିଶ୍ୱଶର୍ମା



- ଜଗନ୍ନାଥଙ୍କ ସମ୍ମୁଖରେ ଆସ୍ପର୍ଦ୍ଧା
- ପସନ୍ଦ କରନ୍ତିନି ଓଡ଼ିଆ

ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଜନୀତି ଭିତରକୁ ଟାଣି ସନ୍ୟାସୀ ଯେଉଁ ଭୁଲ୍ ରାସ୍ତାରେ ଯାଇଥିଲେ ଏବେ ସେହି ରାସ୍ତାରେ ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଯାଉଥିବା ଲକ୍ଷ୍ୟ କରାଯାଉଛି। ନବୀନ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ । ତେଣୁ ବିଜେଡିକୁ କେହି ହରାଇ ପାରିବେ ନାହିଁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଅତ୍ୟନ୍ତ ଆସ୍ପର୍ଦ୍ଧାର ସହ କହିଥିଲେ ସନ୍ୟାସୀ । ଏହାକୁ ଓଡିଆ ଲୋକେ କିଭଳି ଗ୍ରହଣ କଲେ ତାହା ସମସ୍ତେ ଦେଖିଲେ । ଜଗନ୍ନାଥଙ୍କୁ ରାଜନୀତି ଭିତରକୁ ଯିଏ ଭିଡିଛି ତାକୁ ଓଡିଆମାନେ ପାନେ ଦେଇଛନ୍ତି । ଓଡ଼ିଶା ଗସ୍ତରେ ଆସିଥିବା ହିମନ୍ତ ବିଶ୍ୱଶର୍ମା ପୁରୀରେ କହିଛନ୍ତି ଯେ ବିଜେପି ଏଠାରେ ପଚାଶ ବର୍ଷ ଶାସନ କରିବ। ଏଭଳି ଭାଷଣ ନିର୍ବାଚନୀ ସଭାରେ ଗ୍ରହଣୀୟ । ହେଲେ ଜଗନ୍ନାଥଙ୍କ ସମ୍ମୁଖରେ ଏଭଳି ଆସ୍ପର୍ଦ୍ଧାକୁ ଓଡ଼ିଶାବାସୀ ସହଜରେ ଗ୍ରହଣ କରନ୍ତି ନାହିଁ । ହିମନ୍ତଙ୍କର ଏଭଳି କଥା ଶୁଣିଲା ପରେ ଅନେକ ସନ୍ୟାସୀଙ୍କ ଉଦାହରଣ ଦେଇଛନ୍ତି । ସନ୍ୟାସୀ ଜଗନ୍ନାଥଙ୍କ ଆଗରେ ଆସ୍ପର୍ଦ୍ଧା ଦେଖାଇ ଗୋଟିଏ ସରକାରକୁ କ୍ଷମତାଚ୍ୟୁତ କରିଥିବାରୁ ଅନ୍ତତଃ ପକ୍ଷେ ବିଜେପିର ଯେଉଁ ନେତାମାନେ ପୁରୀ ଆସୁଛନ୍ତି ସେମାନେ ଏଠାରେ ରାଜନୈତିକ ଆସ୍ପର୍ଦ୍ଧା ପ୍ରଦର୍ଶନ କରିବାକୁ ଦଳର ଓଡ଼ିଶା ଶାଖା ସେମାନଙ୍କୁ ପରାମର୍ଶ ଦେବା ଉଚିତ୍ ବୋଲି ସାଧାରଣ ଲୋକେ କହୁଛନ୍ତି।

କଳିଙ୍ଗ ଷ୍ଟାଡିଅମ୍‌ରେ ବ୍ୟାଡମିଣ୍ଟନ ହାଇ ପରଫରମାନ୍‌ସ ସେଣ୍ଟର ଉଦ୍‌ଘାଟିତ

# ବିଶ୍ୱ ବ୍ୟାଡମିଣ୍ଟନ ମାନଚିତ୍ରରେ ଓଡ଼ିଶା ନୂଆ ଠିକଣା

- ୮ଟି ବ୍ୟାଡମିଣ୍ଟନ କୋର୍ଟ, ୪୦୦ ଦର୍ଶକଙ୍କ ପାଇଁ ସୁବିଧା, ୩୬ ଜଣ ଖେଳାଳୀଙ୍କ ପାଇଁ ରହଣି ବ୍ୟବସ୍ଥା
- ୨୦୦ ସିଟ୍ ବିଶିଷ୍ଟ ଆମ୍ଫିଥିଏଟର
- ବ୍ୟାଡମିଣ୍ଟନ କ୍ଷେତ୍ରରେ ଓଡ଼ିଶା ବିଶ୍ୱ ମଞ୍ଚରେ ପରିଚିତ ହେବ
- ହାଇ ପରଫରମାନ୍ସ ସେଣ୍ଟର ବିଶ୍ୱ କ୍ରୀଡା ଜଗତ ପାଇଁ ମାଇଲ ଷ୍ଟୋନ- ବିଶ୍ୱଶର୍ମା

ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ଆମ ଦେଶର ଯୁବ ବ୍ୟାଡମିଣ୍ଟନ ଖେଳାଳୀ ମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ। ସେମାନେ ସେମାନଙ୍କର ଅଦମ୍ୟ ପ୍ରଚେଷ୍ଟା ବଳରେ କ୍ରୀଡା କ୍ଷେତ୍ରରେ ବିଶ୍ୱ ମଞ୍ଚରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଦେଶକୁ ଗୌରବାନ୍ୱିତ କରିଛନ୍ତି ବୋଲି ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମରେ ଗୋପୀଚନ୍ଦ ଓଡ଼ିଶା ବ୍ୟାଡମିଣ୍ଟନ ହାଇପରଫରମାନ୍‌ସ ସେଣ୍ଟର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ଡ. ହିମନ୍ତ ବିଶ୍ୱଶର୍ମା, ଜଣାଶୁଣା ବ୍ୟାଡମିଣ୍ଟନ ଖେଳାଳୀ ପୁଲେଲା ଗୋପୀଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ୭୭ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ହୋଇଥିବା ଏହି ଇଣ୍ଡୋର ହାଇ ପରଫରମାନ୍‌ସ ସେଣ୍ଟରରେ ୪୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା ସହିତ ୮ଟି ଶୀତତାପ ନିୟନ୍ତ୍ରିତ ବ୍ୟାଡମିଣ୍ଟନ କୋର୍ଟ ରହିଛି। ଏଥିରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନର ସୁବିଧା କରାଯାଇଛି। ଏଥିସହିତ ଏହି ସେଣ୍ଟରରେ ୩୬ ଜଣ ଖେଳାଳୀ ରହିଲା ଭଳି ଅତ୍ୟାଧୁନିକ ସୁବିଧାସୁଯୋଗ ମଧ୍ୟ ବିକଶିତ କରାଯାଇଛି। ୨୦୦ ସିଟ୍ ବିଶିଷ୍ଟ ଏକ ଆମ୍ଫିଥିଏଟର ସହିତ ଏହି ସେଣ୍ଟରଟିକୁ ବ୍ୟାଡମିଣ୍ଟନ ସଟଲକକ୍ ସଦୃଶ୍ୟ ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ⇨ପୃଷ୍ଠା-୬





### ସିଏମ୍ ଟ୍ରଫି ପ୍ରଚଳନ ହେବ

ଗୋପୀଚନ୍ଦ ଓଡ଼ିଶା ବ୍ୟାଡମିଣ୍ଟନ ହାଇପରଫରମାନ୍‌ସ ସେଣ୍ଟର ଉଦ୍‌ଘାଟନ ଅବସରରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ବ୍ୟାଡ଼ମିଣ୍ଟନ ସେଣ୍ଟର ସାହାଯ୍ୟରେ ଓଡ଼ିଶାର ଖେଳାଳିଙ୍କୁ ଅନ୍ତର୍ଜାତୀୟ ପ୍ରଶିକ୍ଷଣ ମିଳିପାରିବ । ଓଡ଼ିଶା ହକି ଖେଳକୁ ସ୍ପନସରସିପ ଦେଉଛି । ଆଉ କେଉଁ ଖେଳକୁ ଓଡ଼ିଶା ସ୍ପନ୍ସର କରିବ ତାହାର ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେବେ । କ୍ରୀଡା ଭିତ୍ତିଭୂମିକୁ ଗ୍ରାମାଞ୍ଚଳରେ ମଧ୍ୟ ପହଂଚେଇବାକୁ ସରକାର ଯୋଜନା କରୁଛନ୍ତି। କ୍ରୀଡାବିଦମାନଙ୍କର ଦକ୍ଷତାର ଚୟନ ପାଇଁ ଆଗକୁ ସିଏମ୍ ଟ୍ରଫି କାଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ଫୁଟବଲ, ଆଥଲେଟିକ ଏବଂ ବ୍ୟାଡମିଣ୍ଟନ ଖେଳାଳୀଙ୍କୁ ପୁରସ୍କାର ପ୍ରଦାନ କରାଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ କ୍ରୀଡ଼ାକୁ ମଧ୍ୟ ସାମିଲ କରିବାକୁ ସରକାର ଯୋଜନା କରିଛନ୍ତି ।



## ବୃଦ୍ଧ ବ୍ୟାଘ୍ରର କଙ୍କଣ ଚିନ୍ତା !

ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ବୁଢା ବାଘ ନିଜେ ଶିକାର କରିନପାରି କଙ୍କଣ ପକାଇ ଶିକାର କରିବା ଭଳି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ସବୁ ସରକାରୀ ପ୍ରକଳ୍ପରେ ନିଜ ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି। ଆଜି ଉଦଘାଟିତ ହୋଇଥିବା ବ୍ୟାଡମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ହେଉ କି ପଦ୍ମ ପୁରସ୍କାରପ୍ରାପ୍ତଙ୍କୁ ସହାୟତା ରାଶି ବୃଦ୍ଧି, ସରକାରୀ ମହିଳା କର୍ମଚାରୀଙ୍କୁ ଅତିରିକ୍ତ ଡିଏ ଏପରିକି ଶିଳ୍ପାୟନ ପ୍ରକ୍ରିୟା ସବୁ ଯୋଜନା ତାଙ୍କ ସମୟରେ ହୋଇଥିବା ଦାବି କରୁଛନ୍ତି ବିଜେଡି ନେତାମାନେ। ବିଜେଡି ସରକାରରୁ ଚାଲିଯିବା ପରେ ମଧ୍ୟ ତାଙ୍କର ଓ ତାଙ୍କ ସହଯୋଗୀଙ୍କ ମୋହ ଭଙ୍ଗ ହୋଇଥିବା ଭଳି ଲାଗୁନି। ସରକାର ଏକ ନିୟମିତ ପ୍ରକ୍ରିୟା। ଯିଏ ବି ସରକାରରେ ଥାଉ ନା କାହିଁକି ବିକାଶମୂଳକ କାମ ନିୟମିତ ଜାରି ରହିଥାଏ। ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର କାମ ୨୦୧୮ରେ ଆରମ୍ଭ ହୋଇ ୨୦୨୪ରେ ସରିଲା। ସେତେବେଳକୁ ଆଉ ବିଜେଡି ସରକାରରେ ନାହିଁ। ସରକାର ବଦଳିଯିବା ପରେ ସ୍ୱାଭାବିକ ଭାବେ ଯିଏ ଶାସନରେ ରହିବ ସେ ଉଦଘାଟନ କରିବ ଆଉ ତାର ଶ୍ରେୟ ନେବ। ବିଜେଡି ଦଳର କିଛି ନୂଆ ଯୋଗୀଙ୍କୁ ଲାଗୁଛି ସେମାନେ ଯେମିତି ଏବେ ସରକାରରେ ଅଛନ୍ତି, ଆଉ ଶ୍ରେୟ ନେବାକୁ ଆବୁରି ହେଉଛନ୍ତି। ସେଥିପାଇଁ ଦଳ ତରଫରୁ ତଥ୍ୟ ସମ୍ବଳିତ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଆତ୍ମ ପ୍ରଚାର କରୁଛନ୍ତି।

## ଓଲିଉଡରେ ଭୟ
## ଅଭିନେତାଙ୍କୁ ଏଡ୍‌ସ

ଓଲିଉଡ ଅଭିନେତାଙ୍କୁ ଏଡ୍ସ। ଆପଣଙ୍କୁ ପଢ଼ିଲେ ଟିକେ ଅଜବ ଲାଗୁଥିବ। କିନ୍ତୁ ହଁ ଆଜ୍ଞା। ଏହାହିଁ ସତ। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଆଗଧାଡ଼ିର କଳାକାର ଏବେ ଏଡ୍ସରେ ପୀଡିତ। ଯାହାକୁ ନେଇ ଏବେ ସାରା ଓଲିଉଡରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ମରଣ ମୁହଁରୁ ଫେରିଥିବା ଏହି ଅଭିନେତାଙ୍କ ସୁସ୍ଥତା ପାଇଁ ସର୍ଭିଏଁ କାମନା କରିଥିଲେ। ଭଗବାନଙ୍କ ଦୟାରୁ ସେ ସୁସ୍ଥ ହୋଇ ପୁଣି ସୁଟିଂ ସେଟ୍‌କୁ ଫେରିଥିଲେ। ଏବେ କିନ୍ତୁ ଅଭିନେତା ଜଣଙ୍କୁ ଏହି ରୋଗ କଥାକୁ କେହି ସହଜରେ ହଜମ କରିପାରୁନାହାନ୍ତି। କିନ୍ତୁ ବଡ଼ କଥା ହେଉଛି ଅଭିନେତା ଜଣଙ୍କ ଏଚ୍‌ଆଇଭି ପଜିଟିଭ ଜାଣିବା ପରେ ମଧ୍ୟ ଏହାକୁ ବିଶେଷ ପ୍ରଘଟ କରିନାହାନ୍ତି। କେହି ନ ଜାଣିବା ପାଇଁ ବିଭିନ୍ନ ଚ୍ୟାନେଲ ସହ ଫିକ୍ସ ହୋଇଥିବା ପ୍ରୋଗ୍ରାମ ଜାରି ରଖିଛନ୍ତି। ବିଗତ ଦିନରେ ବିଭିନ୍ନ କାରଣରୁ ବେଶ ବିବାଦୀୟ ଏହି ଅଭିନେତାଙ୍କ ଏଭଳି ସୁଟିଂକୁ ଅନେକ ମଧ୍ୟ ନାପସନ୍ଦ କରିଛନ୍ତି। କାରଣ ତାଙ୍କ ପାଇଁ ଆଉ କାହା ଜୀବନ ବିପଦ ମୁହଁକୁ ନ ଯାଉ ବୋଲି କହିଛନ୍ତି ଓଲିଉଡ ଇଣ୍ଡଷ୍ଟ୍ରିର ଅନେକ ଅଭିନେତା ଅଭିନେତ୍ରୀ।

## ରାହୁଲଙ୍କୁ ଧୋଇଦେଲେ ଧର୍ମେନ୍ଦ୍ର



- ସାମନ୍ତବାଦ ମାନସିକତାରୁ ମୁକୁଳିପାରୁନି କଂଗ୍ରେସ
- ଜାତୀୟ ଶିକ୍ଷା ନୀତି ଏକ ସମନ୍ୱିତ ଭାରତୀୟ ମଡେଲ

ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ସାମନ୍ତବାଦ ମାନସିକତାରୁ ବାହାରିପାରୁନି କଂଗ୍ରେସ। ଯେଉଁଥିପାଇଁ ଦେଶବାସୀ ତାଙ୍କୁ ଦେଢ ଦଶନ୍ଧୀ ଧରି କ୍ଷମତାରୁ ଦୂରେଇ ରଖିଛନ୍ତି। କଂଗ୍ରେସ ଚାହୁଁଛି କେବଳ ଗୋଟିଏ ପରିବାରର ଇତିହାସ ହିଁ ଶିକ୍ଷାର ମୂଳ ପିଣ୍ଡ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ନେତାଜୀ ସୁବାଷ ବୋଷଙ୍କ ଦେଶ ମାତୃକା ପାଇଁ ବଳିଦାନ ଓ ସେମାନଙ୍କ ସଂଘର୍ଷର କାହାଣୀକୁ ଛାତ୍ରଛାତ୍ରୀମାନେ କେମିତି ପଢିପାରିବେ ନାହିଁ ସେଇ ଷଡଯନ୍ତ୍ର କରୁଛି କଂଗ୍ରେସ। ଏକ ଜାତୀୟ ଗଣମାଧ୍ୟମର ଆଲୋଚନାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଂଗ୍ରେସ ଉପରେ ଏଭଳି ବର୍ଷିଛନ୍ତି।

ଦେଶର ସବୁ ଭାଷାକୁ ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦେଇ ଜାତୀୟ ଶିକ୍ଷା ନୀତି ପ୍ରସ୍ତୁତ ହେଉଛି। ସାମଗ୍ରୀକ ଭାବେ ଶିକ୍ଷାର ବିକାଶ ଏହି ନୀତିର ମୂଳ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଜାତୀୟ ଶିକ୍ଷା ନୀତି ଆରଏସଏସର ନିର୍ଦ୍ଦେଶରେ ପ୍ରସ୍ତୁତ ହେଉଛି ବୋଲି କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀ କରୁଥିବା ଅଭିଯୋଗର ଜବାବ ଦେଇ ସେ କହିଛନ୍ତି ଯେ, କଂଗ୍ରେସ ଭାବୁଛି ବୋଧହୁଏ ଦେଶର ଛାତ୍ରଛାତ୍ରୀମାନେ କେବଳ ଗୋଟିଏ ପରିବାର କଥା ପଢିବେ। ସେମାନେ ବଲ୍ଲଭଭାଇ ଓ ସୁବାଷ ବୋଷଙ୍କ କଥା ପଢ଼ିବେ ନାହିଁ ବୋଲି ଭାବୁଛନ୍ତି। ଦେଶର ସଭ୍ୟତାର ଯେଉଁ ବିକାଶ ହୋଇଛି ତାହା କୌଣସି ଜଣଙ୍କର ବ୍ୟକ୍ତିଗତ ଦୟାରେ ହୋଇନି। ଦୁନିଆକୁ ସେମାନେ ନିଜ ଯାହା ଦେଖିବାକୁ ଚାହୁଁଛନ୍ତି ତାହା ଦେଖାଉଛନ୍ତି। କଂଗ୍ରେସ ନେତାଙ୍କ ମଧ୍ୟରେ ଏଭଳି ଏକ ନିଶା ହୋଇଛି। ଏହା ସାମନ୍ତବାଦର ଲକ୍ଷ୍ୟଣ। ସେଥିପାଇଁ ଲୋକେ ତାଙ୍କୁ କ୍ଷମତାରୁ ଦୂରେଇ ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି।

ସେହିଭଳି ସେ ହରିଆଣା ନିର୍ବାଚନ ଦାୟିତ୍ୱରେ ଥିଲେ ଧର୍ମେନ୍ଦ୍ର ଏବଂ ସେଠାରେ ବିଜେପି ବଡ ବିଜୟ ହାସଲ କରିଛି। ହରିଆଣା ପରେ ମହାରାଷ୍ଟ୍ରରେ ମଧ୍ୟ ବିଜେପି ବାଜିମାତ ⇨ପୃଷ୍ଠା-୬

## ଓଡ଼ିଶା ଜୁ-ଯୀଶୁ ସଂଘର କାର୍ଯ୍ୟାଳୟ କେଉଁଠି ?

ଭୁବନେଶ୍ୱର,୧୨।୧୨ (ଭାରତ ବିନୋଦ ନାୟକ): ଅଷ୍ଟମ ଡ୍ୟାନ କରାଟେ କୋଚ ହରିହର ପଟ୍ଟନାୟକ ନିଜ ବ୍ୟବସାୟ ବଢାଇବାକୁ ସରକାରୀ ବ୍ୟବସ୍ଥାରେ ଥିବା ଗଳାବାଟର ବ୍ୟବହାର ସହ କିଛି ଅଫିସରଙ୍କୁ ହାତବାରିସୀ କରି କରିଥିବା କେଳେଙ୍କାରୀ ଗୋଟିଏ ପରେ ଗୋଟିଏ ପଦାକୁ ଆସୁଛି। ହରିହର ପଟ୍ଟନାୟକଙ୍କ କରାଟେ ସଂଘ ଓ ଉତ୍କଳ କରାଟେ ସ୍କୁଲ ନେଇ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଆଉ ଏକ ସାଂଘାତିକ ଜାଲିଆତିର ସୂଚନା ମିଳୁଛି। ଜାଲ ରେଣ୍ଟ ଆଗ୍ରିମେଣ୍ଟରେ ଓଡ଼ିଶା ଜୁଜିସୁ ଆସୋସିଏସନ ଗଠନ କରାଯାଇଥିଲା ବୋଲି ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ପ୍ରଦ୍ୟୁମ୍ନ କୁମାର ବେବର୍ତ୍ତା। ଓଡ଼ିଶା ଜୁ-ଯୀଶୁ ଆସୋସିଏସର ସମ୍ପାଦକ ହେଉଛନ୍ତି ହରିହର ପଟ୍ଟନାୟକ। ଓଡ଼ିଶା ଜୁଜିସୁ ଆସୋସିଏସନର ଲେଟର ପ୍ୟାଡରେ ଠିକଣା ରହିଛି ୪-ଏ ଭୋଇ ନଗର, ଆଉ ପଂଜିକୃତ ଅଫିସ ଠିକଣା ରହିଛି ୧୨୫-ସୂର୍ଯ୍ୟନଗର। ଏଭିତରୁ କେଉଁଟା ଠିକ ବୋଲି ପ୍ରଦ୍ୟୁମ୍ନ ପ୍ରଶ୍ନ ଉଠାଇଛନ୍ତି। କାରଣ ସେ ଆରଟିଆରୁ ପାଇଥିବା କିଛି ତଥ୍ୟ କହୁଛି ପଂଜିକୃତ ଅଫିସର ଠିକଣାକୁ ନେଇ ସ୍ପଷ୍ଟ ଜାଲିଆତି ହୋଇଛି। ୧୨୫-ସୂର୍ଯ୍ୟନଗର ଘରର ମାଲିକ ହେଉଛନ୍ତି ୮୩ ବର୍ଷ ବୟସ୍କ ଗିରିଜା ଶଙ୍କର ମହାନ୍ତି। ଓଡ଼ିଶା ଜୁ-ଯୀଶୁ ଆସୋସିଏସନର ଠିକଣା ବିବାଦ ସାମ୍ନାକୁ ଆସିବା ପରେ ⇨ପୃଷ୍ଠା-୬



- ଜାଲ୍ ରେଣ୍ଟ ଏଗ୍ରିମେଣ୍ଟରେ କରାଟେ ସଂଘ !
- ସରକାରୀ ଚାକିରିଆ ବି ସଂଘର କର୍ମକର୍ତ୍ତା

## ମାଲକାନଗିରିରେ ଏନ୍‌ଆଇଏ ରେଡ୍

ମାଲକାନଗିରି, ୧୨।୧୨ (ସଂଚାର ବ୍ୟୁରୋ): ଜାତୀୟ ତଦନ୍ତକାରୀ ସଂସ୍ଥା(ଏନଆଇଏ) ପକ୍ଷରୁ ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଅନନ୍ତପାଲି ଗାଁରେ ଚଢ଼ାଉ କରାଯାଇଛି। ମାଓ ଲିଙ୍କ ଭିତ୍ତିରେ ହାଇଦ୍ରାବାଦର ଏନଆଇଏ ଟିମ୍ ଗୁରୁବାର ଭୋର ୩ଟାରୁ ଚଢ଼ାଉ କରିଛି। ଏଥିରେ ⇨ପୃଷ୍ଠା-୬



### କାନ ଡେରିଥା

ଗେଣ୍ଡା ସରକାରେ କୋଟିକୋଟି<br>ଅର୍ଥ<br>ଖାଉଥିଲେ ତାଙ୍କ ନେତା<br>ସରକାର ଏବେ ପଲଟି ଗଲାଯେ<br>ଆଉ କାଟିବେନି ଫିତା<br>ଲୋକଙ୍କୁ ଦେଖାଇ ଛତା...<br>ଚବିଶି ବରଷ ଶଙ୍ଖ ଫୁଙ୍କୁଥିଲେ<br>ଏବେ ରହିବନି ଖାତା ।

■ ଦେବାଶିଷ

# ବିଜେଡି ନେତାଙ୍କୁ ଗ୍ରାସିଲାଣି ପାଣ୍ଠି ଚିନ୍ତା





### ଧରାଛୁଆଁ ଦେଉନାହାନ୍ତି କ୍ରୀତଦାସ
### ସନ୍ୟାସୀ ବି ହାତ ଖୋଲୁ ନାହାନ୍ତି

ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ବିଜୁ ଜନତା ଦଳକୁ ଟ୍ରାକକୁ ଫେରଇବାପାଇଁ ହେଉଥିବା ଉଦ୍ୟମ ରାସ୍ତାରେ ଏବେ ଉଭୟ ସନ୍ୟାସୀ ଓ କ୍ରୀତାଦାସ କଣ୍ଟା ସାଜିଛନ୍ତି । ପାଣ୍ଠି କଥା ଶୁଣିଲେ କେହି ଧରାଛୁଆଁ ଦେଉ ନାହାନ୍ତି । ଏଥିପାଇଁ କେବଳ ସଭ୍ୟ ସଂଗ୍ରହ ପ୍ରଭାବିତ ହୋଇନାହିଁ, ନବୀନଙ୍କ ଜିଲ୍ଲାବୁଲା ବି ହୋଇପାରୁନଥିବା ନେଇ ଆଲୋଚନା ହେଉଛି।

ବିଜୁ ଜନତାଦଳ ନିକଟରେ ପାଣ୍ଠିର ଅଭାବ ନାହିଁ । ହେଲେ ଏ ପାଣ୍ଠି କାଗଜପତ୍ରରେ ରହିଛି। କିନ୍ତୁ ସବୁ ଦଳ ଭଳି ବିଜେଡିର ମଧ୍ୟ କିଛି ଅଦୃଶ୍ୟ ପାଣ୍ଠି ରହିଛି ଯାହାର ମାର୍ଫତାଦର ହେଉଛନ୍ତି ସନ୍ୟାସୀ ଓ କ୍ରୀତଦାସ । ନିର୍ବାଚନ ସମୟରେ ଏ ଦୁଇ ଜଣ ଅଦୃଶ୍ୟ ପାଣ୍ଠିର ପରିଚାଳନା ଦାୟିତ୍ୱରେ ଥିଲେ । କାହାକୁ ଲଢିବାକୁ କେତେ ଦିଆଯିବା ତାହା ନିଷ୍ପତ୍ତି ସହିତ ସେହି ଅନୁଯାୟୀ ଅର୍ଥ ପ୍ରଦାନ କରାଯାଉଥିଲା । ଦଳୀୟ ଖାତାରୁ ଯାହା ଯାଉଥିବା ତାହା କାଜଗଜପତ୍ରରେ ଦର୍ଶାଯାଉଥିଲା ।

ବର୍ତ୍ତମାନ ଦଳ ଅତ୍ୟନ୍ତ ଘଡିସନ୍ଧି ମୂହୂର୍ତ୍ତ ଦେଇ ଗତି କରୁଥିବାବେଳେ ତାହାକୁ ଟ୍ରାକକୁ ଫେରାଇ ଆଣିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚାଲିଛି । ଦଳୀୟ ସାଂସଦ ଓ ବିଧାୟକଙ୍କୁ ନେଇ ନବୀନ ଘନ ଘନ ବୈଠକ କରୁଛନ୍ତି। ନିଜେ ବି ମଇଦାନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି। ହେଲେ ଏଥିପାଇଁ ବିପୁଳ ପାଣ୍ଠିର ଆବଶ୍ୟକତା ରହିଛି। ଦଳୀୟ ଖାତାରୁ ଏତେସବୁ ଖର୍ଚ୍ଚ କରିବା ସମ୍ଭବ ନୁହେଁ। ତେଣୁ ଅଦୃଶ୍ୟ ପାଣ୍ଠିରୁ ଏଥିପାଇଁ ଖର୍ଚ୍ଚର ନିହାତି ଆବଶ୍ୟକ।

ହେଲେ ପାଣ୍ଠିର ଦୁଇ ମାର୍ଫତଦାର ମାଲ୍ ଛାଡିବାକୁ ନାରାଜ । ସନ୍ୟାସୀ ପାଣ୍ଠି ଛାଡିବାକୁ କ୍ରୀତଦାସଙ୍କୁ କହୁଥିବାବେଳେ ସେ କିନ୍ତୁ ଆଉ ଧରାଛୁଆଁ ଦେଉନଥିବା ଚର୍ଚ୍ଚା ହେଉଛି । ଏପରିକି ରାଜଧାନୀରେ ଥିଲେ ବି ସମ୍ବଲପୁରରେ ଥିବା କହିଦେଉଛନ୍ତି । ପଇସା କଥା ପଡିଲେ ନାନା ବାହାନା ଦେଖାଉଛନ୍ତି । ସେପଟେ ସନ୍ୟାସୀ ବି ପାଣ୍ଠି ଛାଡିବାକୁ ନାରାଜ । କାରଣ ସିଏ ଭଲଭାବେ ଜାଣିଛନ୍ତି ତାଙ୍କ ନିକଟରୁ ପାଣ୍ଠି ସରିଲେ ଏଇ କ୍ରୀତଦାସ ତାଙ୍କୁ ଅଳିଆ ଗଦାକୁ ଠେଲିଦେବ । ଦଳୀୟ କର୍ମୀ ଓ ନେତା ତାଙ୍କୁ ପାଞ୍ଚ ପଇସାରେ ପଚାରିବେ ନାହିଁ । ଏବେ ଯେଉଁମାନେ ତାଙ୍କ ବୋଲ ମାନୁଛନ୍ତି ସେମାନେ ଆଉ ଫୋନ୍ ଧରିବେ ନାହିଁ ।

ଏଭଳି ସ୍ଥିତିରେ ଏବେ ନବୀନଙ୍କ ଆୟୁଧ କରି ବିଜେଡିକୁ ବଳ ଦେବାକୁ ଆଗକୁ ବାହାରିଥିବା ଦେବୀ ମିଶ୍ର, ଅତନୁ ସବ୍ୟସାଚୀଙ୍କ ନେତାମାନେ ଏକପ୍ରକାର ଅକଳରେ ପଡି ଯାଇଛନ୍ତି । ଆଗକୁ ବଢିବେ କି ଅଟକିବେ ଜାଣିପାରୁ ନାହାନ୍ତି । ତେଣେ ବିଜେପି ଯେଭଳି ଭାଡି ଖାଲି କରିବାରେ ଲାଗିଛି ସେଥିରେ ବ୍ରେକ୍ ନଦେଲେ ଆଗାମୀ ଦିନରେ ବିଜେଡିର ଦିଲ୍ଲୀ ରାଜନୀତିରେ ପୂର୍ଣ୍ଣଚ୍ଛେଦ ପଡିଯିବ।

ଦଳର ଏଭଳି ସଙ୍କଟ ସମୟରେ ସନ୍ୟାସୀଙ୍କ ଓ କ୍ରୀତଦାସଙ୍କ ଆଚରଣ ଏବେ ବିଜେଡିର ଅନେକ ତୁଙ୍ଗ ନେତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କିଛି ⇨ପୃଷ୍ଠା-୬

### ମେମ୍ବରସିପ୍ କିଜିୟେ, ନେହିଁ ତୋ ଦଲ ଡୁବ୍ ଯାଏଗା

- ଅସହାୟ ନବୀନ: ମାମଲତକାର ନିରବ
- ବେଇଜତ କରୁଛନ୍ତି କର୍ମୀ

ମେମ୍ବରସିପ୍ କିଜିୟେ, ନେହିଁ ତୋ ଦଲ ଡୁବ୍ ଯାଏଗା (ସଭ୍ୟ ସଂଗ୍ରହ କରି ନହେଲେ ଦଳ ବୁଡି ଯିବ) । ଦଳୀୟ ବିଧାୟକଙ୍କୁ ଡାକି ହିନ୍ଦୀ ଭାଷାରେ ଏଭଳି ଅନୁରୋଧ ହେଉଛି ବିଜେଡିର ସର୍ବମୟ କର୍ତ୍ତା ନବୀନ ପଟ୍ଟନାୟକଙ୍କର। ଦଳର ବିଧାୟକମାନଙ୍କୁ ନେଇ ଚାଲିଥିବା ମାନସ ମନ୍ଥନ ବୈଠକରେ ଖୋଦ ଦଳପତିଙ୍କର ଏଭଳି ଅସହାୟ ସ୍ଥିତି ବିଧାୟକମାନଙ୍କୁ ଦ୍ୱନ୍ଦରେ ପକାଇ ଦେଇଛି । କୋଟିଏ ସଭ୍ୟ ସଂଗ୍ରହ ପାଇଁ ଅଣ୍ଟା ଭିଡିଥିବା ବିଜେଡି ଏଥିରେ ଫେଲ୍ ମାରିଛି । ସଭ୍ୟ ସଂଗ୍ରହର ମଙ୍ଗ ଧରିଥିବା ବରିଷ୍ଠ ନେତାମାନଙ୍କୁ କର୍ମୀମାନେ ତଳ ସ୍ତରରେ ସାଥ୍ ନଦେବାରୁ ସେମାନେ ବି ନିରୂପାୟ । ଦୁର୍ଗ ଭୁଷୁଡିବାର ଖବର ନବୀନଙ୍କ ନିକଟରେ ପହଞ୍ଚିବାପରେ ଦଳପତି ବିଧାୟକମାନଙ୍କର ସହଯୋଗ ଲୋଡିଛନ୍ତି । ହେଲେ ବିଧାୟକମାନେ ବି ହାତ ଟେକି ଦେଉଛନ୍ତି । ଜିଲ୍ଲା ସ୍ତରରେ ନେତା ଓ କର୍ମୀମାନେ କିଭଳି ବ୍ୟବହାର କରୁଛନ୍ତି ତାହା କହୁଛନ୍ତି ।

କିଛି ବିଧାୟକଙ୍କ କହିବାକଥା ଯେ ତଳ ସ୍ତରରେ ହାତଗଣତି କର୍ମୀଙ୍କୁ ବାଦ୍ ଦେଲେ ଅନ୍ୟମାନେ କିଛି କାମଦାମ ପାଇ ନାହାନ୍ତି । ମାମଲତକାରମାନେ ସବୁକାମ ଟେଣ୍ଡର ଜରିଆରେ କରିଛନ୍ତି। କାମ ମାଗିଲେ ସେମାନଙ୍କୁ ନେତାଏ ଥାର୍ଡଫ୍ଲୋର ଦେଖାଇଛନ୍ତି । ତେଣୁ ଏବେ ସେମାନଙ୍କ ନିକଟକୁ ଗଲେ ବେଇଜତ ହେବାକୁ ପଡୁଛି । ଅନେକ ମୁହେଁ ମୁହେଁ ଜବାବ ଦେଉଛନ୍ତି । ଥାର୍ଡଫ୍ଲୋର କୁଆଗେ ଗଲା ବୋଲି ପ୍ରଶ୍ନ କରୁଛନ୍ତି । ଯାହାକୁ କାମ ଦେଇଛ ତାକୁ କୁହ ସଭ୍ୟ ସଂଗ୍ରହ କରିବ ବୋଲି ସଫା ସଫା ଶୁଣାଇ ଦେଉଛନ୍ତି । ତେଣୁ ⇨ପୃଷ୍ଠା-୬

### ସମସ୍ୟା ଘେରରେ ପାଟକୁରା ବଜାର

# ଅଣ୍ଟା ଭିଡ଼ିଲା ପ୍ରଶାସନ, କଲା ଅସ୍ଥାୟୀ ପାର୍କିଂ ସୁବିଧା

**କେନ୍ଦ୍ରାପଡ଼ା, ୧୨।୧୨ (ସଂଚାର ବ୍ୟୁରୋ) :** ପାଟକୁରା ବଜାରରେ ଦିନକୁ ଦିନ ଭିଡ଼ ପରିଲକ୍ଷିତ ହେଉଥିଲା । ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗାଡ଼ି ପାର୍କିଂର ସୁବିଧା ନଥିବାରୁ ପ୍ରତ୍ୟେକ ଦିନ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ମେଡ଼ିକାଲ ପରିସରରେ ଗାଡ଼ି ପାର୍କିଂର ସୁବିଧା ନଥିବାରୁ ମେଡ଼ିକାଲ ସାମ୍ନାରେ ଥିବା ମୁଖ୍ୟ ରାସ୍ତା ମଧ୍ୟରେ ଶହ ଶହ ସଂଖ୍ୟକ ମଟର ସାଇକେଲ ଏବଂ ଚାରି ଚକିଆ ଯାନ ରଖି ଆସୁଥିଲେ । ଦୈନିକ ବଜାର ଦେଇ ଯାତାୟତ କରୁଥିବା ଲୋକେ ଏବଂ ମେଡ଼ିକାଲକୁ ଆସୁଥିବା ଆମ୍ବୁଲାନ୍ସ ରୋଗୀଙ୍କୁ ନେବା ଆଣିବାରେ ବିଳମ୍ବ ବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ଦୃଶ୍ୟ 'ସଂଚାର' ଟିମ୍‌ଙ୍କ ନଜରକୁ ଆସିବା ପରେ ଏନେଇ ଗତକାଲି ଖବରର ଶୀର୍ଷକ ସମସ୍ୟା ଘେରରେ ପାଟକୁରା ବଜାର, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ପାର୍କିଂ ବ୍ୟବସ୍ଥା ନେଇ ଖବର ପ୍ରକାଶିତ ହେବା ପରେ ଘଟଣାକୁ ଗୁରୁତ୍ୱ ଦେଇଛି ପ୍ରଶାସନ। ଗୁରୁବାର ଅପରାହ୍ନ ସମୟରେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ଉପସ୍ଥିତରେ ଗରଦପୁର ଅତିରିକ୍ତ ତହସିଲଦାର ଗୁଡୁରା ହେମ୍ବ୍ରମ୍, ପାଟକୁରା ଥାନା ଅଧିକାରୀ ପ୍ରଦୀପ ପ୍ରଧାନ, ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିରଞ୍ଜନ କରଙ୍କ ସହ ସ୍ଥାନୀୟ ଲୋକେ ପ୍ରତିନିଧି ଏବଂ ପାଟକୁରା ଗ୍ରାମର କିଛି ବ୍ୟକ୍ତି ବିଶେଷ ମଧ୍ୟ ଉପସ୍ଥିତ ରହି ତୁରନ୍ତ ସମସ୍ୟାର ସମାଧାନ ପାଇଁ



**ବ୍ଲକ୍ ଅଧ୍ୟକ୍ଷଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ କଲେ ସ୍ଥାନ ନିରୂପଣ**

**'ସଂଚାର' ଖବର ପ୍ରସାରଣ କରିଥିଲା**

ପଦକ୍ଷେପ ଗ୍ରହଣ କରିଛନ୍ତି।

ମେଡ଼ିକାଲ ସାମ୍ନାରେ ଥିବା କହ୍ନେଇଲାଲ୍ ମଠ ପରିସର ସ୍ଥାନକୁ ନୂତନ ଅସ୍ଥାୟୀ ପାର୍କିଂ ସ୍ଥଳ କରିବା ପାଇଁ ନିଷ୍ପତ୍ତି ନେବା ନେବା ସହିତ ସେହି ସ୍ଥାନକୁ ମଧ୍ୟ ପରିଦର୍ଶନ କରିଥିଲେ । ଏହାପରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ହୋଇଥିଲା । ଏଥିରେ ଉପସ୍ଥିତ ଅଧିକାରୀଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷ ତଳକୁସୁମା ସମିତି ସଭ୍ୟ ପ୍ରଭାସ ଚନ୍ଦ୍ର ସାହୁ, ବୁଲୁ ନନ୍ଦି ପ୍ରମୁଖ ପାଟକୁରା ବଜାର ଟ୍ରାଫିକ ସମସ୍ୟା ସହ ମେଡ଼ିକାଲର ସମସ୍ୟାକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ । ପୂର୍ବରୁ ହୋଇଥିବା ସମସ୍ୟା ଆଗାମୀ ଦିନରେ ଆଉ ହେବନାହିଁ ବୋଲି ସଂଚାରକୁ ସୂଚନା ଦେଇଛନ୍ତି । ନିଷ୍ପତି ନେଇଥିବା ଅସ୍ଥାହି ପାର୍କିଂରେ ପ୍ରତ୍ୟେକ ଦିନ ସିକ୍ୟୁରୁଟି ଗାର୍ଡଙ୍କ ସହ ଦୁଇଜଣିଆ ପୋଲିସ ଫୋର୍ସ ଉପସ୍ଥିତ ରହିବେ ବୋଲି ପାଟକୁରା ଥାନା ଅଧିକାରୀ ବୈଠକରେ ସୂଚନା ଦେଇଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ପାଟକୁରା ବଜାର ଏକ ଗୁରୁତ୍ୱପୂର୍ଣ୍ଣ ବଜାର କାରଣ ଏହି ସ୍ଥାନରେ ଥାନା, ମେଡ଼ିକାଲ, ସ୍କୁଲ ସମେତ ସାପ୍ତାହିକ ପରିବା ହାଟ ମଧ୍ୟ ବସିଥାଏ । ବର୍ତ୍ତମାନ ଏହି ବଜାରରେ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ବଜାର କଳେବର ବଢୁଥିବା ବେଳେ ରାସ୍ତାଘାଟ, ଟ୍ରାଫିକ ବ୍ୟବସ୍ଥା ଠିକ୍ ରହୁନଥିବା ଦେଖା ଦେଖାଦେଇଥିଲା । ଏଠାରେ ଗ୍ରାମ ବ୍ୟାଙ୍କ, ବଜାର ନିକଟରେ ପଞ୍ଚାୟତ କାର୍ଯ୍ୟାଳୟ, ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ,ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ, ଜଳସମ୍ପଦ ଅଫିସ୍, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପ୍ରାଣୀ ଚିକିତ୍ସା କେନ୍ଦ୍ର ସମେତ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଅଛି । ଏହି ବଜାର ଉପରେ ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ୩୦ଟି ପଞ୍ଚାୟତରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ପ୍ରତିଦିନ ହଜାର ହଜାର ସଂଖ୍ୟକ ଲୋକଙ୍କ ସମାଗମ ହେବା ଯୋଗୁ ସମସ୍ୟା ଉପୁଜିଥିଲା। ଏବେ ସମସ୍ୟା ସମାଧାନ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପରେ ସ୍ଥାନୀୟ ଲୋକେ ସଂଚାରର କାର୍ଯ୍ୟକୁ ଭୂରି ଭୂରି ପ୍ରଶଂସା କରିଛନ୍ତି ।

### ବେଲପାଳ ସରପଞ୍ଚ ପଦଚ୍ୟୁତ

## ନାଏବ ସରପଞ୍ଚଙ୍କୁ ଦାୟିତ୍ୱ

**ରାଜନଗର, ୧୨।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବେଲପାଳ ପଞ୍ଚାୟତର ସରପଞ୍ଚ ତିଳୋତମା ବରାଳ ଆସ୍ଥା ଭୋଟରେ ପରାଜୟ ବରଣ କରିବା ସହ ପଦ ହରାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୧ ଡିସେମ୍ବର ୨୦୨୪ରେ ଚିଠି ନଂ ୧୬୬୮ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସରପଞ୍ଚ ତିଳୋତମା ବରାଳଙ୍କୁ ସରପଞ୍ଚ ପଦବୀରୁ ପଦଚ୍ୟୁତ କରାଯିବା ସହିତ ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜ୍ଞପ୍ତି



ଅନୁଯାୟୀ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୪ (୧)ରେ ଗୃହୀତ ଅନାସ୍ଥା ପ୍ରସ୍ତାବର ପ୍ରକାଶନ କରାଗଲା ଓ ଉକ୍ତ ଆଦେଶ ପ୍ରଦାନ ଦିନ ଠାରୁ ସରପଞ୍ଚ ଶ୍ରୀମତୀ ବରାଳଙ୍କୁ ସରପଞ୍ଚ ପଦବୀରୁ ପଦଚ୍ୟୁତ କରାଗଲା ବୋଲି କୁହାଯାଇଛି। ଦୀର୍ଘ ୩ ମାସର ଟଣା ଓଟରା ପରେ ଗତକାଲି ଅନାସ୍ଥା ପାଇଁ ଭୋଟ ପଡ଼ିଥିଲା। ଅନାସ୍ଥା ସପକ୍ଷରେ ୮ଜଣ ୱାର୍ଡ ସଭ୍ୟ ସଭ୍ୟା ଭୋଟ ଦେଇଥିବା ବେଳେ ଅନାସ୍ଥା ବିପକ୍ଷରେ କେବଳ ସରପଞ୍ଚ ନିଜେ ଖଣ୍ଡିଏ ଭୋଟ ଦେଇଥିଲେ। ତହସିଲଦାର ତଥା ଅନାସ୍ଥା ଭୋଟର ନିର୍ବାଚନ ଅଧିକାରୀ ଅଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ୧୧ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ୩ଜଣ ୱାର୍ଡ ସଭ୍ୟ ସଭ୍ୟା ଅନୁପସ୍ଥିତ ଥିଲେ। ୮ଜଣ ୱାର୍ଡ ସଭ୍ୟା ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିବାରୁ କୋରମ ହେବାରୁ ବୈଠକ ହୋଇଥିଲା। ରାଜନଗର ତହସିଲଦାର ଏହି ସ୍ୱତନ୍ତ୍ର ବୈଠକର ବିବରଣୀ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବା ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ଗତକାଲି ଅନାସ୍ଥା ଭୋଟ ଓ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅନ୍ୟ ପଞ୍ଚାୟତ ଗୁଡିକରେ ଯେଉଁଠି ବିରୋଧି ପକ୍ଷରେ ଅଧିକ ୱାର୍ଡ ସଭ୍ୟ ଅଛନ୍ତି, ସେ ପଞ୍ଚାୟତ ଗୁଡିକରେ ଅନାସ୍ଥାକୁ ନେଇ ଚର୍ଚ୍ଚା ଆଲୋଚନା ଯୋର ଧରିଛି।

### ରୋଗୀଙ୍କୁ ବେଡସିଟ୍ ନ ମିଳିବା ଓ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ଗାଡ଼ି ପାର୍କିଂ ଘଟଣା

# କର୍ମଚାରୀଙ୍କୁ ତାଗିଦ୍ କଲେ କର୍ତ୍ତୃପକ୍ଷ

**ମହାକାଳପଡ଼ା, ୧୨।୧୨ (ସଂଚାର ବ୍ୟୁରୋ) :** ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ବେଡସିଟ୍ ମିଳୁନି ଓ କେନ୍ଦ୍ର ଭିତରେ କର୍ମଚାରୀ ଗାଡି ପାର୍କିଂ କରୁଛନ୍ତି। ଯାହା ଦୈନିକ ଖବରକାଗଜ 'ସଂଚାର'ରେ ପ୍ରକାଶିତ ହୋଇଥିଲା । ଖବର ପ୍ରକାଶିତ ହେବା



ପରେ ତତ୍ପରତା ପ୍ରକାଶ କରିଛନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ୍ ଅଫିସର ଡ଼. ନିରଞ୍ଜନ କର। ବେଡ଼ ସିଟ୍ ଯୋଗାଇବାରେ ଅବହେଳା ଓ ମେଡିକାଲ୍ ଭିତରେ କର୍ମଚାରୀ ଗାଡି ପାର୍କିଂ କରିବା ଘଟଣାରେ କର୍ମଚାରୀମାନଙ୍କୁ ତାଗିଦ୍ କରିଛନ୍ତି କର୍ତ୍ତୃପକ୍ଷ।

ସୂଚନା ଥାଉକି ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ କର୍ମଚାରୀଙ୍କ ଗାଡ଼ି ପାର୍କିଂ ଓ ଚିକିତ୍ସା ପାଇଁ ଆସୁଥିବା ରୋଗୀ ମାନଙ୍କୁ ବେଡ୍ ସିଟ୍ ନଦେବାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଗାଡ଼ି ପାର୍କିଂ ପାଇଁ ଯାଗାର ଅଭାବ ହେଲା ଯେ କେନ୍ଦ୍ର ଭିତରେ ରଖିବାକୁ ପଡିଲା। ପରିସରକୁ ବିଶୋଧନ ପାଇଁ ନାନା ପ୍ରକାର ବ୍ୟବସ୍ଥା ଆପଣାଉଥିବା ବେଳେ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ଗାଡ଼ି ପାର୍କିଂ ସ୍ଥାନ ସାଜିଛି। ଯେଉଁଠି ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ବାତାବରଣ ସୃଷ୍ଟି କରିବା କଥା ସେଠାରେ ଗାଡ଼ି ପାର୍କିଂ ସ୍ଥଳ ବନାଇ ସାରିଲେଣି। କେବଳ ସେତିକି ନୁହେଁ ଚିକିତ୍ସା ପାଇଁ ଯାଉଥିବା ବ୍ୟକ୍ତିଙ୍କୁ ବେଡସିଟ୍ ଦିଆଯାଉନଥିବା ଆମ ନଜରକୁ ଆସିବା ପରେ 'ସଂଚାର'ରେ ଖବର ପ୍ରକାଶ କରିଥିଲୁ।

ଏ ଘଟଣାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରା ପ୍ରାପ୍ତ ମେଡିକାଲ୍ ଅଫିସର

**ସଂଚାରରେ ଖବର ପ୍ରସାରଣ ପରେ ହଟଚମଟ**

ଡ଼.ନିରଞ୍ଜନ କରଙ୍କୁ ଆମେ ଜଣାଇବା ପରେ ସେ କର୍ମଚାରୀ ମାନଙ୍କୁ ତାଗିଦ୍ କରିଥିବା ସୂଚନା ଦେଇଛନ୍ତି। ସେ ପୁଣି କହିଛନ୍ତି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆବଶ୍ୟକ ଅନୁଯାୟୀ ବେଡ୍ ସିଟ୍ ମହଜୁଦ ଅଛି। ହେଲେ କର୍ମଚାରୀ ଜଣଙ୍କ ଠିକ୍ ସମୟରେ ଦେଇ ପାରି ନାହାଁନ୍ତି। ଗାଡ଼ି ପାର୍କିଂ ପାଇଁ ସମସ୍ତଙ୍କୁ ମନା କରାଯାଇଛି। ଯଦି ପୁଣି ସେମିତି କିଛି ସାମ୍ନାକୁ ଆସେ ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବଡ଼ ଭାଇର ବିବାହ ଦିନ ଚାଲିଗଲା ସାନ ଭାଇର ଜୀବନ

**କେନ୍ଦ୍ରାପଡ଼ା/ମାର୍ଶାଘାଇ, ୧୨।୧୨ (ସଂଚାର ବ୍ୟୁରୋ):** ବଡ଼ ଭାଇ ର ବିବାହ ସାରି ଫେରୁଥିବା ସମୟରେ ସଡ଼କ ଦୁର୍ଘଟଣାରେ ସାନଭାଇର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହାତ ହୋଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏମିତି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ରାମଚନ୍ଦ୍ରପୁର ଗ୍ରାମରୁ। ସେହି ଗ୍ରାମର ନାରାୟଣ ମହାନ୍ତିଙ୍କ ବଡ଼ ପୁଅ ତନ୍ମୟ ମହାନ୍ତିଙ୍କ ବିବାହ ଜଗତସିଂହପୁର ବାଲିଆ ଅଞ୍ଚଳରେ ସ୍ଥିର ହେଇଥିଲା। ଗତ ବୁଧବାର ଗୋରେଖନାଥଙ୍କ ପୀଠରେ ବିବାହ କାର୍ଯ୍ୟ ସ୍ଥିର କରାଯାଇଥିଲା। ବିବାହ ସମ୍ପୂର୍ଣ୍ଣ ହେବା ପରେ ରାତି ପ୍ରାୟ ୧୧ ଘଟିକା ସମୟରେ ସମସ୍ତେ ଘରକୁ ଫେରୁଥିଲେ।



ବରଙ୍କ ସାନ ଭାଇ ମନୋଜ କୁମାର ମହାନ୍ତି (୨୪) ଓ ରବିନ୍ଦ୍ର ମହାନ୍ତିଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ମହାନ୍ତି (୧୭) ଏକ ବାଇକ୍ ଯୋଗେ ଫେରୁଥିଲେ। ଫେରୁଥିବା ସମୟରେ ତିର୍ତ୍ତୋଲ ଜଇପୁର ଛକ ନିକଟରେ ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେବାରୁ ସେମାନେ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରୁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଆହତ ହୋଇଥିବା ପୂର୍ଣ୍ଣଚନ୍ଦ୍ର ମହାନ୍ତି ଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି। ପୂର୍ଣ୍ଣଚନ୍ଦ୍ରଙ୍କ ବୟସ ୧୭ ବର୍ଷ। ସେ +୨ ରେ ପାଠ ପଢୁଛନ୍ତି। ଏହି ଘଟଣାରେ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବାବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅଭିଯୋଗ କଲେ ରାଗି ଯାଉଛନ୍ତି ସିଡିପିଓ

**ମହାକାଳପଡ଼ା, ୧୨।୧୨ (ସଂଚାର ବ୍ୟୁରୋ):** ବିଭିନ୍ନ ସମସ୍ୟା,ଦୁର୍ନୀତି ସମ୍ବଳିତ ଅଭିଯୋଗ ଓ ଉଚ୍ଚ ସ୍ତରୀୟ ତଦନ୍ତ ଜନଶୁଣାଣୀ ରେ ଅଭିଯୋଗ କରିବା ପରେ ସିଡିପିଓ ମ୍ୟାଡାମ ରାଗିଯାଉଛନ୍ତି। ଫୋନ୍ କରି ସୂଚନା ଅଧିକାର କର୍ମୀଙ୍କୁ ପଢାଇଛନ୍ତି ଠିକ୍ ଭୁଲ୍ ର ପାଠ। କେବଳ ସେତିକି ନୁହେଁ ଏମିତି ଅଭିଯୋଗ କାହିଁକି କରୁଛ ବୋଲି ତାଗିଦ୍ କରୁଛନ୍ତି। ଏହା କୌଣସି କାହାଣୀ ନୁହେଁ ବରଂ ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକରୁ। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତର ସୁବ୍ରତ କୁମାର ସେଠୀ ଜଣେ ସୂଚନା ଅଧିକାର କର୍ମୀ। ବିଭିନ୍ନ ସମୟରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗି ହୋଇଥିବା ୱାଓଇନ ଓ ଦୁର୍ନୀତି ଭ୍ରଷ୍ଟାଚାର ବିଷୟର ତଥ୍ୟ ଲୋକଲୋଚନାକୁ ଆଣୁଛନ୍ତି। ବିଗତ ଦିନରେ ସେ ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ହଳଧରପଡା-୨ ଅଙ୍ଗନୱାଡି କେନ୍ଦ୍ରର ସହାୟକ ପଦବୀ ଆବେଦନ କ୍ଷେତ୍ରରେ ଜାଲ୍ ଜାତି ପ୍ରମାଣପତ୍ର ଦାଖଲ କରିବା ଘଟଣା,ଗୁହାଳକଣି ଓ ତେର ଗାଁ ଅଙ୍ଗନୱାଡି କେନ୍ଦ୍ରର ଗୃହ ନଥିବା ଘଟଣା, ମାର୍ଶାଘାଇ ବ୍ଲକ୍ ରେ ଯୋଗାଣ ଦାୟିତ୍ୱର ସବିଶେଷ ସୂଚନା ମାଗିବା ପରେ ଜନ ଶୁଣାଣିରେ ବିଭାଗୀୟ କାର୍ଯ୍ୟାଳୟ ଓ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହାକୁ ନେଇ ସୁବ୍ରତ ସାମାଜିକ ଗଣମାଧ୍ୟମରେ ଲେଖି ଲୋକଲୋଚନକୁ ଆଣୁଛନ୍ତି। ଯାହାକୁ କେନ୍ଦ୍ର କରି ମହାକାଳପଡ଼ା ସିଡିପିଓ କବିତା ମଲ୍ଲିକ ସୂଚନା ଅଧିକାର କର୍ମୀ ସୁବ୍ରତ ସେଠୀଙ୍କୁ ଫୋନ୍ କରି କରିଥିଲେ। ସମ୍ପୂର୍ଣ୍ଣ ତଥ୍ୟ ନଜାଣି ମିଛରେ ଅଭିଯୋଗ କରିବା, ମହାକାଳପଡ଼ା ସିଡିପିଓ କ'ଣ ଦୁର୍ନୀତି କରିଛନ୍ତି? ଜାଲ୍ ପ୍ରମାଣପତ୍ର ଦେଇ କିଏ ଚାକିରି ଦେଇଛି? ଏମିତି ପ୍ରଶ୍ନ

**ପଢ଼ାଉଛନ୍ତି ଭୁଲ୍ ଠିକ୍‌ର ପାଠ**

**ଉଦ୍‌ବେଗ ପ୍ରକାଶ କଲେ ସୂଚନା ଅଧିକାର କର୍ମୀ**

ପଚାରି ସୁବ୍ରତଙ୍କୁ ତାଗିଦ୍ କରିଥିବା କଲ୍ ରେକର୍ଡିଂରେ ସ୍ପଷ୍ଟ ଶୁଣିବାକୁ ମିଳୁଛି। ଖାଲି ତାହା ନୁହେଁ ତମେ ବାଙ୍ଗାଲୋରରେ କାମ କରୁଛ ତୁମେ ଅଞ୍ଚଳରେ କାହିଁକି ଏମିତି କରୁଛ ବୋଲି ପ୍ରଶ୍ନ କରି ସୁବ୍ରତଙ୍କୁ ତାଗିଦ୍ କରିଥିବା ସେ ସଂଚାରକୁ କହିଛନ୍ତି? ଏଠି ପ୍ରଶ୍ନ ଉଠୁଛି ଯଦି ଜଣେ ଅଭିଯୋଗକାରୀ ବିଭାଗକୁ ଅଭିଯୋଗ କରିଛନ୍ତି ତେବେ ସେଥିରେ ମହାକାଳପଡ଼ା ସିଡିପିଓ ବିଚଳିତ କାହିଁକି? ଅଭିଯୋଗ ଆଧାରରେ ସେ ଯଦି ନିର୍ଦ୍ଦୋଷ ଓ ତାଙ୍କର କୌଣସି ଭୂମିକା ନାହିଁ ତେବେ ଫୋନ୍ କରି ତାଗିଦ୍ କରିବାର କାରଣ କ'ଣ ହୋଇପାରେ? ଏ ସମସ୍ତ ଘଟଣାର କଲ୍ ରେକର୍ଡିଂ ଏବେ ସଂଚାର ଆଗରେ ହସ୍ତଗତ ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆୟୁଷ ଡାକ୍ତରଙ୍କ ଦାବିପତ୍ର



**କେନ୍ଦ୍ରାପଡା, ୧୨।୧୨ (ସଂଚାର ବ୍ୟୁରୋ) :** ଓଡିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି କେନ୍ଦ୍ରାପଡା ଶାଖା ତରଫରୁ ଏକ ୧୦ ଦଫା ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ପ୍ରାୟ ୮୦ ଜଣ ଆୟୁଷ ଡାକ୍ତର ଦୀର୍ଘ ବର୍ଷ ହେଲା ସ୍ୱଳ୍ପ ଦରମାରେ କାର୍ଯ୍ୟକରି ଆସୁଛନ୍ତି । ନିଜ ଜୀବନକୁ ବାଜି ଲଗାଇ ଏମାନେ କରୋନା ମହାମାରୀ ସମୟରେ ସରକାରଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିଥିବା ବେଳେ ଏମାନଙ୍କର ଦରମା ବଢାଇବା ପାଇଁ ସରକାର ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଉ ନାହାଁନ୍ତି । ଏହି ଡାକ୍ତର ମାନଙ୍କ ଚାକିରୀକୁ ସ୍ଥାୟୀ କରିବା, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ଏମାନଙ୍କୁ ଦରମା ପ୍ରଦାନ କରିବା, ଅବସରକାଳୀନ ଏକକାଳୀନ ରାଶି ପ୍ରଦାନ, ୧୧ ମାସିଆ ଚୁକ୍ତି ସଂପୂର୍ଣ୍ଣ ଉଚ୍ଛେଦ, ପିଆଇ ମୂଳ ଦରମାରେ ମିଶ୍ରଣ, ସାମାଜିକ ସୁରକ୍ଷା ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ କାର୍ଡରେ ଅନ୍ତର୍ଭୁକ୍ତ କରିବା, ରାଜ୍ୟର ସମସ୍ତ ଆୟୁଷ ଡାକ୍ତରଙ୍କୁ ସ୍ୱତନ୍ତ୍ର ଆୟୁଷ ବିଭାଗରେ ଅନ୍ତର୍ଭୁକ୍ତ କରାଯିବା ଆଦି ଦାବି ଗୁଡିକ ରହିଛି । ଜିଲ୍ଲା ସଭାପତି ଡାକ୍ତର ସୀତାକାନ୍ତ କରଙ୍କ ନେତୃତ୍ୱରେ ସଂପାଦକ ସାରଦା ପ୍ରସାଦ କର, ବିକେ ପ୍ରଶାନ୍ତ କୁମାର, ଅନ୍ନପୂର୍ଣ୍ଣା ଜେନା, ମଧୁସ୍ମିତା କର, ପ୍ରଦିପ ଚମ୍ପତି, ପ୍ରିୟମ୍ବଦା ମିଶ୍ର, ଖଗେଶ୍ୱର ନାୟକ ପ୍ରମୁଖ ଆୟୁଷ ଡାକ୍ତର ଏହି ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

### ନିର୍ଦ୍ଦେଶ ଦେଲେ ଦେବୋତ୍ତର କମିଶନର

## ଝୁଲଣ ଘରୁ ହଟିବ ସିନ୍ଦୁକ, ମନ୍ଦିର ପରିସର ରହିବ ସ୍ୱଚ୍ଛ

**କେନ୍ଦ୍ରାପଡା, ୧୨।୧୨ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଥିବା ଝୁଲଣ ଘର, ସ୍ନାନ ମଣ୍ଡପ ଓ ଅନ୍ୟାନ୍ୟ ସ୍ଥାନକୁ ଜବରଦଖଲ କରି ବହୁ ସଂଖ୍ୟକ ସିନ୍ଦୁକ, ଜାଳ କାଠ ପ୍ରଭୃତି ରଖାଯାଇ ଅସ୍ୱାସ୍ଥ୍ୟକର ପରିବେଶ କରା ଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏହାକୁ ଗୁରୁତର ସହ ବିଚାର କରି ଦେବୋତ୍ତର ସଂସ୍ଥାର କମିଶନର ସରଜମିନ ତଦନ୍ତ ପାଇଁ ଡେପୁଟି କମିଶନରଙ୍କୁ ପଠାଇଥିଲେ। ଡେପୁଟି କମିଶନରଙ୍କ ତଦନ୍ତ ରିପୋର୍ଟ ଆଧାରରେ କମିଶନର ଚିଠି ନଂ-୧୦୧୮୫, ତା-୦୯.୧୨.୨୪ ରେ ଏକ ନିର୍ଦ୍ଦେଶନାମା ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ସଭାପତି ତଥା ଉପ ଜିଲ୍ଲାପାଳ ଓ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରି ଚଳିତ ମାସ ଶେଷ ସୁଦ୍ଧା ମନ୍ଦିର ପରିସରରେ ରଖା ଯାଇଥିବା ସିନ୍ଦୁକ, ଜାଳ କାଠ ଓ ଅନ୍ୟାୟ ବ୍ୟକ୍ତିଗତ ସାମଗ୍ରୀକୁ ଅନ୍ୟତ୍ର ହଟାଇବା ସହ ମନ୍ଦିର ପରିସରକୁ ସ୍ୱଚ୍ଛ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଓ ଏହି ନିର୍ଦ୍ଦେଶର କାର୍ଯ୍ୟକାରିତା ସଂପର୍କରେ ଦେବୋତର କମିଶନରଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବାଲିପାଟଣାରେ ବିଶାଳ ଗୋପୂଜନ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୧୨।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା



ପଂଚାୟତ ଠାରେ ଗୃହ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏକ ବିଶାଳ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଯୋଗ ଦେଇ ଗୋମାତାଙ୍କ ପୂଜାର୍ଚ୍ଚନା କରିଥିଲେ। ଶହ ଶହ ଲୋକ ଏହି ବିରଳ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଗୃହଲକ୍ଷ୍ମୀ ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ ।

### ସଡକ ସୁରକ୍ଷା ଅଭିଯାନ କମିଟିର ବୈଠକ

## ଜିଲ୍ଲାରେ ଚଳିତ ବର୍ଷ ଦୁର୍ଘଟଣାରେ ୭୮ ଜଣଙ୍କ ମୃତ୍ୟୁ

**କେନ୍ଦ୍ରାପଡା, ୧୨।୧୨ (ସଂଚାର ବ୍ୟୁରୋ) :** ଜିଲ୍ଲା ସଡକ ସୁରକ୍ଷା ଅଭିଯାନ କମିଟିର ଏକ ସମୀକ୍ଷା ବୈଠକ ଭାରପ୍ରାପ୍ତ ଜିଲ୍ଲପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ବଢୁଥିବା ସଡକ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ଓ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବ୍ୟକ୍ତି ମାନଙ୍କ ଜୀବନର ସୁରକ୍ଷା ପାଇଁ ଅଗ୍ରାଧିକାର ଦିଆଯିବାକୁ ଆଲୋଚନା କରାଯାଇଛି ।



ଜିଲ୍ଲାରେ ୨୦୨୪ ମସିହା ଡିସେମ୍ବର ୧୨ ତାରିଖ ମୋଟ୍ ୧୩୯ଟି ଛୋଟବଡ ଦୁର୍ଘଟଣା ଘଟି ଥିବାବେଳେ ୭୮ଜଣଙ୍କର ପ୍ରାଣ ହାନୀ ହୋଇଛି । ବେପରୁଆ ଦୃତ ଗତିରେ ଗାଡି ଚାଳନା, ହେଲମେଟ ବ୍ୟବହାର ନ କରିବା ଓ ନିଶାଶକ୍ତ ଅବସ୍ଥାରେ ଗାଡି ଚଳାଇବା ଓ ମାଲବୁହା ଗାଡିରେ ଯାତ୍ରୀ ପରିବହନ କରିବା, ଗାଡି ଚଳାଇବା ସମୟରେ ମୋବାଇଲରେ କଥା ହେବା, ୪ଚକିଆ ଯାନରେ ସିଟ ବେଲଟ ନ ବାନ୍ଧିବା ଓ ଟ୍ରାଫିକ ନିୟମ ନ ମାନିବା ଯୋଗୁଁ ଅଧିକାଂଶ ଦୁର୍ଘଟଣା ଘଟିବା ସହ ବହୁ ଲୋକଙ୍କର ଜୀବନହାନୀ ଘଟୁଛି ।

ଏହାକୁ ନିୟନ୍ତ୍ରଣ କରିବା ପାଇଁ ତରାଣ୍ଡୋ ଆଦର୍ଶ ସ୍କୁଲ ନିକଟରେ ହମ୍ପସ୍ ନିର୍ମାଣ, ହେଲମେଟ ଚେକିଂ, ଦୃତଗତି ଓ ନିଶାଶକ୍ତ ଚାଳକ ଠାରୁ ଜରିମାନା ଆଦାୟ, ଓ ନାବାଳକ ଚାଳକଙ୍କ ଅଭିଭାବକଙ୍କ ଠାରୁ ଜରିମାନା ଆଦାୟ ଆଦି ବିଷୟରେ ଆଲୋଚନା କରାଯାଇ ଥିଲା । ଏହି ଅଭିଯାନକୁ କଡାକଡି ପାଳନ କରି ଦୁର୍ଘଟଣା ଓ ମୃତ୍ୟୁହାର କମାଇବା ଦିଗରେ ସମୀକ୍ଷା ବୈଠକରେ ଗୁରୁତ୍ୱ ଦିଆଯାଇ ଥିଲା ।

ସମୀକ୍ଷା ବୈଠକରେ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଆରଟିଓ ଧିରେନ ନାୟକଙ୍କ ସମେତ କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ୧୧୮ ଧାନ ମଣ୍ଡିରେ ଲାଗିବ ସିସି କ୍ୟାମେରା



**କେନ୍ଦ୍ରାପଡା, ୧୨।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲାର ୧୧୮ଟି ଥିବା ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ପରିଚାଳିତ ଧାନ ମଣ୍ଡିରେ ସିସି କ୍ୟାମେରା ଲଗାଯିବା ପାଇଁ ନିଷ୍ପତି ନିଆଯାଇଛି । ବିଜେପି ନେତୃତ୍ୱାଧୀନ ନୂତନ ରାଜ୍ୟ ସରକାର ଚାଷୀ ମାନଙ୍କ ଠାରୁ ଧାନ କିଣା ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଦଲାଲଶୂନ୍ୟ କରିବା ସହ ବାଟମାରଣା ରୋକିବା ଓ ଚାଷୀ ମାନଙ୍କ ଅନ୍ୟାନ୍ୟ ଅସୁବିଧା ଦୂରୀକରଣ ପାଇଁ ଏହି ବ୍ୟବସ୍ଥା ଲାଗୁ କରିଥିବା ଜଣାପଡିଛି । ଚାଷୀମାନେ ଯେପରି କୌଣସି ପ୍ରକାର ଠକାମିର ଶୀକାର ନ ହୁଅନ୍ତି ଓ ସେମାନେ ମଣ୍ଡିକୁ ନେଇ ଆସୁଥିବା ଧାନ ସୁରୁଖୁରୁରେ ବିକ୍ରୟ କରିପାରିବେ ସେଥିପାଇଁ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏନେଇ ଗୁରୁବାର ଜିଲ୍ଲା ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ସମବାୟ ସମିତି ସମୂହର ଉପ ନିବନ୍ଧକ ସନ୍ତୋଷ କୁମାର ଦାସ, ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ ସଚ୍ଚିଦାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହି ସିସି କ୍ୟାମେରା ଲଗାଇବା ଉପରେ ସମୀକ୍ଷା କରିଥିଲେ। ତେବେ ଏହି ସିସି କ୍ୟାମେରା ର ମନିଟରିଂ ବ୍ୟବସ୍ଥା ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବ ବୋଲି ଜଣାପଡିଛି ।

# ପଟ୍ଟାମୁଣ୍ଡାଇ ବ୍ଲକରେ ପାନୀୟଜଳ ଓ ପରିମଳ ତାଲିମ

**ପଟ୍ଟାମୁଣ୍ଡାଇ, ୧୨।୧୨ (ସଂଚାର ବ୍ୟୁରୋ) :** ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ଘରେ ଘରେ ବିଶୁଦ୍ଧ ପାନୀୟଜଳ ଯୋଗାଇବା, ଜଳର ସୁପରିଚାଳନା ଓ ସ୍ୱଚ୍ଛ ନିର୍ମଳ ପରିବେଶ ପାଇଁ ବ୍ୟବସ୍ଥିତ ପରିମଳ ବ୍ୟବସ୍ଥା ଉପରେ ପଂଚାୟତ ପ୍ରତିନିଧି ଓ ନିର୍ବାହୀ ଅଧିକାରୀଙ୍କୁ ନେଇ ଏକ ଦିନିକିଆ ତାଲିମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।




ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଯନ୍ତ୍ରୀ ଇଂ ଜଳଧର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ତାଲିମ ଶିବିରରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଳ ହିଁ ଜୀବନ ଓ ପରିବେଶ ବଞ୍ଚିଲେ ଜୀବଜଗତ ବଂଚିବ ମଟୋକୁ ସଫଳ କରିବା ପାଇଁ ଘରେ ଘରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଜଳ ନଷ୍ଟ ନହେବା ପାଇଁ ଉତ୍ତମ ପରିଚାଳନା ଓ ନିର୍ମଳ ସ୍ୱଚ୍ଛ ପରିବେଶ ପାଇଁ ବ୍ୟବସ୍ଥିତ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱଆରୋପ କରି ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରିବାକୁ ନିବେଦନ କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଶୁଭାଂଶୁ ସାହୁ, କେନ୍ଦ୍ରାପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀଯନ୍ତ୍ରୀ ଇଂ ବସନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶୁଦ୍ଧ ପାନୀୟଜଳ ଯୋଗାଣ ଓ ଉତ୍ତମ ପରିମଳ ବ୍ୟବସ୍ଥା ବଜାୟ ରଖିବା ଉପରେ ଆଲୋକପାତ କରିଥିଲେ ।

ବ୍ଲକ ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ଇଂ ବିଶ୍ୱଜିତ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ସହକାରୀ ଯନ୍ତ୍ରୀ କତୃଶେଷ ବ୍ରହ୍ମା, ସରପଞ୍ଚ ଯଶୋମତୀ ରାଉତ,ଅନିଲ ଲେଙ୍କା ପଦ୍ମିନୀ ବେହେରା, ରଂଜିତା ସାହୁ, ଦୀପ୍ତିମୟୀ ପରିଡା,ଦମୟନ୍ତୀ ସାମନ୍ତରାୟ ଜ୍ଞାନ ରଞ୍ଜନ ଖଣ୍ଡାୟୀ, ସନ୍ତୋଷୀନୀ ଜେନା, ନରେଶ ମଲିକ ରମେଶ ମଲ୍ଲିକ, ନିରାକାର ନାୟକ, ନିରୁପମା ଦାସ, ମମତା ସାମଲ ବନୋଜ ସେଠୀ ସଂଗ୍ରାମ ବାରିକ, ସସ୍ମିତା ସେଠୀ,ଦେବକୀ ମଲିକ, ଦେବବ୍ରତ ନାୟକ,କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମଲିକ, ଅନନ୍ତ ବିଶ୍ୱାଳ, ବିଶ୍ୱଜିତ ଜେନା, ତପନ ପ୍ରଧାନ, ସି ପି ପ୍ରିୟ ରଞ୍ଜନ ସ୍ୱାଇଁ ପ୍ରମୁଖ ବହୁ ସରପଞ୍ଚ ଓ ପଂଚାୟତ ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ । ଶେଷରେ ଇଂ ବିଶ୍ୱଜିତ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଗାଁରେ ମାତିଛନ୍ତି ଦାଦନ ଦଲାଲ

ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ନୂଆପଡ଼ା ଜିଲା କୋମନା ବ୍ଲକର ଗାଁଗୁଡ଼ିକରେ ବଲାଙ୍ଗୀର ଜିଲାର ଦାଦନ ଦଲାଲମାନେ ଆଡ୍ଡା ପକାଇଛନ୍ତି । ରାତି ହେଲେ ଗାଁ ଗାଁରେ ରଖିଥିବା ଦଲାଲମାନଙ୍କ ସହ ଘରକୁ ଘର ଯାଇ ଶ୍ରମିକମାନଙ୍କୁ ବଇନା ଟଙ୍କା ଦେଉଛନ୍ତି । କମ୍ ଟଙ୍କା ଦେଇ ଦାଦନ ଶ୍ରମିକ ଭାବେ ଯିବା ପାଇଁ ଜୋର ଜବରଦସ୍ତ କରୁଛନ୍ତି। ସେଥିରେ ଶ୍ରମିକ ରାଜି ନ ହେଲେ ଗୁଣ୍ଡା ଲଗାଇ ଟେକି ନେଉଥିବା ଅଭିଯୋଗ ହେଉଛି । ଏପରି ଏକ ଘଟଣା ନୂଆପଡା ଜିଲା ଲଖନା ଥାନା ଦଳଦଳି ଗାଁରେ ଘଟିଛି । ସୂଚନା ମୁତାବକ, କୋମନା ବ୍ଲକ ତରବୋଡ ଫାଣ୍ଡି ଅଧୀନ ଜଟଗଡ ଗାଁର ମଧୁ ପରାଭୂଏ(୩୮) ନିଜ ସମ୍ପର୍କୀୟଙ୍କ ସହ ଏକ ବାଇକ୍‌ରେ ବୁଧବାର ଅପରାହ୍ନ ୨ଟା ସମୟରେ କୁରୁମପୁରି ପଞ୍ଚାୟତ ଦଳଦଳି ଗାଁକୁ କୌଣସି କାମରେ ଆସିଥିଲେ। ସେହି ସମୟରେ ବଲାଙ୍ଗୀର ଜିଲା ବେଲପଡା ଥାନା କାନୁଟ ଗାଁର ଦାଦନ ସର୍ଦ୍ଦାରଙ୍କ ସହ ୪ ଜଣ ଏକ ବୋଲେରୋରେ ଆସି ମଧୁଙ୍କୁ ଦଳଦଳି ଗାଁ ଛକ ନିକଟରୁ ଜୋର ଜବରଦସ୍ତ ନେଇ ଯାଇଥିଲେ। ସାଙ୍ଗରେ ଥିବା ସମ୍ପର୍କୀୟଙ୍କୁ ଧକ୍କା ମାରି ବାଇକ୍ ଚାବି ନେଇ ଯାଇଥିଲେ। ପରେ ଚାବିକୁ ଅଧା ବାଟରେ ଫିଙ୍ଗି ଦେଇଥିଲେ। ମଧୁଙ୍କୁ ୪ ଜଣ ବ୍ୟକ୍ତି ବୋଲେରୋରେ ନେଇ ବଡମହେଶ୍ୱର ଗାଁ ନିକଟ ଏକ ଢାବାରେ ମଦ ପିଇବା ପାଇଁ ବାଧ୍ୟ କରିଥିଲେ। ସେ ମନା କରିବାରୁ ତାଙ୍କୁ ଧମକ ଚମକ ଦିଆଯାଇଥିଲା। ଏପରି କି ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ଯିବାକୁ ମନା କରିବାରୁ ସେଠାରୁ ନେଇ ବଡବ୍ୟାଙ୍କ ଗାଁଠାରେ ବୋଲେରୋରୁ ବାହାର କରି ଠେଙ୍ଗାରେ ନିସ୍ତୁକ ମାଡ଼ ମାରିଥିଲେ । ପରେ କାନୁଟ ଗାଁକୁ ନେଇ ଘରେ ପୁରେଇ ପୁଣି ମାଡ ମାରିଥିଲେ। ମାଡ ମାରିବା ନେଇ କାହାକୁ କହିଲେ ପରିବାର ଲୋକଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ମଧୁଙ୍କ ମୁଣ୍ଡ, ପିଠି ଓ ଦୁଇ ଜଙ୍ଘରେ ଗଭୀର ଆଘାତ ଲାଗିଛି। ଅପହରଣ ଖବର ପାଇ ମଧୁଙ୍କ ସ୍ତ୍ରୀ ପ୍ରମିଳା ପରାଭୂଏ (୩୫) ଦୁଇ ପିଲା ମହେଶ (୩) ଓ ରଶ୍ମି (୮ ମାସ)ଙ୍କୁ ଧରି ଏସ୍‌ପି ଅଫିସ ଆସି ଅତିରିକ୍ତ ଏସ୍‌ପି ବେହେରାଙ୍କୁ ଏସବୁ ବିଷୟରେ ଜଣାଇ ଥିଲେ । ଅତିରିକ୍ତ ଏସ୍‌ପି ବେହେରାଙ୍କ ହସ୍ତକ୍ଷେପ ପରେ ରାତି ପ୍ରାୟ ଗୋଟାଏ ସମୟରେ ମଧୁଙ୍କୁ ଧରି ଦାଦନ ସର୍ଦ୍ଦାର ଜଣକ କୋମନା ଥାନାକୁ ଆସିଥିଲେ। କୋମନା ଥାନାରେ ମନା କରିବାରୁ ତରବୋଡ ଫାଣ୍ଡିରେ ପୋଲିସ ଜିମାରେ ମଧୁଙ୍କୁ ଛାଡି ଚାଲି ଯାଇଥିଲେ। ପରେ ପୋଲିସ ମଧୁଙ୍କୁ ତାଙ୍କ ଗାଁକୁ ନେଇ ପରିବାର ଲୋକଙ୍କ ଜିମା ଦେଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅପହରଣର ୩୬ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଏ ନେଇ ପୋଲିସ ମାମଲା ରୁଜୁ କରିନାହିଁ । ଅପହରଣକାରୀ ଆସି ପୋଲିସ ଜିମା ଦେଇ ଚାଲିଯାଉଥିବା ବେଳେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ଏହା ଚର୍ଚ୍ଚାର ବିଷୟ ହୋଇଛି। ଲଖନା ଥାନା ଅଞ୍ଚଳରେ ଘଟଣା ଘଟିଥିବାରୁ ଲଖନା ଥାନାରେ କେସ ହେବ ବୋଲି କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବେହେରାଙ୍କୁ ପଚାରିବାରେ ଅପହରଣକାରୀଙ୍କ ନାମରେ ଲିଖିତ ଅଭିଯୋଗ ହେବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।



## ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ଆଗାମୀ ଡିସେମ୍ବର ୧୬ ତାରିଖ (ସୋମବାର)ରେ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ଅକ୍ଟୋବର ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ହେବ ଏବଂ ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ଏହି ସମସ୍ତ ଆବେଦନକାରୀ ସେମାନଙ୍କର ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦିନ ପାଇଁ ଅନ୍ୟମାନଙ୍କୁ ପଞ୍ଜୀକରଣ ନ କରିବାକୁ ମଧ୍ୟ ବିଭାଗ ତରଫରୁ ଅନୁରୋଧ କରାଯାଇଛି।

## ଟ୍ୱିନ୍ ସିଟି କ୍ରାଇମ୍

### ତିନି ଲ୍ୟାପଟପ୍ ଚୋରଙ୍କୁ ବାନ୍ଧିଲା ଇନ୍ଫୋସିଟି ଥାନା



ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ପଟିଆ ସ୍ଥିତ ଥିବା ଏଆରଏଫ୍ ଡିଜାଇନ୍ ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ଅଫିସରୁ ୫ଟି ଅଫିସ ଲାପଟପ୍ ଚୋରି ହୋଇଯାଇଥିବା ନେଇ ଅଭିଯୋଗକାରୀ ଜଣକ ସମ୍ପୃକ୍ତ କମ୍ପାନୀର ଏଚଆରଙ୍କ ନିକଟରୁ ଜାଣିବାକୁ ପାଇଥିଲେ। ପରେ ଅଭିଯୋଗକାରୀ ଅଫିସରେ ଲାଗିଥିବା ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲେ ଯେ ଦୁଇଜଣ ଦୁର୍ବୃତ୍ତ ଅଫିସ ଭିତରକୁ ପଶି ଲାପଟପ୍ ସବୁକୁ ଚୋରିକରିନେଇଛନ୍ତି। ଏନେଇ ଅଭିଯୋଗକାରୀ ମାନସ ରଞ୍ଜନ ପାଢୀ ଇନ୍ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଙ୍କ ଏତଲା ଆଧାରରେ ଇନ୍ଫୋସିଟି ଥାନା ପୁଲିସ ମାମଲା ରୁଜୁ କରିଥିଲେ, ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ବେଳେ, ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଦାରୁଠେଙ୍ଗ ଗ୍ରାମରୁ ଅଭିଯୁକ୍ତ ଶିବ ପ୍ରସାଦ ବେହେରା, ସୁବ୍ରତ କୁମାର ସାହୁ ଏବଂ ସୂର୍ଯ୍ୟକାନ୍ତ ବେହେରା ଏହି ତିନି ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନଭିନ ସମୟରେ ପୁଲିସ ଅଭିଯୁକ୍ତ ମାନଙ୍କ ହେପାଜତରୁ ମୋଟ ୫ ଗୋଟି ଚୋରା ଲାପଟପ ଜବତ କରିଥିବା ବେଳେ, ସମ୍ପୃକ୍ତ କମ୍ପାନୀର ଅଫିସରୁ ଏହି ଲାପଟପ ସବୁକୁ ଚୋରିକରିଥିବା ନେଇ ଅଭିଯୁକ୍ତ ମାନେ ସ୍ୱୀକାର କରିଥିଲେ।

### ଚାରି ଗଞ୍ଜେଇ ମାଫିଆଙ୍କୁ ମାଡ଼ିବସିଲା ପୋଲିସ



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ମୈତ୍ରିବିହାର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ପୁଲିସ ଟୀମ ଥାନା ଅନ୍ତର୍ଗତ ସାଲିଆ ସାହିରେ ଥିବା ହାତିଆଶୁଣି ଫିଲ୍ଡରେ ଅତର୍କିତ ଚଢଉ କରିବା ସହ ବେଆଇନ ଗଞ୍ଜେଇ ଚାଲାଣ ତଥା ବିକ୍ରୟ କରିବା ଅଭିଯୋଗରେ ପାଞ୍ଚଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ସେମାନଙ୍କ ହେପାଜତରୁ ସମୁଦାୟ ୩୧ କେଜି ଓଜନର ଗଞ୍ଜେଇ, ତିନୋଟି ମୋବାଇଲ ଫୋନ ଏବଂ ଦୁଇଟି ବାଇକ ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତମାନେ ଏହି ବେଆଇନ ଗଞ୍ଜେଇକୁ ନୟାଗଡ ଅଞ୍ଚଳରୁ ସଂଗ୍ରହ କରି ଆଣି ଏଜେଣ୍ଟ ମାନଙ୍କ ଜରିଆରେ ଭୁବନେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବରେ ବ୍ୟବସାୟ କରିଆସୁଥିବା ସ୍ୱୀକାର କରିଥିଲେ । ଏହି ମାମଲାର ଅଧିକ ତଦନ୍ତ ଚାଲୁଥିବା ବେଳେ, ପୁଲିସ ଟିମ ଆଜି ଏକ ବିଶେଷ ସୁତ୍ରରୁ ସୂଚନା ପାଇ ଚଢଉ କରି ଚାରିଜଣ ଏଜେଣ୍ଟ ତଥା ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ସେମାନଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଅଭିଯୁକ୍ତ ରବୀନ୍ଦ୍ର ନାୟକ ଓରଫ ଶିବା ନାମରେ ପୂର୍ବରୁ ମଧ୍ୟ ଭରତପୁର ଥାନାରେ ଗୋଟିଏ ବେଆଇନ ନିଶା କାରବାର ଜନିତ ମାମଲା ରହିଥିବା ବେଳେ, ଅଭିଯୁକ୍ତ ବୁଲୁ ନାୟକ ଓରଫ ବୁଲୁ ନାମରେ ନୟାପଲ୍ଲୀ ଥାନାରେ ୩ଟି ଏବଂ ସୋମନାଥ ଦାସ ଓରଫ ମିରିଣ୍ଡା ନାମରେ ୨ଟି ବେଆଇନ ନିଶା କାରବାର ଜନିତ ମାମଲା ରହିଥିବା ଜଣା ପଡିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ତ୍ରିଲୋଚନ ନାୟକ ଗ୍ୟାଙ୍ଗର ନୂଆ ସଦସ୍ୟ ବୋଲି ଜଣାପଡିଛି।

### ଛୁରିରେ ଆକ୍ରମଣ:୨ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ପାହାଳ ନିକଟସ୍ଥ ଜାତୀୟରାଜପଥ ଉପରେ ଆସୋଟେକ ୱାର୍ଲ୍ଡ ଗେଟ ନିକଟରେ ଛୁରି ଭୁସି ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କଲା ପାହାଳ ଥାନା ପୋଲିସ, ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଆଦିତ୍ୟ ପ୍ରସାଦ ସ୍ୱାଇଁ ଆସୋଟେକ ୱାର୍ଲ୍ଡରେ ଗତ ମାର୍ଚ୍ଚ ମାସରୁ ସିକ୍ୟୁରିଟି ଭାବରେ କାର୍ଯ୍ୟ କରିଆସୁ ଥିବା ବେଳେ, ଅଭିଯୋଗକାରୀ ରାଜ କିଶୋର ସେନାପତି ସେଠାରେ ସିକ୍ୟୁରିଟି ସୁପରଭାଇଜାର ଭାବେ କାର୍ଯ୍ୟ କରନ୍ତି । ଏକ ଘଟଣା କ୍ରମରେ ଅଭିଯୋଗକାରୀଙ୍କ ହସ୍ତକ୍ଷେପ ଫଳରେ ଅଭିଯୁକ୍ତ ଆଦିତ୍ୟକୁ ସେଠାରୁ ପ୍ରତ୍ୟାହାର କରିନିଆଯାଇ ଅନ୍ୟ ଏକ ସ୍ଥାନରେ ନିଯୁକ୍ତି ଦିଆଯାଇଥିଲା । ଏହି କାରଣରୁ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କ ଉପରେ ପ୍ରତିଶୋଧ ନେବା ଲାଗି ସ୍ଥିର କରିଥିଲେ । ଗତ କାଲି ସନ୍ଧ୍ୟା ୮ ଟା ୩୫ ମିନିଟ ସମୟରେ ଅଭିଯୁକ୍ତ ଆଦିତ୍ୟ ଏବଂ ତାଙ୍କ ସହଯୋଗୀ ଅଭିଯୁକ୍ତ ଶଙ୍କର ଏକ ମୋଟରସାଇକେଲରେ ଆସି ଆସୋଟେକ ୱାର୍ଲ୍ଡ ଗେଟ ନିକଟରେ ଅଭିଯୋଗକାରୀଙ୍କୁ ଅପେକ୍ଷା କରି ରହିଥିଲେ। ଅଭିଯୋଗକାରୀ ନିଜର ଡ୍ୟୁଟି ସମ୍ପାଦନ ପରେ ଘରକୁ ଯିବା ଲାଗି ଏନଏଚ-୧୬ ଅତିକ୍ରମ କରିବା ସମୟରେ ପୂର୍ବରୁ ଛକି ରହିଥିବା ଅଭିଯୁକ୍ତ ଦୁହେଁ ତାଙ୍କୁ ପିଛା କରି ତାଙ୍କୁ ରାସ୍ତାରେ ଜୋରଜବରଦସ୍ତ ଅଟକାଇଥିବା ବେଳେ, ଅଭିଯୁକ୍ତ ଆଦିତ୍ୟ ହଠାତ ଏକ ଛୁରି ବାହାର କରି ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ଉଭୟ ସେଠାରୁ ଦ୍ରୁତଗତିରେ ଖସି ପଳାଇ ଯାଇଥିଲେ । ଅଭିଯୋଗକାରୀଙ୍କ କିଛି ବନ୍ଧୁ ତାଙ୍କୁ ଘଟଣା ସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାଇଟେକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଏହି ମାମଲାର ଅଭିଯୋଗ ପରେ ମାମଲା ରୁଜୁକରି ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା, ପରେ ଅଭିଯୁକ୍ତ ମାନଙ୍କୁ ଠାବ କରିବାପରେ ପାହାଳ ଥାନାର ତଦନ୍ତ କାରି ଅଫିସର ଦୁଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ଅପରାଧରେ ବ୍ୟବହୃତ ଛୁରୀ ଓ ମୋଟରସାଇକେଲକୁ ଜବତ କରିଥିଲେ । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ନିଜ ଅପରାଧ ସ୍ୱୀକାର କରିଥିଲେ ।

### ସାମ୍ନା କାଚ ନ ଥାଇ ଗାଡ଼ି ଚଳେଇବା ପଡ଼ିଲା ମହଙ୍ଗା, ଫିଟନେସ୍ ବାତିଲ ସହ ଗାଡ଼ି ସିଜ୍

ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ଗାଡ଼ିରେ ସାମ୍ନା କାଚ ନ ଥିବାରୁ ୧୦ହଜାର ଫାଇନ୍ । ସାମ୍ନା କାଚ ନ ଥାଇ ଗାଡ଼ିରେ ଯାତ୍ରୀ ପରିବହନ କରୁଥିବାରୁ ଲାଗିଲା ୧୦ହଜାର ଫାଇନ୍ । ଭଦ୍ରକ ଆଞ୍ଚଳିକ ପରିବହନ ଅଧିକାରୀ ଗାଡ଼ିର ଫିଟନେସ ବାତିଲ କରିବା ସହ ଗାଡ଼ିକୁ ସିଜ୍ କରି ରଖିଛନ୍ତି । ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ୧୬ନମ୍ବର ଜାତୀୟ ରାଜପଥ ଦେଇ ବାଲେଶ୍ୱରରୁ ଭୁବନେଶ୍ୱର ଏକ ଘରୋଇ ବସ୍ ଯାଉଥିଲା । ବସରେ ସାମ୍ନା କାଚ ନ ଥିଲା । ଖବରପାଇ ଭଦ୍ରକ ଆଞ୍ଚଳିକ ପରିବହନ ଅଧିକାରୀ ବାମଦେବ ସାହୁ, ଟିଏସ ଶର୍ମିଷ୍ଠା ମିଶ୍ରଙ୍କ ସହ ସ୍ୱତନ୍ତ୍ର ଟିମ ପହଞ୍ଚିଥିଲା। ବସର ସାମ୍ନା କାଚ ନ ଥାଇ ଯାତ୍ରୀ ଥିବାରୁ ଗାଡ଼ିକୁ ୧୦ହଜାର ଟଙ୍କା ଫାଇନ ହୋଇଛି। ପରେ ଯାତ୍ରୀଙ୍କୁ ଅନ୍ୟ ଏକ ବସରେ ଭୁବନେଶ୍ୱର ପଠାଇ ଦିଆଯାଇଛି ।

## ଜଳବାୟୁ ସହନଶୀଳତା ବୃଦ୍ଧି ପରିପ୍ରେକ୍ଷୀରେ ଓଡ଼ିଶାରେ କଙ୍କଡ଼ା ଚାଷକୁ ଗୁରୁତ୍ୱ




ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ଭାରତୀୟ ଉପକୂଳ ସମୁଦାୟ ( ଇ ସି ଆ ର ଆ ଇ ସି ସି ) ପ୍ରକଳ୍ପର ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ଆଜି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ (ଏସଆଇଆରଡି) ପରିସରରେ କଙ୍କଡ଼ା ଚାଷ କରୁଥିବା କୃଷକ ଓ ରପ୍ତାନିକାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଙ୍କଡ଼ା ଚାଷୀ, ରପ୍ତାନିକାରୀ, ସରକାରୀ ପ୍ରତିନିଧି ଏବଂ ବୈଷୟିକ ବିଶେଷଜ୍ଞମାନେ ଏକତ୍ରିତ ହୋଇ ନିରନ୍ତର ଜଳଚାଷ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ସହ କିପରି ଏ କ୍ଷେତ୍ରରେ ସୁଦୃଢ଼ ବଜାର ସଂଯୋଗୀକରଣ ହୋଇପାରିବ, ସେ ସଂପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ପରିବେଶ-ତଥା ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ଏବଂ ଇସିଆରସିସି ପ୍ରକଳ୍ପ, ଓଡ଼ିଶାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରେମ କୁମାର ଝା ଉଦଘାଟନ କରି ଓଡ଼ିଶାର ମତ୍ସ୍ୟଚାଷ କ୍ଷେତ୍ରକୁ ସୁଦୃଢ଼ କରିବାରେ ମାଟି କଙ୍କଡ଼ା ଜଳଚାଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଏହି ପଦକ୍ଷେପ କିପରି ଉପକୂଳବର୍ତ୍ତୀ ଅଞ୍ଚଳର ସ୍ଥାନୀୟ ଗୋଷ୍ଠୀ ସମୁଦାୟର ଆୟ ପାଇଁ ସ୍ଥାୟୀ ଉତ୍ସ ହେବା ପାଇଁ ସୁନିଶ୍ଚିତ କରିବ, ସେ ବିଷୟରେ ଆଲୋକପାତ କରିଥିଲେ। ପ୍ରକଳ୍ପର ଅଗ୍ରଗତି, କଙ୍କଡ଼ା ରପ୍ତାନିରେ ଆହ୍ୱାନ ଓ ସୁଯୋଗ ଏବଂ ଅଂଶୀଦାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସାମୁଦ୍ରିକ ଉତ୍ପାଦ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ(ଏମ୍ପିଇଡିଏ)ର ଉପନିର୍ଦ୍ଦେଶକ ଡ. ଅର୍ଚ୍ଚିମାନ ଲାହିରୀ ଆନ୍ତର୍ଜାତିକ ବଜାରରେ ଉନ୍ନତମାନର ମାଟି କଙ୍କଡ଼ାର ଚାହିଦା ବୃଦ୍ଧି ପାଉଥିବା ଏବଂ ଓଡ଼ିଶା ଏ କ୍ଷେତ୍ରରେ ଏକ ଅଗ୍ରଣୀ ରପ୍ତାନିକାରୀ ଭାବେ ଉଭା ହେବାର ପ୍ରଚୁର ସମ୍ଭାବନା ରଖୁଥିବା ଉପରେ ସେ ଆଲୋକପାତ କରିଥିଲେ।

## ସ୍ମାର୍ଟ ସିଟି ମିଶନରେ ୧ ଲକ୍ଷ ୬୭ହଜାର କୋଟିରୁ ଅଧିକ ଟଙ୍କା ନିବେଶ ପାଇଁ ବ୍ୟବସ୍ଥା



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରଥମ ଓ ଦ୍ୱିତୀୟ ପାଳି ଭଳି ତୃତୀୟ ପାଳିର ପ୍ରଥମ ୬ ମାସ ମଧ୍ୟରେ ଦେଶରେ ସ୍ୱଚ୍ଛତାର ପ୍ରସାର ଏବଂ ସହରୀ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା କେନ୍ଦ୍ର ଶିକ୍ଷା ଓ ଉତ୍ତର ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର କହିଛନ୍ତି। ଭୁବନେଶ୍ୱର ଠାରେ ଗଣମାଧ୍ୟମକୁ ବିବୃତି ଦେଇ ଶ୍ରୀ ମଜୁମଦାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ୧୫ ସେପ୍ଟେମ୍ବର ଠାରୁ ୨ ଅକ୍ଟୋବର ପର୍ଯ୍ୟନ୍ତ 'ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା'କୁ ନେଇ ସମ୍ପୂର୍ଣ୍ଣ ଅଭିଯାନ ଆରମ୍ଭ କରିଥିଲେ। ସ୍ୱଚ୍ଛତା କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ଗୁରୁତ୍ୱ ଦେଇ ସରକାର ସ୍ୱଚ୍ଛ ମିତ୍ରଙ୍କୁ ସମ୍ମାନ ଦେବା ଲାଗି ପଦକ୍ଷେପ ନେଇଥିଲେ । ଜନଭାଗିଦାରୀ ବଢ଼ାଇବା ପାଇଁ ସ୍ୱଚ୍ଛତା ଅଭିଯାନରେ ଚଳିତ ବର୍ଷ ୧୭ ଲକ୍ଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ। ସେ ଆହୁରି କହିଥିଲେ, ୧୮ ଲକ୍ଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ୪୩ ଲକ୍ଷ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ବିଭିନ୍ନ ପର୍ବପର୍ବାଣୀକୁ ସ୍ୱଚ୍ଛତା ସହ ଯୋଡ଼ିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ୬୪ ଲକ୍ଷରୁ ଅଧିକ ବ୍ୟକ୍ତିଗତ ଏବଂ ୬.୬୬ ଲକ୍ଷରୁ ଅଧିକ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିଛନ୍ତି । ୨୦୧୪ ପୂର୍ବରୁ ବର୍ଜ୍ୟବସ୍ତୁ ସଂଗ୍ରହ ପ୍ରସାର ଖୁବ୍ କମ୍ ରହିଥିଲା । ଆମ ସରକାର ଆସିବା ପରେ ୯୩ ହଜାର ୬୦୦ରୁ ଅଧିକ ୱାର୍ଡରେ ବର୍ଜ୍ୟବସ୍ତୁ ସଂଗ୍ରହ ପ୍ରସାର ହୋଇଛି । ସାରା ଦେଶରେ ବର୍ଜ୍ୟବସ୍ତୁର ବ୍ୟବସ୍ଥିତ ସଂଗ୍ରହ ୯୭% ୱାର୍ଡରେ ପହଞ୍ଚି ପାରିଛି । ଏହା ସରକାର ବହୁତ ବଡ଼ ଉପଲବ୍ଧି ବୋଲି ସେ କହିଥିଲେ ।

## ଚାଷୀଙ୍କୁ କଥା ଦେଇ କଥା ରଖିଥିଲେ ମୋହନ

### ହଳ, ଲଙ୍ଗଳ, ଧାନବେଣୀ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲା କୃଷକମୋର୍ଚ୍ଚା

ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ଓଡ଼ିଶା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ସରକାର ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାରରେ ଗତ ଡିସେମ୍ବର ୮ତାରିଖ ଦିନ ବରଗଡ଼ ଜିଲ୍ଲା ସୋହେଲା ଠାରେ ଏକ ବିଶାଳ ଚାଷୀ ସମାବେଶରେ ଚାଷୀମାନଙ୍କୁ ଧାନ କ୍ୱିଂଟାଲ ପ୍ରତି ୮ଶହ ଟଙ୍କା ଅନ୍ତରିଣ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ୨୦୧୬ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୧ଶହ ଟଙ୍କା ଧାନ କ୍ୱିଂଟାଲ ପ୍ରତି ଦେବାକୁ ଘୋଷଣା କରିଥିଲେ କିନ୍ତୁ ଦେଲେ ନାହିଁ। ଓଡ଼ିଶାର ଚାଷୀ ମାନଙ୍କୁ ପ୍ରତାରଣା କରିବା ସହିତ ବିଶ୍ୱାସ ଘାତକତା କରିଥିଲେ। ଗତ ୨୦୨୪ ନିର୍ବାଚନରେ ବିଜେପି ସରକାରକୁ ଆସିଲେ ଧାନ କ୍ୱିଂଟାଲ ପ୍ରତି ୩୧୦୦ଟଙ୍କା ପ୍ରଦାନ କରିବା ଘୋଷଣା କରିଥିଲା। କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ପି ୨୩ଶହ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ତରଫରୁ ଅନ୍ତରିଣ ଆର୍ଥିକ ସହାୟତା ୮ଶହ ଟଙ୍କା ଗତ ଡିସେମ୍ବର ୮ ତାରିଖ ଦିନ ବରଗଡ଼ ଜିଲ୍ଲା ସୋହେଲା ଠାରେ ଏକ ବିଶାଳ ଚାଷୀ ସମାବେଶରେ ଚାଷୀ ଦରଦୀ ଲୋକପ୍ରିୟ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରଦାନ କରିଛନ୍ତି। ଓଡ଼ିଶାର ବିଜେପି ସରକାର ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଚାଷୀମାନଙ୍କୁ କଥା ଦେଇ ରଖିଥିବାରୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ନେତା ଆଜି ଭୁବନେଶ୍ୱର ସ୍ଥିତ ବାସଭବନରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କୁ ହଳ ଲଙ୍ଗଳ, ଧାନ ବେଣୀ, ପୁଷ୍ପଗୁଚ୍ଛ ଓ ସମ୍ବଲପୁରୀ ପାଟ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି।



## ଏଣିକି ଓଡ଼ିଆରେ ଅନୁବାଦ ହେବ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ରାୟ




କଟକ,୧୨।୧୨(ସଂଚାର ବ୍ୟୁରୋ): ଏଣିକି ଓଡ଼ିଆ ଭାଷାରେ ହେବ କୋର୍ଟ କାର୍ଯ୍ୟ । ଓଡ଼ିଆରେ ଅନୁବାଦ ହେବ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ରାୟ । ନିଯୁକ୍ତ ହେବେ ୨୩ ଜଣ ଓଡ଼ିଆ ଅନୁବାଦକ । ଆଞ୍ଚଳିକ ଭାଷାକୁ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ ପରେ ଯୁଦ୍ଧକାଳୀନ ଭିତ୍ତିରେ ଏ ଦିଗରେ ଓଡିଶା ହାଇକୋର୍ଟରେ କାର୍ଯ୍ୟଚାଲିଛି । ଏକ ସମନ୍ୱିତ ପ୍ରଣାଳୀରେ ଏହି କାର୍ଯ୍ୟ କରାଯାଉଛି । ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗଠିତ ଅନୁବାଦ କମିଟି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ୨୦୨୩ ରୁ ସୀମିତ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଓଡିଆ ଅନୁବାଦ କାର୍ଯ୍ୟଆରମ୍ଭ ହୋଇଥିଲା । ଏହାରି ଭିତରେ ସୁପ୍ରିମକୋର୍ଟଙ୍କ ୨୯୪ ଟି, ଓଡିଶା ହାଇକୋର୍ଟଙ୍କ ୧୭୯ ଟି ଓ ୭ଟି ଲ୍ୟାଣ୍ଡମାର୍କ ରାୟର ଓଡିଆ ଅନୁବାଦ ହୋଇସାରିଛି । ଏସବୁକୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ଜିଲ୍ଲା ଓ ତାଲୁକା ଆଇନ ସେବା ପ୍ରାଧିକରଣ ମାନଙ୍କ ନିକଟକୁ ପଠାଯିବ। ଏହାଦ୍ୱାରା ଜନସଚେତନା ସୃଷ୍ଟି ହୋଇ ପାରିବ ବୋଲି ଆଶା କରାଯାଉଛି । ଏହାସହ ନୂତନ ଓଡିଆ ଆଇନ ଶବ୍ଦକୋଷର ମଧ୍ୟ ପ୍ରସ୍ତୁତି ଚାଲିଛି। ଏବେ ରାଜ୍ୟରେ ଥିବା ୨୮୩ଟି ଅଧିନିୟମ ମଧ୍ୟରୁ ୧୧ଟି ର ଓଡିଆ ଅନୁବାଦ କରାଯାଇ ଇଣ୍ଡିଆ କୋଡରେ ସ୍ଥାନ ପାଇ ସାରିଛି ।

## ଲଭ-ସେକ୍ସ-ଧୋକା



ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ଫଟୋସୁଟ କରିବା ବାହାନାରେ ଘରକୁ ଡାକି ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଧର୍ଷଣ ଅଭିଯୋଗ, ଅଭିଯୁକ୍ତଙ୍କୁ ଗିରଫ କଲା ଇନ୍ଫୋସିଟିଥାନା ପୁଲିସ, ସୂଚନା ଅନୁଯାଇ, ଅଭିଯୋଗକାରୀଣିଙ୍କର ଏତଲା ଆଧାରରେ ଇନ୍ଫୋସିଟିଥାନା ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଜଣଙ୍କ ଭୁବନେଶ୍ୱରରେ ଏକ ବେସରକାରୀ ସଫ୍ଟୱେଆର କମ୍ପାନୀରେ କାମ କରୁଥିବା ବେଳେ, ଫୋଟୋଗ୍ରାଫି ମଧ୍ୟ କରନ୍ତି। ପୀଡ଼ିତା ଜଣକ ଫଟୋସୁଟ ଲାଗି ଜଣେ ଫଟୋଗ୍ରାଫରଙ୍କ ସନ୍ଧାନରେ ଥିବା ବେଳେ, ନିଜର ଜଣେ ବନ୍ଧୁଙ୍କ ଜରିଆରେ ସେ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ ଓ ପରେ ଉଭୟଙ୍କ ମଧ୍ୟରେ ଉତ୍ତମ ବନ୍ଧୁତା ହୋଇଥିଲା। ଗତ ତା ୧୬.୧୧.୨୦୨୪ ରିଖରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ନିଜ ମାଙ୍କ ସହିତ ସାକ୍ଷାତ କରାଇବାକୁ କହି ଘରକୁ ଡାକିଥିଲେ। ସେହି ସମୟରେ ଅଭିଯୁକ୍ତଙ୍କ ଘରେ କେହି ନଥିବା ବେଳେ, ଅଧିକ ରାତି ହୋଇଯିବା ଦର୍ଶାଇ ପୀଡ଼ିତାଙ୍କୁ ତାଙ୍କ ଘରେ ରହିଯିବାକୁ କହିଥିଲେ। ଅଭିଯୁକ୍ତଙ୍କ କଥା ରକ୍ଷା କରି ପୀଡ଼ିତା ତାଙ୍କ ଘରେ ରାତିରେ ରହିଥିବା ବେଳେ, ଅଭିଯୁକ୍ତ ଅସୀମ ପିଡ଼ିତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସେଠାରେ ତାଙ୍କ ସହିତ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ସହିତ କୌଣସି ସମ୍ପର୍କ ରକ୍ଷା କରିନଥିବାରୁ, ସେ ଏନେଇ ଅଭିଯୁକ୍ତଙ୍କୁ ପଚାରି ବୁଝିଥିଲେ। ଏଥିରେ ଅଭିଯୁକ୍ତ ଜଣକ ଉତକ୍ଷିପ୍ତ ହୋଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା କରିବାର ଧମକ ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ତଦନ୍ତ କରି ଅଭିଯୁକ୍ତଙ୍କୁ ଅସୀମକୁ ଗିରଫ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିଛି।

## ଘରୋଇ ଚିକିତ୍ସାଳୟ ୧୦୦୦ ଛୁଇଁଲାଣି




ଭୁବନେଶ୍ୱର,୧୨।୧୨: ସରକାରୀ ଡାକ୍ତରଖାନାରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନଙ୍କ ପାଇଁ ମାଗଣାରେ ବିଭିନ୍ନ ପ୍ରକାର ଚିକିତ୍ସା ଯୋଗାଇ ଦିଆଯାଉଥିବାବେଳେ ରାଜ୍ୟରେ ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ସଂଖ୍ୟା କିନ୍ତୁ ବଢ଼ି ବଢ଼ି ଚାଲିଛି। ବର୍ତ୍ତମାନ ଏହି ସଂଖ୍ୟା ହଜାରେ ପାଖାପାଖି ପହଞ୍ଚିଥିବାବେଳେ ସରକାରୀ ଡାକ୍ତରଖାନା ଆଖପାଖରେ ଏମାନଙ୍କର ସଂଖ୍ୟା ଅଧିକ ପରିଲକ୍ଷିତ ହେଉଛି। ସରକାରୀ ହିସାବରେ ରାଜ୍ୟରେ ଏବେ ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ସଂଖ୍ୟା ଏବେ ୯୯୩ରେ ପହଞ୍ଚିଲାଣି। ଏମାନଙ୍କ ମଧ୍ୟରୁ ସର୍ବାଧିକ ରହିଛନ୍ତି କଟକରେ। କଟକରେ ୨୪୧ଟି ଘରୋଇ ଡାକ୍ତରଖାନା ଓ ନର୍ସିଂହୋମ୍ ରହିଥିବାବେଳେ ଖୋର୍ଦ୍ଧା ଜିଲ୍ଲାରେ ଅଛି ୧୫୭ଟି। ତୃତୀୟ ସ୍ଥାନରେ ରହିଛି ଗଞ୍ଜାମ। ଏହି ଜିଲ୍ଲାରେ ରହିଛି ୯୧ଟି। ମାଲକାନଗିରି ଓ ବୌଦ୍ଧ ଜିଲ୍ଲାରେ ଗୋଟିଏ ହେଲେ ଘରୋଇ ଡାକ୍ତରଖାନା କିମ୍ବା ନର୍ସିଂ ହୋମ୍ ନଥିବା ସରକାରୀ ଭାବେ କୁହାଯାଇଛି। ତେବେ ଯେତେସବୁ ଘରୋଇ ନର୍ସିଂହୋମ୍ ଓ ଡାକ୍ତରଖାନା ଗଢ଼ି ଉଠିଛନ୍ତି ସେଥିରୁ ଅଧିକାଂଶ ସରକାରୀ ଡାକ୍ତରଖାନା ଆଖପାଖରେ ରହିଛି। କଟକ ବଡ ଡାକ୍ତରଖାନା ହେଉ କିମ୍ବା ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ, ଏହାର ଆଖପାଖରେ ଛତୁ ଫୁଟିଲା ଭଳି ଘରୋଇ ଚିକିତ୍ସାଳୟମାନ ଗଢ଼ି ଉଠିଛି। ପ୍ରତିଦିନ ନୂଆ ନୂଆ ନର୍ସିଂହୋମ୍ ବି ସ୍ଥାପନ ହେଉଛି। ଏଠାରେ ଗଢ଼ି ଉଠିବାର ମୁଖ୍ୟ କାରଣ ହେଲା ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଏଠାକୁ ଆଣି ଚିକିତ୍ସା ଯୋଗାଇବା। ଏଥିପାଇଁ ବିଭିନ୍ନ ଘରୋଇ ଡାକ୍ତରଖାନା ପକ୍ଷରୁ ଦଲାଲ ନିଯୁକ୍ତ ହେଉଥିବାବେଳେ ପୁଲିସ୍ ସେମାନଙ୍କୁ ମଝିରେ ମଝିରେ ଗିରଫ କରୁଛି। ରାଜ୍ୟ ସରକାର ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଚିକିତ୍ସାସେବା ଯୋଗାଇ ଦେଉଥିବାବେଳେ ରୋଗୀଙ୍କ ପାଇଁ ବର୍ଷକୁ ୬୦୦ କୋଟି ଟଙ୍କାର ଔଷଧ କିଣୁଛନ୍ତି। ଯେଉଁ ଔଷଧ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ହେଉନାହିଁ ତାହାକୁ ବଜାରରୁ କିଣି ରୋଗୀଙ୍କୁ ଯୋଗାଇଦେବାକୁ ଅର୍ଥ ପ୍ରଦାନ କରାଯାଉଛି। ଏହାବାଦ୍ ପ୍ରାୟ ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା ପାଇଁ ଘରୋଇ ସଂସ୍ଥାଙ୍କ ସହିତ ରାଜିନାମା ହୋଇଛି। ସିଟିସ୍କାନ୍ ଠାରୁ ଆରମ୍ଭକରି ଏକ୍ସ-ରେ ପର୍ଯ୍ୟନ୍ତ ସବୁକିଛି ସରକାରୀ ଡାକ୍ତରଖାନାରେ ମାଗଣାରେ ଯୋଗାଯାଉଛି। ଏତେ ସବୁ ସତ୍ତ୍ୱେ ସରକାରୀ ଡାକ୍ତରଖାନା ନିକଟରେ ଏତେ ସଂଖ୍ୟାରେ କିଭଳି ଘରୋଇ ଚିକିତ୍ସାଳୟ ଗଢ଼ି ଉଠୁଛି ଓ ରୋଗୀମାନେ ସେଠାରେ ପଇସା ଦେଇ ଚିକିତ୍ସିତ ହେଉଛନ୍ତି ସରକାରୀ ସ୍ତରରେ ଏହାର ତର୍ଜମା ପାଇଁ ମତପ୍ରକାଶ ପାଉଛି। ତେବେ ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେବାପରେ ଓ ବିଭିନ୍ନ କ୍ଷେତ୍ରରେ ସ୍ୱାସ୍ଥ୍ୟବୀମା ଲାଗୁ ହେବାପରେ ଏବେ ଘରୋଇ ଚିକିତ୍ସାକେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାରୀ ଡାକ୍ତରଖାନାକୁ ଯାଇ ଧାଡିରେ ଅପେକ୍ଷା କରିବା ବଳଦରେ ବୀମା ଅର୍ଥରେ ବିନା ଧାଡିରେ ଚିକିତ୍ସିତ ହେବାକୁ ଲୋକେ ପସନ୍ଦ କରୁଛନ୍ତି। ତେବେ ଏହିସବୁ ଘରୋଇ ଚିକିତ୍ସାଳୟରେ କେଉଁ ଡାକ୍ତରମାନେ ଚିକିତ୍ସା କରୁଛନ୍ତି ତାହା ବି ତଦନ୍ତ ସାପେକ୍ଷ। (ତଥ୍ୟ)

## ନବମ ସ୍ୱାମୀନାଥନ ବକ୍ତୃତାମାଳା

ଭୁବନେଶ୍ୱର,୧୨।୧୨(ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ରେ ନବମ ସ୍ୱାମୀନାଥନ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆନ୍ତର୍ଜାତିକ କୃଷି ପାଣିପାଗ ପରିଷଦର ସଭାପତି ଡକ୍ଟର ନବାଂଶୁ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆନ୍ତର୍ଜାତିକ ସ୍ତରରେ ବିଶେଷ କରି ଦକ୍ଷିଣ ଏସୀୟ ଦେଶମାନଙ୍କରେ ପାଣିପାଗ ଓ ଜଳବାୟୁ କିଭଳି କୃଷି କ୍ଷେତ୍ରକୁ ପ୍ରଭାବିତ କରିଛି ଓ ଜଳବାୟୁ ଭିତିରେ ଫସଲ ଚାଷ ଏବଂ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ଡକ୍ଟର ଚଟ୍ଟୋପାଧ୍ୟାୟ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏଏସ୍‌ର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତ ବକ୍ତବ୍ୟ ରଖିଥିଲେ। ଏହି ବକ୍ତୃତାମାଳାର ଆବାହକ ପ୍ରଫେସର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଅକ୍ଷୟ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ପ୍ରକାଶ ରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ ଡକ୍ଟର ଆର୍. କେ ପଣ୍ଡା, ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଓ ଗବେଷଣାରତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



## ଜୀବନ ଅମୃତ ଅନୁଚିନ୍ତା

ପିତା ମାତାଙ୍କ ଆଶୀର୍ବାଦ-ପିତା ମାତା ଏବଂ ଗୁରୁ ହେଉଛନ୍ତି ଈଶ୍ୱରଙ୍କ ଚଳନ୍ତି ପ୍ରତିମା। ସେମାନଙ୍କ ଆଶୀର୍ବାଦ ବିନା ଜୀବନ ବୃଥା। ଯିଏ ପିତାମାତାଙ୍କ ଆଶୀର୍ବାଦ ନପାଇଛି। ସେ ଈଶ୍ୱରଙ୍କ କରୁଣାରୁ ବଂଚିତ ବୋଲି ବୁଝିବାକୁ ହେବ।

SANCHAR
ସଂଚାର

୪ ଶୁକ୍ରବାର ୧୩ ଡିସେମ୍ବର ୨୦୨୪, ଭୁବନେଶ୍ୱର
Friday 13 December 2024 Bhubaneswar

# ନୂଆ ବିକଳ୍ପ ଗଠନ ପ୍ରୟାସ

ବିଜେପି ନେତୃତ୍ୱାଧିନ ଏନଡିଏର ଏକ ନୂତନ ବିକଳ୍ପ ଗଠନ ଲାଗି ଅନେକ ଦିନ ହେବ ପ୍ରୟାସ ହୋଇ ଆସୁଥିଲେ ମଧ୍ୟ ତାହା ଏ ଯାବତ ସଫଳ ହୋଇପାରିନାହିଁ। ଏହାର କାରଣ ହେଲା ଉପଯୁକ୍ତ ନେତୃତ୍ୱର ଅଭାବ। ଏବେ ଏନଡିଏର ବିକଳ୍ପ ଭାବେ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକ ରହିଛି ଯାହା ପୂର୍ବରୁ ୟୁପିଏ ନାମରେ ନାମିତ ଥିଲା। କିନ୍ତୁ ଏହି ମେଣ୍ଟ ବିଜେପିକୁ କ୍ଷମତାଚ୍ୟୁତ କରିବାରେ ବିଫଳ ହୋଇଛି। ଇଣ୍ଡିଆ ବ୍ଲକର ବୃହତ୍ତମ ଦଳ ହେଲା କଂଗ୍ରେସ। ଏହାର ନେତା ରାହୁଲ ଗାନ୍ଧି ସ୍ୱାଭାବିକ ଭାବେ ଇଣ୍ଡିଆ ବ୍ଲକର ନେତା ଭାବେ ବିବେଚିତ ହେଉଛନ୍ତି। କିନ୍ତୁ ତାଙ୍କ ନେତୃତ୍ୱ ପ୍ରଭାବୀ ସାବ୍ୟସ୍ତ ହୋଇପାରୁନି। ଲୋକସଭା ନିର୍ବାଚନରେ ସେ ଥିଲେ ବିରୋଧୀ ମେଣ୍ଟର ଅଘୋଷିତ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ। କିନ୍ତୁ ନରେନ୍ଦ୍ର ମୋଦିଙ୍କ ତୁଳନାରେ ସେ ଗ୍ରହଣୀୟ ହେଲେ ନାହିଁ। ରାହୁଲ ଆଜି ପର୍ଯ୍ୟନ୍ତ ନିଜକୁ ଜଣେ ରାଷ୍ଟ୍ରନେତା ଭାବେ ପ୍ରମାଣିତ କରିପାରିଲେ ନାହିଁ। କେବଳ ଲୋକସଭା ନିର୍ବାଚନ ନୁହେଁ, ପରବର୍ତ୍ତୀ ସମୟରେ ଯେତେ ବିଧାନସଭା ନିର୍ବାଚନ ହୋଇଛି ସେସବୁ ନିର୍ବାଚନରେ କଂଗ୍ରେସ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛି। ରାହୁଲଙ୍କ ରଣନୀତି ;ର ତ୍ରୁଟି ହେତୁ। କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ପରାଜିତ ହୋଇଛନ୍ତି। ଜାମ୍ମୁ-କାଶ୍ମୀର ଏବଂ ଝାଡ଼ଖଣ୍ଡରେ ଇଣ୍ଡିଆ ବ୍ଲକ ବିଜୟୀ ହୋଇଛି। କିନ୍ତୁ ସେଠାରେ କଂଗ୍ରେସ ନୁହେଁ, ନ୍ୟାସନାଲ କନଫରେନ୍ସ ଏବଂ ଜେଏମଏମ ଭଳି ଆଞ୍ଚଳିକ ଦଳ ବିଜୟୀ ହୋଇଛି। ଉଭୟ ରାଜ୍ୟରେ କଂଗ୍ରେସ ମୁଖ୍ୟ ଦଳ ନଥିଲା। କେବଳ ସହଯୋଗୀ ଥିଲା। ଜାମ୍ମୁ-କାଶ୍ମୀରରେ ଓମାର ଅବଦୁଲ୍ଲା ଏବଂ ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଇଣ୍ଡି ମେଣ୍ଟ ଲଢ଼ିଥିଲା। ଅନ୍ୟ ପକ୍ଷରେ ହରିୟାନା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କଂଗ୍ରେସ ଥିଲା ବିଜେପିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି। ସେଠାରେ ବିଜେପିକୁ ଏହା ରୋକିବାରେ ବିଫଳ ହେଲା। ଏହାର ଏକ ମୁଖ୍ୟ କାରଣ ହେଲା କଂଗ୍ରେସ ନିଜ ସହଯୋଗୀମାନଙ୍କୁ ଏକାଠି କରିବାରେ ବିଫଳ ହୋଇଛି। ହରିୟାନାରେ ଏହା ଆପ ସହ ଆସନ ବୁଝାମଣା କରିଥିଲେ ବିଜେପିକୁ ପରାଜିତ କରାଯାଇପାରିଥାଆନ୍ତା। ମହାରାଷ୍ଟ୍ରରେ ଯଦିଓ ଇଣ୍ଡି ମେଣ୍ଟ ମିଳିତ ଭାବେ ଲଢ଼ୁଥିଲା, କିନ୍ତୁ ଉପଯୁକ୍ତ ରଣନୀତି ଅଭାବରୁ ଏହା ପରାଜିତ ହେଲା। କଂଗ୍ରେସ ବିଫଳ ହେବାର ଏକ ମୁଖ୍ୟ କାରଣ ହେଲା ଦଳରେ ମିଳିତ ନେତୃତ୍ୱର ଅଭାବ। ରାହୁଲଙ୍କ ବ୍ୟତିତ ଦଳରେ ଆଉ କେହି ସେଭଳି ପ୍ରଭାବୀ ନେତା ନାହାଁନ୍ତି। ସମସ୍ତେ ଗାନ୍ଧି ପରିବାରର ଜୟ ଜୟକାର କରିବାରେ ବ୍ୟସ୍ତ। ନିଜକୁ ଜଣେ ଟାଣୁଆ ନେତା ଭାବେ ପ୍ରତିଷ୍ଠା କରିବାର ସତସାହସ କାହାର ନାହିଁ। କିନ୍ତୁବିଜେପିରେ ପୀଢ଼ୀ ପରେ ପୀଢ଼ୀ ନୂଆ ନେତା ଆଗକୁ ଆସୁଛନ୍ତି। ବିଜେପିରେ ଏକ ନେତୃମଣ୍ଡଳୀ ରହିଛି, ଯାହା କଂଗ୍ରେସରେ ନାହିଁ। କଂଗ୍ରେସ ନେତୃତ୍ୱରେ ବିରୋଧୀ ମହାମେଣ୍ଟ ବାରମ୍ବାର ବିଫଳ ହେବା ପରେ ଏବେ ପୁନର୍ବାର ଏକ ନୂଆ ବିକଳ୍ପ ବା ତୃତୀୟ ମେଣ୍ଟ ଗଠନ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହାର ପରିକଳ୍ପନା କରିଛନ୍ତି ମମତା ବାନାର୍ଜୀ। ପୂର୍ବରୁ ମଧ୍ୟ ସେ ବାରମ୍ବାର ଏହି ପ୍ରୟାସ କରିଛନ୍ତି। ଏହାର ଫଳସ୍ୱରୂପ ଆଜି ଇଣ୍ଡିଆ ବ୍ଲକ ଗଠିତ ହୋଇଛି। ଏବେ ମମତା ଏକ ନୂଆ ବିକଳ୍ପ ମେଣ୍ଟ ଗଠନ ପ୍ରସ୍ତାବ ରଖିଛନ୍ତି। କଂଗ୍ରେସକୁ ବାଦ ଦେଇ ଅନ୍ୟ ପ୍ରମୁଖ ଆଞ୍ଚଳିକ ଦଳମାନଙ୍କୁ ନେଇ ଏକ ଶକ୍ତିଶାଳି ରାଷ୍ଟ୍ରୀୟ ମେଣ୍ଟ ଗଠନ ପାଇଁ ସେ ଆଗ୍ରହୀ ଅଛନ୍ତି। ତାଙ୍କ ଚିନ୍ତାଧାରାକୁ ସମାଜବାଦୀ ପାର୍ଟୀ, ଆରଜେଡି, ଏନସିପି ଭଳି ଇଣ୍ଡିମେଣ୍ଟର ବଡ଼ ବଡ଼ ଅଂଶୀଦାର ଦଳମାନେ ସମର୍ଥନ କରିଛନ୍ତି। ଏପରିକି ଇଣ୍ଡିଆ ବ୍ଲକରେ ସାମିଲ ନଥିବା ଜଗନ ମୋହନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ମଧ୍ୟ ମମତାଙ୍କ ବିଚାରଧାରାକୁ ସମର୍ଥନ କରୁଛି। ଅର୍ଥାତ ମମତା ଯଦି ଏଭଳି ଏକ ମେଣ୍ଟ ଗଠନ କରିବେ ତେବେ ଦେଶର ବିଭିନ୍ନ ରାଜ୍ୟର ଅନେକ ଆଞ୍ଚଳିକ ଦଳ ଏଥିରେ ସାମିଲ ହେବେ। ଏନଡିଏରେ ସାମିଲ ହୋଇଥିବା କିଛି ଦଳ ମଧ୍ୟ ଏହି ମେଣ୍ଟରେ ସାମିଲ ହୋଇପାରନ୍ତି। କାରଣ ସେମାନେ ବାଧ୍ୟବାଧକତାରେ ଏନଡିଏରେ ରହିଛନ୍ତି। ବିଜେପି ସହ ସେମାନଙ୍କର ସମ୍ପର୍କ ସେତେଟା ଭଲ ନାହିଁ। ଉଦାହରଣ ସ୍ୱରୂପ କର୍ଣ୍ଣାଟକରେ ଜେଡିଏସ, ବିହାରରେ ନୀତିଶଙ୍କ ଜେଡିୟୁ ମମତାଙ୍କ ପ୍ରସ୍ତାବିତ ମେଣ୍ଟରେ ସାମିଲ ହୋଇପାରନ୍ତି। ସେହିପରି ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖିଥିବା ବିଜେଡି, ବିଆରଏସ, ୱାଇଏସଆର କଂଗ୍ରେସ ମଧ୍ୟ ଏଥିରେ ସାମିଲ ହୋଇପାରନ୍ତି। କଂଗ୍ରେସ ସାମିଲ ନହେଲେ ମଧ୍ୟ ଏମାନେ ଲୋକସଭରେ ୨୫୦ ଆସନ ପାଇବାକୁ ସକ୍ଷମ। ଏବେ କଂଗ୍ରେସ ଓ ବିଜେପିକୁ ବାଦ ଦେଲେ ବାକି ସବୁ ଦଳର ଲୋକସଭା ସଭ୍ୟଙ୍କ ସଂଖ୍ୟା ହେଉଛି ୨୦୪। ଏହା ସହଜରେ ୩୦୦ ପର୍ଯ୍ୟନ୍ତ ଯାଇପାରିବ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯାହା ପ୍ରସ୍ତାବ ଦେଇଛନ୍ତି ସେଥିରେ କିଛି ନୂନନତ୍ୱ ନାହିଁ। କିନ୍ତୁ ଏବେ ଏକ ନୂଆ କଥା ଆଗକୁ ଆସିଛି। ତାହା ହେଲା ନିଜେ ମମତା ବାନାର୍ଜୀ ମେଣ୍ଟର ନେତୃତ୍ୱ ନେବାକୁ ଆଗେଇ ଆସିଛନ୍ତି। ଅବଶ୍ୟ ମମତା ବିକଳ୍ପ ମେଣ୍ଟ କଥା କହିନାହାଁନ୍ତି। ସେ କେବଳ ଇଣ୍ଡିମେଣ୍ଟର ନେତୃତ୍ୱ ପରିବର୍ତ୍ତନ କଥା କହିଛନ୍ତି। କିନ୍ତୁ ମମତାଙ୍କ ପ୍ରସ୍ତାବ ପଛରେ ଏଭଳି ସଙ୍କେତ ରହିଛି। ଟିଏମସିର ଜ୍‌ଣେ ବରିଷ୍ଠ ନେତା କୁନାଲ ଘୋଷ ଏଭଳି ନୂଆ ବିକଳ୍ପ କଥା କହିଛନ୍ତି। ସେ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ମମତା ବାନାର୍ଜୀ, ଝାଡ଼ଖଣ୍ଡରେ ଜେଏମଏମ, ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟୀ, ଦିଲ୍ଲୀ ଏବଂ ପଞ୍ଜାବରେ ଆପ, ଓଡ଼ିଶାରେ ବିଜେଡି, ବିହାରରେ ଆରଜେଡି, ତାମିଲନାଡୁରେ ଡିଏମକେ ଭଳି ଆଞ୍ଚଳିକ ଦଳମାନେ ବିଜେପିକୁ ପରାଜିତ କରିବାକୁ ସକ୍ଷମ। କିନ୍ତୁ ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, କର୍ଣ୍ଣାଟକ, ତେଲେଙ୍ଗାନା, ହରିୟାନା, ହିମାଚଳ, ଆସାମରେ କଂଗ୍ରେସ ମୁଖ୍ୟ ଦଳ ଭାବେ ବିଜେପିକୁ ପରାଜିତ କରିବାକୁ ସକ୍ଷମ ନୁହେଁ। ତେଣୁ କଂଗ୍ରେସକୁ ବାଦ ଦେଇ ଅନ୍ୟ ଅଣବିଜେପି ନେତାମାନେ ଏକାଠି ହୋଇପାରିଲେ ଏନଡିଏର ବିକଳ୍ପ ସମ୍ଭବ, ବିଜେପିକୁ କ୍ଷମତାଚ୍ୟୁତ କରିବା ସମ୍ଭବ ହୋଇପାରେ। ମମତା ବାନାର୍ଜୀଙ୍କ ନେତୃତ୍ୱ ପ୍ରସ୍ତାବକୁ ଅଖିଳେଶ, ଶରଦ ପାୱାର, ଉଦ୍ଧବ ଠାକରେ, ଲାଲୁ ପ୍ରସାଦ ଯାଦବ, ଜଗନ ମୋହନ ରେଡ୍ଡୀ ପ୍ରମୁଖ ସମର୍ଥନ କରିଛନ୍ତି। କିନ୍ତୁ ଆଉକିଛି ଦଳ ବର୍ତ୍ତମାନ ପାଇଁ କଂଗ୍ରେସିର ହାତ ଛାଡ଼ିନପାରନ୍ତି। କିନ୍ତୁ ମମତା କଂଗ୍ରେସକୁ ବାଦ ଦେବା।କୁ ବା ଏହାକୁ ଅଣଦେଖା କରିବାକୁ କହି ନାହାଁନ୍ତି ସେ କେବଳ ନେତୃତ୍ୱ ପରିବର୍ତ୍ତନ କଥା କହିଛନ୍ତି। ଆଞ୍ଚଳିକ ଦଳମାନଙ୍କର ପ୍ରସ୍ତାବିତ ମେଣ୍ଟ କିଛି ରାଜ୍ୟରେ କଂଗ୍ରେସ ସହିତ ଆସନ ବୁଝାମଣା କରିପାରେ। ଯଦି ନୂଆ ମେଣ୍ଟ ନିର୍ବାଚନରେ ସଫଳତା ହାସଲ କରିବ ତେବେ କଂଗ୍ରେସି ଏହାକୁ ସମର୍ଥନ କରିବାକୁ ବାଧ୍ୟ ହେବ। ମମତାଙ୍କ ଏଭଳି ଚିନ୍ତାଧାରା କାର୍ଯ୍ୟକାରୀ ହେବା ସହଜ ନୁହେଁ। ଏଥିପାଇଁ ଆହୁରି ବହୁ ପରିଶ୍ରମ କରିବାକୁ ପଡ଼ିବ। ଯଦି ଏବେଠାରୁଏଥିଲାଗି ପ୍ରସ୍ତୁତି ଆରମ୍ଭ ହୁଏ ତେବେ ୨୦୨୯ରେ ଏହା ବାସ୍ତବତାରେ ପରିଣତ ହୋଇପାରେ। କଂଗ୍ରେସ ଓ ବାମପନ୍ଥୀ ମେଣ୍ଟ ଏହାକୁ ସମର୍ଥନ କରିବାକୁ ବାଧ୍ୟ ହେବେ।

## ସମ୍ପାଦକଙ୍କୁ ପତ୍ର

### ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା

**ମହାଶୟ,**

ରାଜଧାନୀ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଏବଂ କଳେବର ବୃଦ୍ଧିକୁ ଦୃଷ୍ଟି ରଖି ଏଠାରେ ମେଟ୍ରୋ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ୨୦୨୮ ସୁଦ୍ଧା ଏହା ଶେଷ ହେବ ବୋଲି କୁହାଯାଉଛି। ବିଜୁ ପଟ୍ଟନାୟକ ବିମାନ ବନ୍ଦରଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଏହି ମେଟ୍ରୋ ଟ୍ରେନ ଚାଲିବ। ଭୁବନେଶ୍ୱରର ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହା କରାଯାଉଛି। ଏବେ ହୁଏତ ଏହାର ଆବଶ୍ୟକତା ଅନୁଭବ କରାଯାଉନି। କିନ୍ତୁ ଏଭଳି ଏକ ପ୍ରକଳ୍ପ ତତ୍କାଳ ନୁହେଁ, ୧୦୦ ବର୍ଷ ଆଗକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥାଏ। ତେବେ ଏହି ପ୍ରକଳ୍ପ କଟକ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେଲେ ଭଲ ହେବ।

**ମଳୟକାନ୍ତ ଦାସ, ଜୟଦେବ ବିହାର, ଭୁବନେଶ୍ୱର**

# ଏକରୁ ସମସ୍ତ ପ୍ରାପ୍ତି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଅନେକ ଆବଶ୍ୟକ ନୁହେଁ ଏକରୁ ସବୁ ହାସଲ ଚିନ୍ତାରେ ପୁରୁଷ ପାଇଁ ଏକ ପତ୍ନୀ ବ୍ରତ ନାରୀ ପାଇଁ ଏକ ସ୍ୱାମୀ ବ୍ରତ। ଏକକ ସ୍ୱାମୀ ବା ସ୍ତ୍ରୀ ସୃଷ୍ଟିରେ ଅନେକ ବ୍ୟକ୍ତି ଯହିଁ ଥାଇ ଅବଶ୍ୟ ଉପୁଜଇ କଳି। ଦ୍ୱିମତ ଦୁଇଜଣ ମଧ୍ୟରେ ସୀମିତ ରହିଲେ ବାଧ୍ୟ ହୋଇ ବ୍ୟକ୍ତି ସାବଧାନ କରିବାକୁ ପୁଣି ମନକୁ ମନ ଚେଷ୍ଟା କରନ୍ତି। ସତ୍ୟବାନ ଏକ ଶବ୍ଦ ଏହା ବ୍ୟକ୍ତିଟିଏ ହୋଇବି ପାରେ ମାତ୍ର ପ୍ରକୃତରେ ଏକ ଲୋକ ବ୍ୟବହୃତ ପଦବୀ ବା ସଂଜ୍ଞା। ଯେଉଁ ବ୍ୟକ୍ତି ଏକ ପତ୍ନୀ ହାସଲ ବେଳେ ପୁରୋହିତଙ୍କର ମନ୍ତ୍ର ଉଚ୍ଚାରଣ ଭିତରେ ଅଗ୍ନୀଙ୍କୁ ସାତଥର ପରିକ୍ରମା ସ୍ୱ ସହିତ ନବପରିଣତା ପତ୍ନୀଙ୍କୁ ସାଥିରେ ନେଇ କରିଥାନ୍ତି। ସର୍ବ ସମକ୍ଷରେ ଏତଦ ସତ୍ୟମ ସମ୍ବୋଧନ ପତ୍ନୀ ରୂପେ ସ୍ୱୀକାର କରିବାରେ ସ୍ୱ ପିତାମାତା ବନ୍ଧୁଙ୍କ ମଧ୍ୟରୁ କେହି ପ୍ରତିନିଧି ହୋଇ ନିର୍ବନ୍ଧ ଥାଳିରେ ମହାପ୍ରସାଦ ପୁଟୁଳି ରଖି ଉଚ୍ଚାରଣ ତିନିଥର କରିଥାନ୍ତି। ଏସବୁ ସତ୍ୟ ରକ୍ଷା ଅଗ୍ନୀ ସାକ୍ଷୀ ବିପ୍ର ସାକ୍ଷୀ ପ୍ରୀତିବନ୍ଧବ ମଧ୍ୟରେ ନିଜର କୁଟୁମ୍ବଜନ ସାକ୍ଷୀ ସୂର୍ଯ୍ୟ ଚନ୍ଦ୍ର ସାକ୍ଷୀ ରହିଥାନ୍ତି ଏହି ସତ୍ୟକୁ ସେହି ପାଣିଗ୍ରହଣ କରାଯିବା କନ୍ୟାକୁ ଜୀବନ ସାରା କେବେ କରଛଡ଼ା ନଦେବା ତାଙ୍କ ବ୍ୟତିରେକେ ଅନ୍ୟପ୍ରତି ଆକୃଷ୍ଟ ନହେବା ହିଁ ସତ୍ୟବାନ ଶବ୍ଦର ସାର୍ଥକକାରୀ। ସବୁ ଯୁବକ ବିବାହିତ ଦିନରୁ ସତ୍ୟବାନ ହେବାପାଇଁ ଏକ ସଂକଳ୍ପ ବ୍ରତ।

ଦୁର୍ଗୁଣ ଦୁର୍ଯୋଗ ଦୁର୍ବାକ୍ୟ ଏମିତି ନାରୀ କେତେ ଦୁଃ ଲାଗି ପ୍ରୟୋଗ କରାଯାଇପାରେ। ଏହା ଏକ ନାରୀ ପ୍ରତି ପ୍ରୟୋଗ କରାଯାଉଛି। ନାରୀ ଅର୍ଥ ଯାହାର ଅରି ନାହାଁନ୍ତି ଅର୍ଥାତ ଶତ୍ରୁ ନାହାଁନ୍ତି। ପ୍ରକୃତରେ ସମସ୍ତ ଦେହରେ ମନରେ ସର୍ବଦା ଶତ୍ରୁ ଅଛନ୍ତି, ଛପି ରହିଛନ୍ତି। ଟିକେ ସ୍ୱାର୍ଥରେ ବାଧା ଆସିଲେ ଏମାନେ ଜାଗରୁକ ହୋଇ ପଡ଼ନ୍ତି। ରକ୍ତ ମାଂସର ଦେହ ପାଖରେ ଅସହ୍ୟ ସ୍ଥିତି ଆସିଗଲେ ବିଦ୍ରୋହ ଉଚ୍ଚସ୍ୱର, କର୍କଟ ସ୍ୱର ପାଟିରୁ ବାହାରେ। ଏସବୁ ଉପସର୍ଗ ପ୍ରକୃତରେ ମୂଳ ଭାବ ହିଁ ଅସହ୍ୟ। ଅସହ୍ୟ ଭାବ ନ ଆସିବା ପାଇଁ ସଂକଳ୍ପର ମଞ୍ଜି ବୁଣାଯିବା ଅଗ୍ନୀ ସମ୍ମୁଖରେ କରାଯାଇଥାଏ। ଆକର୍ଷଣ ବିକର୍ଷଣ ଏକ ମୁଦ୍ରାରେ ଦୁଇ ପଟ ପରି ରହିଛି। ମୁଦ୍ରା ନହେଲେ ଦ୍ରବ୍ୟ କ୍ରୟାଦି ହୋଇ ବି ହୋଇନପାରେ ଅତଏବ ପ୍ରତ୍ୟେକ ମୁଦ୍ରାକୁ ପେଟରା ବାକସ ମୁଣି ମନିବେଗରେ ପୁରାଇ ରଖିବା ପରି ଦୁଇକୁ ରଖିବାକୁ ପଡ଼େ। ମୁଦ୍ରା ବିନିମୟରେ ନାନାଦି ଦ୍ରବ୍ୟ ଆହରଣ ପରି ମୁଦ୍ରା ତାହା ବି କରେ। ବିକର୍ଷଣ ଶତ୍ରୁ ପାଇଁ ଆକର୍ଷଣ ନିଜର ପ୍ରିୟଜନ ପାଇଁ ଉଦ୍ଦିଷ୍ଟ। ଏ ମୁଦ୍ରାକୁ ସେପରି ରଖିବା ବ୍ୟକ୍ତି ଜଣେ ଭଲ ସଞ୍ଚୟକାରୀ ମୁଦ୍ରା ମହଜୁଦକାରୀ ହୋଇପାରେ। ଆଜି ବର୍ତ୍ତମାନ ଏହି ମୁହୂର୍ତ୍ତ ଆକର୍ଷଣ କ୍ରିୟ ପ୍ରୟୋଗ ଦୁନିଆଁରେ ପ୍ରେମରେ ରାଜକରେ। ମାତ୍ର ବିକର୍ଷଣ କ୍ରିୟାରେ ଯାଉଥିବା ଲୋକ ଅନ୍ଧପରି ସମୟ କାଟିବାକୁ ବାଧ୍ୟ ହୁଏ।



ଅନ୍ୟକୁ କଷ୍ଟ ଦେବ କଣ ନିଜେ କଷ୍ଟ ଜାଲରେ ଛନ୍ଦି ହୁଏ। ନାରୀଟିଏ ରାଣୀରୁ ଦାସୀ ସ୍ତରକୁ ପରେ ଆସିପାରେ। ପ୍ରେମ ନିବିଡ଼ ପାଇଁ ବିବାହ ସଂସାର ବନ୍ଧା, ପ୍ରେମ ଫାଶରୁ ମୁକୁଳିଗଲେ ଗଲା ସୁଖଗଲା, ସଂସାର ଗଲା। କଳି କଳହର ସୂଚନା ଜନ୍ମ ବେଳା ସହିତ ଜଡ଼ିତ ଥାଏ। ଏ ମଧ୍ୟରେ ଅଛି ବିଷକନ୍ୟା ଯୋଗ ଉଆଁସୀ ବୋଷ ୨୭ ଯୋଗରୁ ବିଷ୍କମ୍ଭ ଗଣ୍ଡ ଅତ୍ୟଣ୍ଡ ବଜ୍ର ପରି ଅନେକ ପ୍ରକାଇ ଯୋଗରୁ ତାର ବିଷ ବେଳାରେ ଜନ୍ମ ଗଣ୍ଡ କ୍ଷେତ୍ର ଗଣ୍ଡତିଥି ଗଣ୍ଡଲଗ୍ନରେ ଜନ୍ମକୁ ଅନେକ ସାଂଘାତିକ ଗ୍ରହ ଯୋଗର ଜନ୍ମ ଜାତକ। ଅମାବାସ୍ୟା ଚତୁର୍ଦ୍ଦଶୀ କୃଷ୍ଣପକ୍ଷରେ ଓ ଆଗକୁ ଶୁକ୍ଳ ପ୍ରତିପଦ ତିଥି ୨କରଣ ସଂଶ୍ଲିଷ୍ଟ। ଏଇ ଅମାବାସ୍ୟା ଦିନୁ ୨କରଣ ଓ ପୂର୍ବର ୧ କରଣ ଶୁକ୍ଳ ପ୍ରତିପଦର ୧ମ କରଣ ମୋଟ ୪କରଣ ସ୍ଥିର କରଣ। ମାସରେ ଥରେ ଆସନ୍ତି ଏଇ ୪ ସ୍ଥିରକରଣ ଅନ୍ୟ ୭ କରଣ ଚରକରଣ ମାସରେ ଅନେକ ଥର ଆବୃତ୍ତି ହୁଅନ୍ତି। ସ୍ଥିରକରଣ ଦୁଃଖଦାୟୀ ଫଳ ଜନ୍ମିତ ବ୍ୟକ୍ତିଙ୍କୁ ଦିଅନ୍ତି।

ସୌର ବୃଷ ମାସ ହେଉଛି ଚନ୍ଦ୍ରମାନ ଜ୍ୟେଷ୍ଠ ମାସ ଏଥିରେ ଚନ୍ଦ୍ରଙ୍କ ଉଚ୍ଚସ୍ଥାନ ରହିଲେ ବି ଏଇ ଅମାବାସ୍ୟା ହିଁ ଏକ୍‌ ଆତଙ୍କିତ ଅମାବାସ୍ୟା ଜନ୍ମିତ କନ୍ୟା ପାଇଁ ଭବିଷ୍ୟତ ଜୀବନ ପାଇଁ ଏକ ଉଦବେଗ ସୃଷ୍ଟିକାରୀ ଏପରି ଯୋଗ ଦାତା କନ୍ୟା ମାନଙ୍କର ପିତାମାତା ଏହାଙ୍କ ପାଇଁ ଚିନ୍ତାରେ ରହନ୍ତି। ଅମାବାସ୍ୟାରେ ଚନ୍ଦ୍ର ଆକାଶରେ ବିଲୋପ। ଚନ୍ଦ୍ର ଅସ୍ତଗତ କାଳରେ ଜନ୍ମ ଜାତକ ବା ଜାତିକା ମାନସିକ ବିକ୍ଷୁବ୍‌ଧତା ବିଭିନ୍ନ ପ୍ରକାରରେ ଭୋଗି ପାରନ୍ତି। ଏ ପାଇଁ ଏହି ଅମାବାସ୍ୟା ଗୁଡ଼ିକୁ ପୂର୍ଣ୍ଣତିଥିରେ ଗଣାଗଲେ ବି ଅନେକ କାର୍ଯ୍ୟରେ ରିକ୍ତା ପରି ବାଦ ଦିଆଯାଇ କୌଣସି କାର୍ଯ୍ୟାରମ୍ଭ କରାଯାଏ ନାହିଁ। ବାର ମାସ ପାଇଁ ବାର ଅମାବାସ୍ୟା ଅଛି। ଜଟିଳ ଅମାବାସ୍ୟା ଜ୍ୟେଷ୍ଠ ଅମାବାସ୍ୟା ଓ କାର୍ତ୍ତିକ ଅମାବାସ୍ୟା ଯାହା ଶୁକ୍ରଙ୍କ ରାଶି ବୃଷ ଓ ତୁଳାରେ ଆସେ। ଏସବୁ ପ୍ରକାର କ୍ଷତିକର ସମୟର ପ୍ରଭାବକୁ ସାଧନା ଦ୍ୱାରା ବ୍ରତରେ ଓଷାରେ ଗୁରୁବାକ୍ୟରେ ଶାସ୍ତ୍ର ନିୟମରେ ଚାଲିଲେ ଟାଳ ନହୋଇପାରେ। ଏସବୁ କଠୋର ତପଃ ସାଧିକା ସାବିତ୍ରୀ (ବ୍ରହ୍ମାଙ୍କ ଜ୍ୟେଷ୍ଠା ପତ୍ନୀ)ଙ୍କ ବ୍ରତରେ ଖଣ୍ଡନ ହୋଇପାରେ। ସାବିତ୍ର ତାଙ୍କ ସ୍ୱାମୀ ବ୍ରହ୍ମଦେବଙ୍କର ୨ୟ ପତ୍ନୀ ଗ୍ରହଣ ପ୍ରକ୍ରିୟାରେ ଅସନ୍ତୋଷ କରି ଏପରି ବ୍ରତ କରିଥିଲେ। କେହି ପୁଷ୍କର କ୍ଷେତ୍ର ଗଲେ ଏହା ଜାଣିପାରିବେ ନାରୀର ଧନ ହେଉଛନ୍ତି ତାଙ୍କର ସ୍ୱାମୀ ସୁନାଚାନ୍ଦି କୋଠାବାଡ଼ି ବ୍ୟାଙ୍କ ବାଲାନ୍ସ ନୁହଁ। ସ୍ୱାମୀ ନଥିଲେ ଏସବୁ ଅସାର। ସାବିତ୍ରୀ ତପସ୍ୱିନୀ ହୋଇ ନାରୀ ମାନଙ୍କୁ ପ୍ରଭାବିତ କରିଛନ୍ତି। ବିବାହିତ ପୁରୁଷମାନେ ନାରୀର ତପସ୍ୟାର ଫଳ ପାଇବା ପାଇଁ ଶୁଦ୍ଧ ରୁହନ୍ତୁ। ଏଇଟା ପ୍ରକୃତରେ ଦେବୀ ମାଆ ସାବିତ୍ରୀଙ୍କ ଇଙ୍ଗିତ। ବ୍ରହ୍ମକର୍ମ ହୋଇ ଚାଲିବ ସୁରୁଖୁରୁରେ ନହେଲେ ସଂସାର ନଷ୍ଟଭ୍ରଷ୍ଟ ହୋଇଯିବ। ରୋଜଗାର ଉପାର୍ଜନପର ଖାଇବେ। ଦୁଶ୍ଚିନ୍ତାରେ ସମୟ କଟିବ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍**
**ଅରୁଣୋଦୟ ମାର୍କେଟ, କଟକ**
**ମୋବାଇଲ୍: ୯୪୩୭୦୩୧୨୫୩**

# ନୀତି, ଭକ୍ତି ଓ ଅଧ୍ୟବସାୟର ସାକାର ପ୍ରତୀମା



**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ଆସିଥିଲେ ଯିବାକୁ ହୁଏ। ଆବାହମାନ କାଳରୁ ଏହା ଘଟି ଆସିଛି ଏବେ ମଧ୍ୟ ଘଟୁଛି, ଘଟୁଥିବ। ସଂସାରରେ ପ୍ରବେଶ ଓ ପ୍ରସ୍ଥାନ କରିବା ଭିତରେ ମଣିଷର କର୍ମ ହିଁ ତାର ଜୀବନକୁ ସାର୍ଥକ ଜୀବନରେ ପରିଣତ କରିଥାଏ। ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ସାର୍ଥକ ଜୀବନ ହାସଲ କରିବାକୁ ପ୍ରୟାସ କରିବା ଉଚିତ। କେତେକ ଭକ୍ତି ମାର୍ଗରେ ଅଗ୍ରସର, ହୁଅନ୍ତି ଆଉ କେତେକ ଜ୍ଞାନମାର୍ଗରେ, ଅନ୍ୟ କେତେକ କର୍ମ ମାର୍ଗରେ। ଯିଏ ଯେଉଁ ମାର୍ଗରେ ଥିଲେ ବି ତାଙ୍କୁ କର୍ମ, ଭକ୍ତି ଓ ଜ୍ଞାନ ତିନଟି ଯାକ ପଥ ଅବଲମ୍ବନ କରିବାକୁ ପଡ଼ିଥାଏ। କୌଣସିଟି ଅନ୍ୟ ଦୁଇ ପଥ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରିନଥାଏ। ଏହି ମାତ୍ର ଆମ୍ଭ ମାନଙ୍କୁ ଶୋକାକୁଳ କରି, ପରିବାର ସଦସ୍ୟଙ୍କୁ ବଜ୍ରାଘାତ ଦେଇ, ନିଜ ସହକର୍ମୀ ମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ଆରପାରିକୁ ଚାଲିଯାଇଥିବା କୁମୁଦ ଚନ୍ଦ୍ର ପଟ୍ଟନାୟକ ଉପରୋକ୍ତ ମାର୍ଗ ତ୍ରୟକୁ ଜୀବନରେ ଅବଲମ୍ବନ କରି ବହୁଳ ଭାବେ ସୁନାମ ଅର୍ଜନ କରିଯାଇଛନ୍ତି।

ତ୍ୟାଗପୂତ ଓ ଦେଶପ୍ରେମୀ ୰କାଶୀନାଥ ପଟ୍ଟନାୟକ ଓ ମାତା ୰ଶକୁନ୍ତଳା ପଟ୍ଟନାୟକଙ୍କ କୋଳମଣ୍ଡନ କରି ଗଞ୍ଜାମ ଜିଲ୍ଲାର ଖୁକୁନ୍ଦିଆ ନୂଆଗଡ଼ ଗ୍ରାମରେ ଜନ୍ମଲାଭ କରିଥିବା ସୁପୁତ୍ର କୁମୁଦ ଚନ୍ଦ୍ର ପିତାଙ୍କ ସଦୃଶ ଏକ ସଂଗ୍ରାମୀ କେବଳ ନଥିଲେ ବିଜୟୀ ମଧ୍ୟ ହୋଇଥିଲେ। ପିତା ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଏକାଧିକ ବାର କାରାବାସ କରିଥିଲେ ଯାହା ପ୍ରଭାବରେ ପୁତ୍ର ମଧ୍ୟ ଜନସେବା ଦିଗରେ ପ୍ରଭାବିତ ହୋଇଥିଲେ ବାଲ୍ୟକାଳରୁ। ପିତା ଏକ ସ୍କୁଲର ପ୍ରଧାନ ଶିକ୍ଷକ ଥିବାରୁ ପୁତ୍ରକୁ ମଧ୍ୟ ଏକ ଶୃଙ୍ଖଳିତ ଓ ଅଧ୍ୟବସାୟୀ ଛାତ୍ର ଭାବେ ଗଢ଼ିତୋଳି ଥିଲେ ଯାହାଫଳରେ ପୁତ୍ର କୁମୁଦ ଚନ୍ଦ୍ର ଆସ୍କାରୁ ମାଟ୍ରିକ, କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରୁ ପିୟୁ ପାସକରି ଉଚ୍ଚତର ଶିକ୍ଷା ପାଇଁ ଅର୍ଥ ବ୍ୟବସ୍ଥା କରିବା ଲକ୍ଷ୍ୟରେ ଦେବୋତ୍ତର ବିଭାଗରେ ସ୍ୱଳ୍ପ ସମୟ ପାଇଁ ଚାକିରୀ କରିଥିଲେ। ତା ସହିତ ରେଭେନ୍ସା ସାନ୍ଧ୍ୟ ମହାବିଦ୍ୟାଳୟରେ ଅଧ୍ୟୟନ କରି ବି.ଏ. ପାସ କଲେ। ବନ ବିଭାଗରେ କିଛି ଦିନ ମୁକରିର ହୋଇ ନିଜ ପ୍ରଚେଷ୍ଟା ବଳରେ ବିଭିନ୍ନ ବିଭାଗକୁ ଦରଖାସ୍ତ କରୁ କରୁ ଆୟକର ବିଭାଗରେ ଭର୍ତ୍ତି ହେଲେ। ବିଭାଗୀୟ ବିଭିନ୍ନ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଆଇଟିଓ ପଦ ମଣ୍ଡନ କରି ଦୀର୍ଘ ବର୍ଷ କୃତୀତ୍ୱର ସହ ଦାୟିତ୍ୱ ସମ୍ପାଦନ କରି ଉପରିସ୍ଥ କର୍ମକର୍ତ୍ତାଙ୍କର କେବଳ ବିଶ୍ୱାସ ଭାଜନ



ହୋଇନଥିଲେ, ବାରମ୍ବାର ପୁରସ୍କୃତ ମଧ୍ୟ ହୋଇଥିଲେ। ଚଳିତ ବର୍ଷ ବିଭାଗର ଅମୃତ ମହୋତ୍ସବରେ ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ଏହା ତାଙ୍କ କଠୋର ଅଧ୍ୟବସାୟର ପରିଚୟ ଦିଏ। ଏଥିରେ ତାଙ୍କ ସହଧର୍ମିଣୀଙ୍କ ସକ୍ରିୟ ଭୂମିକା ନିଶ୍ଚିତ ଭାବେ ଉଲ୍ଲେଖଯୋଗ୍ୟ।

ଜୀବନର ମଧ୍ୟାହ୍ନରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସଦାଶୟତା ଲାଭ କରି ନିଜକୁ ଆଧ୍ୟାତ୍ମିକ ମାର୍ଗରେ ବୁଡ଼ାଇ ଦେଇଥିଲେ। ସେବାକୁ ପରମ ତପସ୍ୟା ଭାବି ଲୋକହିତକର କର୍ମକୁ କେବେ ବି ହାତଛଡ଼ା କରୁନଥିଲେ। ନିଜ ଗ୍ରାମ ଠାକୁର ମନ୍ଦିରର ଉନ୍ନତିକଳ୍ପେ ଏକ କୂପ ଖନନ ସହ ପକ୍କା ଘର ନିର୍ମାଣ କରି ଗ୍ରାମବାସୀ ମାନଙ୍କ ଆଶୀର୍ବାଦର ପାତ୍ର ହୋଇଥିଲେ। କଟକ ସତୀଚଉରା ବନ୍ଧତଳେ ପଲାମାରି ରହୁଥିବା ଅଭାବୀ ମାନଙ୍କ ପାନୀୟ ଜଳର ସୁବିଧା ପାଇଁ ଏକ ନଳକୂପ ସ୍ଥାପନ କରି, ସାପ୍ତାହିକ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ଯୋଗାଣ ତାହା ପୁଣି ବର୍ଷ ବର୍ଷ ଧରି କୁମୁଦ ଚନ୍ଦ୍ରଙ୍କୁ ଏକ ବିଶ୍ୱାଳ ହୃଦୟ ବ୍ୟକ୍ତି ଭାବେ ଚିତ୍ରଣ କରିପାରିଛି। ସାଇ ସଙ୍ଗଠନରେ ମଧ୍ୟ ତାଙ୍କ ଉଦାରତା, ଅକୁଣ୍ଠ ମନବୃତ୍ତି ଭଗବାନ ସତ୍ୟସାଇଙ୍କ ପ୍ରିୟ କରିଥିବ ନିଶ୍ଚୟ। ସଙ୍ଗଠନରେ ସେ ଜଣେ ସାଧାରଣ ସଭ୍ୟ ଠାରୁ ଆରମ୍ଭ କରି ମଣ୍ଡଳ ଆବାହକ, ସମିତି ଆବାହକ ଏବଂ ଜିଲ୍ଲା ସଭାପତି ପର୍ଯ୍ୟନ୍ତ ଉତ୍‌ଥିତ ହୋଇଥିଲେ। ଶେଷକୁ ସତ୍ୟସାଇ ସ୍କୁଲର ସଚିବ ଭାବେ ଅବସ୍ଥାପିତ ହୋଇ ସ୍କୁଲର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଥିଲେ। ସ୍କୁଲର ବାର୍ଷିକ ପତ୍ରିକା ପ୍ରକାଶନ ତଥା ବାର୍ଷିକ ଉତ୍ସବ ପରିଚାଳନାରୁ ତାଙ୍କ ଜ୍ଞାନର ଗାରିମା ସ୍ପଷ୍ଟ ଭାବେ ଉଜ୍ଜ୍ୱଳି ଉଠୁଥିଲା। ସଂକୀର୍ଣ୍ଣତା ତାଙ୍କୁ ଛୁଇଁ ପାରିନଥିଲା। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେ ସମସ୍ତେ ତାଙ୍କ ସ୍ନେହ ଓ ପ୍ରେମ ଭାବର ପରଶରେ ମୁଗ୍ଧ ହୋଇ ମନର ସନ୍ତୋଷ ଲାଭ କରିଛନ୍ତି। ନୀତିବାନ ଓ ନ୍ୟାୟ ପରାୟଣ ବ୍ୟକ୍ତିମାନେ ମଧ୍ୟ କାହା କାହାର ଆକ୍ରୋଶର ଶିକାର ହେବା ପୁରାଣ ପୃଷ୍ଠାରୁ ଆରମ୍ଭ କରି ଆଜିର ରାଜନୀତିରେ ମଧ୍ୟ ଦେଖାଯାଉଅଛି। ସେଥିରେ ବିବ୍ରତ ନ ହୋଇ ନିଜ କର୍ତ୍ତବ୍ୟ ପଥରେ ଦୃଢ଼ ରହିବା ହିଁ ଶାସ୍ତ୍ର ଗୁଡ଼ିକର ନିର୍ଦ୍ଦେଶ। ଭଗବାନ ଦିଂବଗତ ଆତ୍ମାକୁ ତାଙ୍କ ପଦପ୍ରାନ୍ତରେ ସ୍ଥାନ ଦିଅନ୍ତୁ, ପରିବାରକୁ ଆଶ୍ୱାସନା ଦିଅନ୍ତୁ, ସେ ଅଧା ରଖି ଯାଇଥିବା କର୍ମକୁ ପୂର୍ଣ୍ଣାଙ୍ଗ ରୂପ ଦେବା ସହିତ ତାଙ୍କ ଦିବ୍ୟ ଶୁଭଦୃଷ୍ଟି ଦେଉଥାନ୍ତୁ - ଏତିକି ପ୍ରାର୍ଥନା।

**ଅଲିଶା ବଜାର, କଟକ**
**ମୋବାଇଲ୍: ୯୩୩୭୨୪୨୯୫୫**

# ଶିଳ୍ପ ଦୁର୍ଘଟଣା କାହିଁକି ?



**ଯୁଧିଷ୍ଠିର ମହାରଣା**

ବିଗତ ଦିନରେ ଭୂଷଣରେ ଘଟିଥିବା ଅଭାବନୀୟ ଶିଳ୍ପ ଦୁର୍ଘଟଣା ରାଜ୍ୟର ଶିଳ୍ପନିରାପତ୍ତା ଆଇନ ଓ ତଦ୍‌ଜନିତ ପରିପାର୍ଶ୍ୱିକ ଘଟଣା ଉପରେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ରାଜ୍ୟର ପ୍ରଗତିର ଶିଳ୍ପାୟନର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ବିଗତ ଦଶବର୍ଷର ରେକର୍ଡ଼କୁ ଦେଖିଲେ ଜଣାଯାଏ ଯେ ଶିଳ୍ପଦୁର୍ଘଟଣା ଦିନକୁ ଦିନ ଉଦ୍‌ବେଗଜନକ ଭାବେ ଘଟି ଚାଲୁଛି। କମ୍ପାନୀର ବ୍ୟାପକ କ୍ଷତି ହେବା ସହ ନିରୀହ ଖଟିଖିଆ ଲୋକଗୁଡ଼ିକଙ୍କ ଜୀବନ ଦୀପ ଅକାଳରେ ଝଡ଼ିପଡୁଛି। ତେବେ ଶିଳ୍ପ ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କଲାବେଳେ ବିଭିନ୍ନ ପ୍ରଶ୍ନ ସ୍ୱଭାବିକ ଭାବେ ଉଠୁଛି। ପ୍ରାୟତଃ ଦେଖାଯାଇଥାଏ ବଜାରର ମଜୁରୀ ଠାରୁ ଯଥେଷ୍ଟ କମ୍‌ରେ ଶ୍ରମଶକ୍ତି ମିଳିଯାଉଥିବାରୁ ସେମାନଙ୍କୁ କୌଣସି ପ୍ରକାର ବୈଷୟିକ ଶିକ୍ଷା ଦିଆନଯାଇ ସିଧାସଳଖ ଶିଳ୍ପ କ୍ଷେତ୍ରର ତଡଲା ସ୍ଥାନକୁ ପଠେଇ ଦିଆଯାଉଛି। ଏ ନେଇ ସଚେତନତା ବି ସେପରି ସୃଷ୍ଟି ହୋଇନାହିଁ। କେବଳ ଭୂଷଣ ନୁହେଁ ଓଡ଼ିଶାରେ ମଧ୍ୟ କ୍ରମାଗତ ଭାବରେ ଭୟାନକ ଶିଳ୍ପ ଦୁର୍ଘଟଣା ଛୋଟ ହେଉ ବା ବଡ଼ ଘଟିଚାଲିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ଓଡ଼ିଶାରେ ଥିବା ଚାରିଗୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ୬୩୪ଟି ସକ୍ରିୟ ବିଚାରାଧୀନ ମାମଲାରେ ରହିଛି। ରାଜ୍ୟରେ ଗଢ଼ି ଉଠିଥିବା ବିଭିନ୍ନ ଛୋଟ ବଡ଼ କଳକାରଖାନାରୁ ଯେଉଁ ଚିମିନ୍‌ର ଧୂଆଁ ଓ ପାଉଁଶ ସ୍ଥାନୀୟ ପରିବେଶକୁ ପ୍ରଦୂଷିତ କରୁଛି। ଏହାକୁ ବନ୍ଦ କରିବା ପାଇଁ କାରଖାନାରେ 'ଇଏସ୍‌ପି' ଲଗାଯିବା ବାଧ୍ୟତାମୂଳକ ହୋଇଥିଲେ ବି ବିଜୁଳି ବିଲରୁ ରକ୍ଷା ପାଇବା ପାଇଁ ଏହି ଇଏସ୍‌ପିକୁ ଚଳାଉନାହାଁନ୍ତି। ତେବେ ଯେଉଁପରି ଭାବରେ କ୍ରମାଗତ ଶିଳ୍ପଦୁର୍ଘଟଣା ଘଟିଚାଲିଛି ଏହା ପାଇଁ ସବୁମହଲରୁ ଉଦ୍‌ବେଗ ପ୍ରକାଶ ପାଉଥିଲେ ବି ଏହା କିନ୍ତୁ ଅନେକ କଳକାରଖାନାର ମାଲିକଙ୍କ ପାଇଁ ସାମାନ୍ୟ ଘଟଣା ଭାବେ ବିବେଚିତ ହୋଇଥାଏ। ଶିଳ୍ପ ନିରାପତ୍ତା ଆଇନକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସମୟରେ ଭାରତ ସର୍ବୋଚ୍ଚ ଅଦାଲତ ମାନ୍ୟବର ସୁପ୍ରିମକୋର୍ଟ ଓ ମାନ୍ୟବର ହାଇକୋର୍ଟ ଏ ନେଇ ନିଜର ଉଦ୍‌ବେଗ ପ୍ରକାଶ ତୁରନ୍ତ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ପାଇଁ ଯେଉଁ ନିର୍ଦ୍ଦେଶନାମା ଦେଇଥିଲେ ତାହା କିନ୍ତୁ ଏବେ ପ୍ରାୟ ଅଳିଆଗଦାରେ ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଶ୍ରମିକଙ୍କୁ ଅଧିକ ମଜୁରୀ ନଦେଇ ଏକ ପ୍ରକାର ଶୋଷଣ କରାଯାଇ କିଛି ଅନାମଧେୟ ଠିକାଦାରଙ୍କ ଦ୍ୱାରା ଶ୍ରମିକ ମାନଙ୍କୁ ଶିଳ୍ପ କେନ୍ଦ୍ରକୁ ଅଣାଯାଇଥାଏ। ସେମାନେ କୌଣସି ତାଲିମ ନ ନେଇ ମଧ୍ୟ ଏହି କାମରେ ହାତ ଦେଉଥିବାରୁ ପରବର୍ତ୍ତୀ ସମୟରେ ସେମାନେ ଦୁର୍ଘଟଣାର ଶିକାର ହୁଅନ୍ତି ଆଉ ଅଧିକାଂଶ ସମୟରେ ନିଜ ଦୋଷ ଛଡ଼ାଇବା ପାଇଁ ଶିଳ୍ପ ସଂସ୍ଥାର ଉଚ୍ଚକର୍ତ୍ତୃପକ୍ଷ ବାହାନା ଦେଖାଇଥାନ୍ତି। ଶିଳ୍ପ ସଂସ୍ଥା ସହିତ ସବୁଜ ପରିବେଶ ଓ ତତ୍କାଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ହାତରେ ରଖିବାକୁ ନିୟମଥିଲେ ମଧ୍ୟ ଏହା ପ୍ରାୟତଃ ପାଳନ କରାଯାଉନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଶିଳ୍ପ ବିଭାଗ ରାଜ୍ୟର ଛୋଟବଡ଼ କଳକାରଖାନାକୁ ପରିଦର୍ଶନର ଯିବାକୁ ବ୍ୟବସ୍ଥା ଥିଲେ ବି ପ୍ରାୟତଃ ସେମାନେ ଯାଇନଥାନ୍ତି। ଦିନକୁ ଦିନ ଯେଉଁପରି ଭାବରେ ଶିଳ୍ପ ଶ୍ରମିକଙ୍କ ଜୀବନ ଜୀବିକା ଉଜୁଡ଼ି ଯାଉଛି ତେଣୁ ବର୍ତ୍ତମାନ ସମୟ ପହଞ୍ଚିଛି ଶିଳ୍ପ ନିରାପତ୍ତା ଆଇନକୁ କଠୋର ଭାବରେ ପାଳନ କରିବା ସହିତ ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି ହେଲେ ଶିଳ୍ପ ଦୁର୍ଘଟଣା ନିଶ୍ଚିନ୍ତ ଭାବରେ କମିପାରନ୍ତା।



**ଆଡ଼ଭୋକେଟ**
**ଓଡ଼ିଶା ହାଇକୋର୍ଟ, କଟକ**

# ସନ୍ତାନ ପ୍ରାପ୍ତି ପାଇଁ ପଣ୍ଡୁ ଓଷା

**ସନ୍ତୋଷ କୁମାର ଦାଶ**



ଆମ ଓଡିଆଙ୍କ ଘରେ ବାର ମାସରେ ତେର ପର୍ବ ପର୍ବାଣୀ ପାଳନ କରାଯାଏ। ତା ମଧ୍ୟରୁ ପଣ୍ଡୁ ଓଷା ଅନ୍ୟତମ। ମାର୍ଗଶୀର ମାସ ପୂର୍ଣ୍ଣିମା କୁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ ଓ ଏହି ଦିନ ଏହି ଓଷା ପାଳନ କରାଯାଉ ଥିବାରୁ ଏହାର ନାମ ପଣ୍ଡୁ ଓଷା ରହିଛି। ଆଉ କେତେକ କୁହନ୍ତି ଯେ, ଏହି ସମୟ ରେ ହେମନ୍ତ ଋତୁ ଶେଷ ହୋଇ ଶୀତ ଋତୁ ଆରମ୍ଭ ହୋଇ ଥାଏ। ପ୍ରତିଦିନ ସକାଳୁ କୁହୁଡ଼ି ପଡ଼ିବା ଯୋଗୁଁ ଚାରିଆଡ଼େ ଫିକା ଧଳା ବା ପାଣ୍ଡୁର ବର୍ଣ୍ଣ ଦେଖାଯାଏ। ଏଣୁ ଏହି ପୂର୍ଣ୍ଣିମା କୁ ପଣ୍ଡୁ ପୂର୍ଣ୍ଣିମା ଓ ଏହିଦିନ ଏହି ଓଷା ପାଳନ କରାଯାଉ ଥିବାରୁ ଏହାର ନାମ ପଣ୍ଡୁ ଓଷା ରହିଛି। କାର୍ତ୍ତିକ ମାସ ର ବଡ଼ ଓଷା ପର୍ବ ପରି ଗଜ ବସାଯାଇ ଏହି ବ୍ରତ ପାଳନ କରାଯାଏ। ଯମରାଜ ଙ୍କୁ ସନ୍ତୁଷ୍ଟ କରି ପୁତ୍ର ସନ୍ତାନ ପ୍ରାପ୍ତି ନିମନ୍ତେ ଏହି ପୂଜା କରାଯାଇଥାଏ ବୋଲି କହିଛନ୍ତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର। ଏହି ଓଷା ପାଳନ କୁ ନେଇ ସ୍ୱତନ୍ତ୍ର ବିଧି ରହିଛି। ପୂଜା ର ମୁଖ୍ୟ ଭୋଗ ମଣ୍ଡା ପିଠା ବା ଗଜ ପିଠା। ଗୃହିଣୀ ମାନେ ଗୃହ କୁ ଗୋବର ରେ ଲିପି ବିଭିନ୍ନ ସ୍ଥାନରେ ମୁରୁଜ ରେ ଝୋଟି ଚିତ୍ର ଅଙ୍କନ। କରିଥାନ୍ତି। ପୂଜା ସ୍ଥଳ ରେ ଗଜ ଭୋଗ କୁ ସ୍ଥାପନା କରାଯିବା ପରେ ବ୍ରାହ୍ମଣ ପୁରୋହିତ ମାନେ ଯମରାଜ ଙ୍କୁ ଆବାହନ, ପୂଜନ କରିବା ସହ ମଣ୍ଡା ପିଠା, ଖଇ, କଦଳୀ, ଛେନା ପ୍ରଭୃତି ଭୋଗ ଲାଗି କରିଥାନ୍ତି। ଯମରାଜ ଏହି ପୂଜା ରେ ସନ୍ତୁଷ୍ଟ ହେଲେ ଓଷା କରିଥିବା ମହିଳା ଙ୍କ ପୁତ୍ର ସନ୍ତାନ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଓଷା ନାରୀ ଜାତି ବିଶେଷ କରି ମା ମାନଙ୍କ ପାଇଁ ଏକ ଅନନ୍ୟ ଓଷା ଅଟେ। ଓଡ଼ିଶା ର ବିଭିନ୍ନ ଅଞ୍ଚଳ ରେ ଏହି ଓଷା ପାଳନ କରାଯାଉଥିବା ବେଳେ ପୁରୀ ଶ୍ରୀ ମନ୍ଦିର ରେ ମଧ୍ୟ ପରମ୍ପରା ବିଧି ଅନୁଯାୟୀ ପଣ୍ଡୁ ଓଷା ପାଳିତ ହୋଇଥାଏ। ପୂର୍ଣ୍ଣିମା ଦିନ ସକାଳ ଧୂପ ପରେ ପୁଷ୍ପାଳକ ସେବକମାନେ ରତ୍ନ ସିଂହାସନ ଉପରେ ବିରାଜିତ ଶ୍ରୀ ଜିୟୁ ମାନଙ୍କ ମଇଲମ ନୀତି ସମ୍ପାଦନ କରିବା ସହିତ ଖଣ୍ଡିଏ ଆଜ୍ଞାମାଳ ଲାଗି କରିଥାନ୍ତି।ଶ୍ରୀ ମନ୍ଦିରର ଦକ୍ଷିଣୀ ଘରେ ଥିବା ଅଷ୍ଟଭୂଜ ଉଗ୍ର ନୃସିଂହ ଯାହାଙ୍କୁ ପଣ୍ଡୁ ନୃସିଂହ କୁହାଯାଇଥାଏ ତାଙ୍କୁ ମହାଜନ ସେବକମାନେ ରତ୍ନ ସିଂହାସନ ନିକଟକୁ ନେବାପରେ ସେ ଶ୍ରୀ ଜଗନ୍ନାଥ ଙ୍କ ଠାରୁ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ବିମାନ କୁ ବିଜେ ହୋଇଥାନ୍ତି। ବିମାନବଡୁ ସେବକ ମାନେ ବିମାନ କାନ୍ଧେଇ ଉଗ୍ର ନୃସିଂହ ଙ୍କୁ ଶ୍ରୀ କ୍ଷେତ୍ରର ଚାରି ଆଶ୍ରମ ଭ୍ରମଣ କରାଇ ବଡ ଦେଉଳ କୁ ଫେରି ଆସିଥାନ୍ତି ଶେଷ ହୋଇଥାଏ ପଣ୍ଡୁ ଓଷା ନୀତି।

**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮**

# 'ଦି ସାବରମତି ରିପୋର୍ଟ' ସ୍କ୍ରିନିଂ ବେଳେ ଜେଏନୟୁରେ ହଙ୍ଗାମା



**ନୂଆଦିଲ୍ଲୀ,୧୨।୧୨:** ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ରେ 'ଦି ସାବରବତୀ ରିପୋର୍ଟ' ସ୍କ୍ରିନିଂକୁ ନେଇ ଗୁରୁବାର ସନ୍ଧ୍ୟାରେ ଅଶାନ୍ତି ସୃଷ୍ଟି ହୋଇଛି। ଫିଲ୍ମର ସ୍କ୍ରିନିଂକୁ ବିରୋଧ କରି ଗୋଟିଏ ଗୋଷ୍ଠୀ ପୋଷ୍ଟର ଚିରିବା ସହ ପଥର ମାଡ଼ କରିଛନ୍ତି। ତେବେ ସବୁବେଳେ ଏବିଭିପି କାର୍ଯ୍ୟକ୍ରମରେ ବାମପନ୍ଥୀ ଛାତ୍ରଗୋଷ୍ଠୀ ବାଧା ସୃଷ୍ଟି କରୁଥିବା ଏବିଭିପି ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଜେଏନୟୁରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ନିକଟରେ ମୁକ୍ତିଲାଭ କରିଥିବା ବିକ୍ରାନ୍ତ ମେସି ଷ୍ଟାରର୍ 'ଦି ସାବରମତି ରିପୋର୍ଟ'ର ସ୍କ୍ରିନିଂ ଆୟୋଜନ କରାଯାଇଥିଲା। କିନ୍ତୁ ଗୋଟିଏ ଛାତ୍ର ଗୋଷ୍ଠୀ ଏହାକୁ ବିରୋଧ କରି ପୋଷ୍ଟର ଚିରିଥିଲେ। ଜଣେ ଏବିଭିପି ଛାତ୍ର ଅଭିଯୋଗ କରିଛନ୍ତି ଯେ ବାମପନ୍ଥୀ ଛାତ୍ରମାନେ ବାରମ୍ବାର ଏଭଳି କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ଆମେ ଏକ ଚଳଚ୍ଚିତ୍ରର ସ୍କ୍ରିନିଂ ଆୟୋଜନ କରିଥିଲୁ, ସେତେବେଳେ ମଧ୍ୟ ସେମାନଙ୍କ ଦ୍ୱାରା ସମାନ କାର୍ଯ୍ୟ କରାଯାଇଥିଲା। ଆଜି ବି ବାମପନ୍ଥୀ ଛାତ୍ରଗୋଷ୍ଠୀଙ୍କ ଦ୍ୱାରା ପଥର ମାଡ଼ରେ ଏକାଧିକ ଛାତ୍ର ଆହତ ହୋଇଛନ୍ତି। କିନ୍ତୁ କୁଳପତି ଶାନ୍ତିଶ୍ରୀ ଧୂଳିପୁଡ଼ି ପଣ୍ଡିତ କାମ୍ପସ୍‌ରେ ହିଂସାକାଣ୍ଡ ଘଟିନାହିଁ ଓ ପୂରା ଶାନ୍ତ ରହଇଛି ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ, ଏକତା କପୁର ପ୍ରଯୋଜିତ ଦି ସାବରବତୀ ରିପୋର୍ଟ ଚଳଚ୍ଚିତ୍ର ନିକଟରେ ସାରା ଦେଶରେ ବେଶ ଚର୍ଚ୍ଚାରେ ରହିଛି। ୨୦୦୨ ରେ ସଂଘଟିତ ଗୋଧ୍ରା ଟ୍ରେନ ପୋଡ଼ି ଓ ଏହା ପରବର୍ତ୍ତି ଦଙ୍ଗାର ଯାଞ୍ଚ ଉପରେ ଉକ୍ତ ଫିଲ୍ମ ଆଧାରିତ। ଫିଲ୍ମ ରିଲିଜ ହେବା ପରଠାରୁ ବିବାଦ ଲାଗି ରହିଛି। କିଛି ଲୋକ ଏହି ଚଳଚ୍ଚିତ୍ରକୁ ଏକପାଖିଆ ବୋଲି ବର୍ଣ୍ଣନା କରିଥିବାବେଳେ ଅନ୍ୟମାନେ ଏହାକୁ ପ୍ରଶଂସା କରିଛନ୍ତି। ଓଡ଼ିଶା ସମେତ ଅନେକ ଏନଡିଏ ଶାସିତ ରାଜ୍ୟ ଏହି ଚଳଚ୍ଚିତ୍ରକୁ ଟିକସ ମୁକ୍ତ ଘୋଷଣା କରିଛନ୍ତି।

## ଛାଡ଼ପତ୍ର ଓ ଭରଣପୋଷଣ ପାଇଁ ସୁପ୍ରିମକୋର୍ଟଙ୍କ ୮ ସୂତ୍ରୀ ଫର୍ମୁଲା

**ନୂଆଦିଲ୍ଲୀ, ୧୨।୧୨:** ବେଙ୍ଗାଲୁରୁରେ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ମାମଲା ପରେ ବଡ଼ ନିଷ୍ପତ୍ତି ନେଇଛନ୍ତି ସୁପ୍ରିମକୋର୍ଟ। ଛାଡ଼ପତ୍ର ଓ ଭରଣ ପୋଷଣ ପାଇଁ ୮ ସୂତ୍ରୀ ଫର୍ମୁଲା ନିର୍ଦ୍ଧାରିତ କରିଛନ୍ତି। ଶାଶୂଘର ଲୋକଙ୍କ ଦ୍ୱାରା ମହିଳାମାନଙ୍କୁ ନିର୍ଯାତନାରୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ଆଇନର ଅପବ୍ୟବହାର ବୃଦ୍ଧି ପାଉଥିବା ଦର୍ଶାଇ ସୁପ୍ରିମ୍‌କୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି।

କୋର୍ଟ କହିଛନ୍ତି ଏଣିକି ଭରଣପୋଷଣ ଶୁଣାଣି ବେଳେ ସ୍ୱାମୀ ଏବଂ ସ୍ତ୍ରୀର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତି, ଭବିଷ୍ୟତରେ ପତ୍ନୀ ଏବଂ ପିଲାମାନଙ୍କର ମୌଳିକ ଆବଶ୍ୟକତା, ଉଭୟ ପକ୍ଷର ଯୋଗ୍ୟତା ଏବଂ ରୋଜଗାର, ଆୟ ଏବଂ ସମ୍ପତ୍ତିର ଉତ୍ସ, ତାଙ୍କ ଶାଶୂଘରେ ରହୁଥିବା ସମୟରେ ପତ୍ନୀଙ୍କ ଜୀବନଧାରଣ ମାନ, ସେ ପରିବାରର ଯତ୍ନ ନେବା ପାଇଁ ଚାକିରି ଛାଡ଼ିଛନ୍ତି କି?, କାମ କରୁନଥିବା ପତ୍ନୀଙ୍କ ପାଇଁ ଆଇନଗତ ଯୁଦ୍ଧ ପାଇଁ ଯୁକ୍ତିଯୁକ୍ତ ପ୍ରମାଣ, ରକ୍ଷଣାବେକ୍ଷଣ ଭତ୍ତା ସହିତ ସ୍ୱାମୀଙ୍କ ଆର୍ଥିକ ସ୍ଥିତି, ରୋଜଗାର ଏବଂ ଅନ୍ୟାନ୍ୟ ଦାୟିତ୍ୱ କ'ଣ ହେବ? ଇତ୍ୟାଦି ବିଷୟ ଦେଖାଯିବ। ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ପିଭି ବରାଲେଙ୍କ ବେଞ୍ଚ ଛାଡ଼ପତ୍ର ଓ ଭରଣପୋଷଣ ରାଶି ଉପରେ ନିଷ୍ପତ୍ତି ଦେବାବେଳେ ଦେଶର ସମସ୍ତ କୋର୍ଟଙ୍କୁ ଏହି ୮ ସୂତ୍ରୀ ଫର୍ମୁଲା ଅନୁଯାୟୀ ବିଚାର ଶୁଣାଇବାକୁ କହିଛନ୍ତି। ଏଥିରେ ଦର୍ଶାଯାଇଥିବା କାରଣ ଉପରେ ଆଧାର କରି ନିର୍ଦ୍ଦେଶ ଦେବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ବେଙ୍ଗାଲୁରୁର ଏଆଇ ଇଞ୍ଜିନିୟର୍ ଅତୁଲ ସୁଭାଷ ଆତ୍ମହତ୍ୟା ପୂର୍ବରୁ ୮୦ ମିନିଟର ଏକ ଭିଡିଓ ରେକର୍ଡ କରିଥିଲେ, ଯେଉଁଥିରେ ସେ ତାଙ୍କଠାରୁ ଅଲଗା ହୋଇଯାଇଥିବା ପତ୍ନୀ ନିକିତା ସିଙ୍ଘାଣିଆ ଓ ତାଙ୍କ ବାପ ଘର ବିରୋଧରେ ଏକାଧିକ ଅଭିଯୋଗ କରିଥିଲେ। ନିକିତା ଓ ତାଙ୍କ ବାପଘର ଲୋକେ ତାଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ତାଙ୍କ ବିରୋଧରେ ଓ ତାଙ୍କ ପରିବାର ବିରୋଧରେ ଏକାଧିକ ମାମଲା ରୁଜୁ କରିଥିବା ସେ ଅଭିଯୋଗ କରିଥିଲେ।

## ଆଖିବୁଜା ଗୁଳିମାଡ଼ରେ ବଡ଼ି ବିଲ୍ଡର୍ ଆହତ

**ନୂଆଦିଲ୍ଲୀ, ୧୨।୧୨:** ପାର୍କ ଭିତରେ ସାଙ୍ଗମାନଙ୍କ ସହ ବସି ନିଆଁରେ ସେକି ହେଉଥିଲେ ବଡ଼ି ବିଲ୍ଡର। ଏତିକି ବେଳେ ହଠାତ୍ ତାଙ୍କ ଉପରକୁ ହେଲା ଆଖିବୁଜା ଗୁଳିମାଡ଼। ଫୁଟିଲା ୫ ରାଉଣ୍ଡ ଗୁଳି। ଦେଶର ରାଜଧାନୀ ଦିଲ୍ଲୀରେ ଘଟିଛି ଏଭଳି କିଛି ଗୁଳିକାଣ୍ଡ ଘଟଣା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ପୂର୍ବ ଦିଲ୍ଲୀର କଲ୍ୟାଣପୁରୀ ପୁଲିସ ଷ୍ଟେସନ ଅଞ୍ଚଳର ତ୍ରିଲୋକପୁରୀ ସେକ୍ଟର ୧୩। ଏଠାରେ କିଛି ସାଙ୍ଗମାନେ ଏକାଠି ହୋଇ ବସି ନିଆଁ ସେକୁ ଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଆସି ତାଙ୍କ ଭିତରକୁ ଜଣେ ଯୁବକଙ୍କୁ ଟାର୍ଗେଟ୍ କରି ଗୁଳିମାଡ଼ କରିଛନ୍ତି। ବୁଧବାର ରାତି ପ୍ରାୟ ସାଢ଼େ ୧୨ଟା ବେଳେ ଏହି ଘଟଣା ଘଟିଛି। ଗୁଳିମାଡ଼ ପରେ ଗୁରୁତର ଆହତ ଯୁବକଙ୍କୁ ମ୍ୟାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଆହତ ଯୁବକ ଜଣକ ହେଲେ ରବି। ସେ ପେସାରେ ଜଣେ ଜିମ୍ ଟ୍ରେନର୍। ସେ ତ୍ରିଲୋକପୁରୀ ଅଞ୍ଚଳରେ ରୁହନ୍ତି। କୁହାଯାଉଛି ଯେ ତାଙ୍କ ଦେହରେ ୫ଟି ଗୁଳି ବାଜିଛି। ତାଙ୍କ ଅବସ୍ଥା ଗୁରୁତର ରହିଛି। ପୁଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ଘଟଣା ସ୍ଥଳରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି ପୁଲିସ। ଆହତ ଯୁବକ ରବିଙ୍କୁ ବଡ଼ି ବିଲ୍ଡିଂ କରିବାର ସଉକ୍ ରହିଛି। ଯେଉଁଥିରେ ସେ ଅନେକ ପୁରସ୍କାର ଜିତିଛନ୍ତି। ତେବେ କିଏ ଓ କାହିଁକି ତାଙ୍କୁ ଏଭଳି ଗୁଳିମାଡ଼ କରିଛି ସେ ନେଇ କିଛି ଜଣାପଡି ନାହିଁ। ପୁଲିସ ସବୁ ଦିଗକୁ ଅନୁଧ୍ୟାନ କରି ଯାଞ୍ଚ ଜାରି ରଖିଛି। ସେପଟେ ଗୁଳିକାଣ୍ଡ ମାମଲାକୁ ନେଇ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ୱାଲ ସୋଶାଲ ମିଡିଆରେ ଏକ ପୋଷ୍ଟ ସେୟାର କରି ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, 'ଆଉ ଏକ ସକାଳେ ହୃଦୟ ବିଦାରକ ଖବର ସାମ୍ନାକୁ ଆସିଛି। ଖୁଲମଖୁଲା ଭାବେ ଗୁଳିମାଡ଼ କରାଯାଉଛି। ଦିଲ୍ଲୀର ଅପରାଧୀଙ୍କ ମଧ୍ୟରେ ଆଉ ଆଇନ ଶୃଙ୍ଖଳା ପ୍ରତି ଭୟ ନାହିଁ।'

### ଏଆଇ ଇଞ୍ଜିନିୟର୍ ଆତ୍ମହତ୍ୟା ମାମଲା

## ପତ୍ନୀ ନିକିତାଙ୍କ ମା'-ଭାଇ ଫେରାର

**ବେଙ୍ଗାଲୁରୁ, ୧୨।୧୨:** ଏଆଇ ଇଞ୍ଜିନିୟର୍ ଅତୁଲ ସୁଭାଷ ଆତ୍ମହତ୍ୟା ମାମଲାରେ ନୂଆ ମୋଡ ସାମ୍ନାକୁ ଆସିଛି। ବେଙ୍ଗାଲୁରୁରେ ତାଙ୍କ ପତ୍ନୀ ନିକିତା ସିଙ୍ଘାନିଆ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ଅଭିଯୁକ୍ତଙ୍କ ମୁଣ୍ଡରେ ଏବେ ଗିରଫଦାରୀର ଖଣ୍ଡା ଝୁଲୁଛି। ତଦନ୍ତ ପାଇଁ ବେଙ୍ଗାଲୁରୁ ପୁଲିସ ଜୈନପୁରରେ ପହଞ୍ଚିଛି। ଏହାରି ଭିତରେ ବିଳମ୍ବିତ ରାତିରେ ନିକିତାଙ୍କ ଅଭିଯୁକ୍ତ ମା' ଓ ଭାଇ ଘରେ ତଲା ପକାଇ ଫେରାର ହୋଇଯାଇଛନ୍ତି। ଗିରଫ ଭୟରେ ଅନୁରାଗ ସିଙ୍ଘାନିଆ ଏବଂ ନିଶା ସିଙ୍ଘାନିଆ ଫେରାର ହେବା ବେଳାର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି। ସୂଚନା ଅନୁସାରେ ନିକିତାଙ୍କ ମା' ଓ ଭାଇ ଜୈନପୁରର ନଗର ଖୋଆ ମଣ୍ଡି ସ୍ଥିତ ଘରେ ରହୁଥିଲେ। ଏବେ ତାଙ୍କ ଘରେ ତାଲା ଝୁଲୁଛି। ଯେତେବେଳେ ସେ ଜାଣିବାକୁ ପାଇଲେ ଯେ ବେଙ୍ଗାଲୁରୁ ପୁଲିସ ଟିମ୍ ଜୈନପୁରରେ ପହଞ୍ଚିଛି, ସେତେବେଳେ ସେ ଘରୁ ପଳାଇବା ଭଲ ବୋଲି ଭାବିଥିଲେ। ଘରେ ତାଲା ପକାଇ ରାତିରେ ବାଇକ୍‌ରେ ଫେରାର ହେଉଥିବା ବେଳର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ପ୍ରଶ୍ନ ପଚାରୁଥିଲେ ମଧ୍ୟ ଉଭୟ କ୍ୟାମେରା ସାମ୍ନାରେ କିଛି ନକହି ହାତ ଯୋଡି ବାଇକ୍‌ରେ ବସି ଚାଲିଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ପରିବାର ଲୋକେ ଅତ୍ମହତ୍ୟା ଲାଗି ଉସ୍‌କାଇଥିବା ପାଇଁ ବେଙ୍ଗାଲୁରୁରେ ନିକିତାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛନ୍ତି। ନିକିତାଙ୍କ ମା' ଏବଂ ଭାଇଙ୍କ ବ୍ୟତୀତ ଅତୁଲଙ୍କ ଦାଦା ଶ୍ୱଶୁର ସୁଶିଲ କୁମାରଙ୍କ ବିରୋଧରେ ମଧ୍ୟ ମାମଲା ଦାୟର କରିଛନ୍ତି ଅତୁଲ ସୁଭାଷଙ୍କ ଭାଇ ବିକାଶ। ବୁଧବାର ସନ୍ଧ୍ୟାରେ ନିକିତାଙ୍କ ଦାଦା ସୁଶିଲ ସିଙ୍ଘାନିଆ କ୍ୟାମେରାରେ ଆଗକୁ ଆସି ସ୍ପଷ୍ଟିକରଣ ଦେଇଛନ୍ତି। ସେ କହିଛନ୍ତି ଯେ ସମସ୍ତ ଅଭିଯୋଗ ଭିତ୍ତିହୀନ। ଅତୁଲ ସୁଭାଷଙ୍କ ପ୍ରତ୍ୟେକ ଅଭିଯୋଗର ଉତ୍ତର ତାଙ୍କ ପରିବାର ପାଖରେ ଅଛି। ଯେହେତୁ ନିକିତା ବର୍ତ୍ତମାନ ବାହାରେ ଅଛନ୍ତି, ସେଥିପାଇଁ ସେ ଅଧିକ କିଛି କହିବେ ନାହିଁ। ନିକିତା ପ୍ରତ୍ୟେକ ଅଭିଯୋଗର ଉତ୍ତର ଦେବେ।

ସୂଚନାଯୋଗ୍ୟ, ବେଙ୍ଗାଲୁରୁର ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ଠିକ୍ ଆତ୍ମହତ୍ୟା କରିବା ପୂର୍ବରୁ ଏକ ଭିଡିଓ ସୁଟ୍ କରିଥିଲେ। ୮୦ ମିନିଟରେ ଏକ ଭିଡିଓ ବନାଇ ସେହି ସବୁ କଥା କହିଥିଲେ ଯାହାକୁ ସେ ଦୀର୍ଘଦିନ ଧରି ସହି ଆସୁଥିଲେ। କାହିଁକି ସେ ଆତ୍ମହତ୍ୟା ପାଇଁ ବାଧ୍ୟ ହେଲେ? କେମିତି ପତ୍ନୀ ଓ ତାଙ୍କ ସମ୍ପର୍କୀୟଙ୍କଠୁ ଦୀର୍ଘଦିନ ଧରି ନିର୍ଯାତନା ସହୁଥିଲେ? ତାଙ୍କ ମୃତ୍ୟୁ ପରେ ପରିବାର, ପୁଅ ସମ୍ଭାଳିବା ସହ ନ୍ୟାୟ ଦେବାକୁ ଏମିତି ଅନେକ କଥା ଭିଡିଓରେ ରେକଡିଂ କରିଥିଲେ ଅତୁଲ ସୁଭାଷ।

## ଇମ୍ରାନଙ୍କ ସହଯୋଗୀ ୧୫୦ ଜଣଙ୍କ ବିରୋଧରେ ମାମଲା

**ଇସଲାମାବାଦ, ୧୨।୧୨:** ପାକିସ୍ତାନୀ ସେନା ବିରୋଧରେ ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରିବା ନେଇ ୧୫୦ ଜଣଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି ଏବଂ ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କୁ ଏବେ ଗିରଫ କରିଛନ୍ତି ସରକାର। ଗିରଫ ହୋଇଥିବା ଅଧିକାଂଶ ଲୋକ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଦଳ ସହ ଜଡିତ ଥିବା ଜଣାପଡିଛି। ସୋସିଆଲ ମିଡିଆରେ ଭ୍ରମିତ କରିବା ଭଳି ତଥ୍ୟ ବିସ୍ତାର କରୁଥିବା ଲୋକଙ୍କ ବିରୋଧରେ ସରକାର ଏବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି। ଏନେଇ ବୁଧବାର ଜଣେ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଇମ୍ରାନ ଖାନଙ୍କ ପାର୍ଟି ପାକିସ୍ତାନ ତେହେରିକ-ଇ-ଇନସାଫ (ପିଟିଆଇ) ଅନୁଯାୟୀ ନଭେମ୍ବର ୨୬ ରେ ଇସଲାମାବାଦରେ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଯାଇଥିଲା। ଏଥିରେ ଅତିକମରେ ଦଳର ୧୨ କର୍ମୀଙ୍କର ମୃତ୍ୟୁ ଘଟିଥିବା ବେଳେ ଶହ ଶହ ଲୋକ ଆହତ ହୋଇଥିଲେ। ଦଳ ଏହା ମଧ୍ୟ ଦାବି କରିଛି ଯେ ସେହି ଦିନଠାରୁ ପ୍ରାୟ ୧୦୫ ଜଣ ଦଳୀୟ କର୍ମଚାରୀ ନିଖୋଜ ରହିଛନ୍ତି। ଏହି ଘଟଣା ପରେ ଇମ୍ରାନ ଖାନ୍‌ଙ୍କ ସମର୍ଥକ ମାନେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରକୁ ଗୁଳି ଚଳାଇବାକୁ ନେଇ ପାକିସ୍ତାନୀ ସେନାକୁ ଦାୟୀ କରିବା ଆରମ୍ଭ କରିଥିଲେ। ତେବେ ଏହା ପରେ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଇଥିବା ଶେହବାଜ ସରିଫଙ୍କ ନେତୃତ୍ୱାଧୀନ ସରକାର ଏହାକୁ ଅସ୍ୱୀକାର କରିଛନ୍ତି।

## ବୋରଓ୍ୱେଲରେ ଶିଶୁର ଜୀବନ ଗଲା

**ଜୟପୁର, ୧୨।୧୨:** ଜୀବନ ଯୁଦ୍ଧରେ ହାରିଗଲା ଆର୍ଯ୍ୟନ୍। ୫୭ ଘଣ୍ଟାର ଯୁଦ୍ଧକାଳିନ ଅପରେସନ୍ ପରେ ବି ବଞ୍ଚାଇ ହେଲାନି ୫ ବର୍ଷର ଏହି ନାବାଳକକୁ। ରାଜସ୍ଥାନ ଦୌସା ସ୍ଥିତ କାଲିଘଟ ଗାଁରେ ଘଟିଛି ଏଭଳି କିଛି ଘଟଣା। ୫ ବର୍ଷୀୟ ଆର୍ଯ୍ୟନ୍ ଖେଳୁ ଖେଳୁ ୧୪୭ ଫୁଟ୍‌ର ପରିତ୍ୟକ୍ତ ବୋରଓ୍ୱେଲ ଗାତରେ ଖସି ପଡିଥିଲା। ତେବେ ଗତ ସୋମବାରଠୁ ତାକୁ ବଞ୍ଚାଇବା ପାଇଁ ଅପରେସନ୍ ଚାଲିଥିଲା। ଜେସିବି ସାଙ୍ଗକୁ ମେସିନ ଲଗାଇ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଥିଲା ଉଦ୍ଧାର କାର୍ଯ୍ୟ। ତଥାପି ସଫଳତା ମିଳିପାରି ନାହିଁ। ତାକୁ ଉଦ୍ଧାର କରିବାକୁ ଏନ୍‌ଡିଆର୍‌ଏଫ୍ ସମେତ ଅନ୍ୟ ରେସ୍କ୍ୟୁ ଟିମ୍ ଦିନ ରାତି ଏକ କରିଦେଇଥିଲେ। ଶେଷରେ ତାକୁ ବୋରଓ୍ୱେଲ ଗତ ଭିତରୁ ଉଦ୍ଧାର କରାଯାଇଥିଲା। ସେ ଅଚେତ ଥିବାରୁ ତାକୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଆର୍ଯ୍ୟନକୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ଗରମ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ସେ ଆଖିବୁଜିଥିବା କୁହାଯାଉଛି।

## ଅଲ୍ଲୁ ଅର୍ଜୁନ ଷ୍ଟାଇଲ୍‌ରେ ଯୁବକଙ୍କ କାନ କାମୁଡ଼ିଦେଲେ

**ଗ୍ୱାଲିଅର୍, ୧୨।୧୨:** ନିକଟରେ ରିଲିଜ ହୋଇଥିବା ଫିଲ୍ମ 'ପୁଷ୍ପା-୨'କୁ ନେଇ ଚାରିଆଡେ ଜାରି ରହିଛି କ୍ରେଜ୍। ଏହି ଫିଲ୍ମ ପାଇଁ ଦର୍ଶକ ପାଗଳ। ଏହି ଫିଲ୍ମକୁ ନେଇ ଯେତିକି ଚର୍ଚ୍ଚା ସେତିକି ବିବାଦ ମଧ୍ୟ ସାମ୍ନାକୁ ଆସିଛି। ଏବେ ଦର୍ଶକଙ୍କ ମଧ୍ୟରେ ଏହି ଫିଲ୍ମର ଦେଖିବାକୁ ମିଳିଛି ସାଇଡ୍ ଇଫେକ୍ଟ। ହଲ୍ ଭିତରେ ଅଲ୍ଲୁ ଅର୍ଜୁନଙ୍କ ଷ୍ଟାଇଲ୍‌ରେ ଜଣେ ବ୍ୟକ୍ତିଙ୍କ କାନ କାମୁଡି ଦେଇଛନ୍ତି ଦୋକାନୀ। ମଧ୍ୟପ୍ରଦେଶର ଗ୍ୱାଲିଅର୍‌ରେ ଘଟିଛି ଏଭଳି କିଛି ଭୟଙ୍କର ଘଟଣା। ପୁଷ୍ପା-୨ରେ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଜବରଦସ୍ତ ଆକ୍ସନ ସିନ୍ ରହିଛି। ସେ ଶତ୍ରୁମାନଙ୍କ କାନ କାମୁଡି ଦେଉଥିବା ଦୃଶ୍ୟ ସମସ୍ତଙ୍କୁ ପସନ୍ଦ ଆସୁଛି। କିନ୍ତୁ ଏହି ଫିଲ୍ମର ଖରାପ ପ୍ରଭାବ ଏବେ ଗ୍ୱାଲିଅରରେ ଦେଖିବାକୁ ମିଳିଛି। ଏଠାକାର ଏକ ଫିଲ୍ମ ହଲ୍‌ର କ୍ୟାଣ୍ଟିନ ମାଲିକ ଓ ଜଣେ ଗ୍ରାହକଙ୍କ ମଧ୍ୟରେ ଖାଦ୍ୟ ବିଲ୍‌କୁ ନେଇ ଝଗଡ଼ା ହୋଇଥିଲା। ଏହାପରେ କ୍ୟାଣ୍ଟିନ୍ ମାଲିକ ଉକ୍ତ ବ୍ୟକ୍ତିଙ୍କ କାନ କାମୁଡି ଦେଇଥିଲେ। ଯେଉଁ ସମୟରେ ଏହି ଘଟଣା ଘଟିଥିଲା ସେହି ସମୟରେ ଫିଲ୍ମ ହଲ୍‌ରେ ପୁଷ୍ପା-୨ର ସ୍କ୍ରିନିଂ ଚାଲିଥିଲା। ପୁଲିସ କହିବା ମୁତାବକ, ଇନ୍ଦରଗଞ୍ଜ ଅଞ୍ଚଳରେ ଥିବା 'କୌଳାଶ ଟକିଜ୍'ରେ ଏହି ଘଟଣା ଘଟିଛି। ଏଠାକୁ ଶବ୍ବିର ଅହମଦ ନାମକ ଜଣେ ବ୍ୟକ୍ତି ଫିଲ୍ମ ଦେଖିବାକୁ ଆସିଥିଲେ। ତେବେ କିଛି ଖାଦ୍ୟ ସାମଗ୍ରୀ କିଣିବା ପାଇଁ ସେ ହଲ୍ ଭିତରେ ଥିବା କ୍ୟାଣ୍ଟିନ୍‌କୁ ଯାଇଥିଲେ। ଖାଦ୍ୟ ବିଲ୍‌କୁ ନେଇ କ୍ୟାଣ୍ଟିନ୍ ମାଲିକ ରାଜୁ ଓ ଶବ୍ବିରଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଏହାପରେ ରାଜୁ ରାଗି ଯାଇ ଶବ୍ବିରଙ୍କ କାନ କାମୁଡି ଛିଣ୍ଡାଇ ଦେଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶବ୍ବିର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସୋମବାର ସେ ପୁଲିସରେ ରାଜୁଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ପୁଷ୍ପା-୨ ଫିଲ୍ମର ଖରାପ ପ୍ରଭାବ ଲୋକଙ୍କ ଉପରେ ପଡୁଥିବା ସେ ଅଭିଯୋଗ ଆଣିଛନ୍ତି। ତେବେ ପୁଲିସ ଏଯାଏ କ୍ୟାଣ୍ଟିନ ମାଲିକ ରାଜୁକୁ ଗିରଫ କରିନାହିଁ। ମାମଲାର ତଦନ୍ତ ଜାରି ରହିଛି।

## ମହିଳାଙ୍କୁ ପ୍ରତି ମାସରେ ମିଳିବ ୨୧୦୦ ଟଙ୍କା



### ଆପ୍‌ର ନିର୍ବାଚନ ପ୍ରତିଶ୍ରୁତି

**ନୂଆଦିଲ୍ଲୀ, ୧୨।୧୨:** ବିଧାନସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ଆମ୍ ଆଦମୀ ପାର୍ଟି ଖେଳିଛି ମହିଳା ଭୋଟବ୍ୟାଙ୍କ୍ କାର୍ଡ। ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ ଯୋଜନା କାର୍ଯ୍ୟକାରୀ ନେଇ ଘୋଷଣା କରିଛନ୍ତି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ। ଗୁରୁବାର ସକାଳେ ଦିଲ୍ଲୀ କ୍ୟାବିନେଟ୍ ମହିଳା ସମ୍ମାନ ଯୋଜନାକୁ ଅନୁମୋଦନ କରିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଏହି ଯୋଜନାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାଙ୍କୁ ପ୍ରତି ମାସରେ ୧୦୦୦ ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଥିଲେ କେଜ୍ରିୱାଲ। ତେବେ ନିର୍ବାଚନ ଜିତିଲେ ଏହି ରାଶିକୁ ବଢ଼ାଇ ୨୧୦୦ ଟଙ୍କା କରିଦିଆଯିବ ବୋଲି କେଜ୍ରିୱାଲ ଘୋଷଣା କରିଛନ୍ତି।

ଆସନ୍ତାକାଲିଠାରୁ ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ ଯୋଜନା ପାଇଁ ପଞ୍ଜୀକରଣ କରାଯିବ ବୋଲି କେଜ୍ରିୱାଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ଘୋଷଣା ସହ ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ କିଛି ଦିନ ମଧ୍ୟରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି କାରଣରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ମଧ୍ୟ ଆକାଉଣ୍ଟକୁ ଟଙ୍କା ପଠାଯାଇପାରିବ ନାହିଁ। ଏହାପରେ ଖୁବଶୀଘ୍ର ଆଉ ଏକ ଘୋଷଣା କରି ସେ କହିଛନ୍ତି ଯେ ନିର୍ବାଚନ ପରେ ମହିଳାମାନଙ୍କୁ ଏହି ଯୋଜନା ଅଧୀନରେ ପ୍ରତିମାସରେ ୧୦୦୦ ବଦଳରେ ୨୧୦୦ ଟଙ୍କା ଦିଆଯିବ। ଏହି ଘୋଷଣା ବେଳେ କେଜ୍ରିୱାଲ କହିଛନ୍ତି ଯେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଏହି ଘୋଷଣା ମୁଁ କରିଥିଲି ଏବଂ ଆଶା କରୁଥିଲି ଯେ ଏହା ମେ' -ଜୁନ୍ ମାସରେ କାର୍ଯ୍ୟକାରୀ ହୋଇଯିବ। କିନ୍ତୁ ତାହା ହୋଇ ପାରିନଥିଲା। ଜେଲରୁ ଫେରିବା ପରଠାରୁ ମୁଁ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ସହ ଏହି ଯୋଜନାର କାର୍ଯ୍ୟକାରୀତାରେ ବ୍ୟସ୍ତ ଥିଲି ଏବଂ ବର୍ତ୍ତମାନ ଏହା କାର୍ଯ୍ୟକାରୀ ହୋଇଛି। ଏହା ମହିଳାଙ୍କ ପ୍ରତି ଆମର ଅନୁଗ୍ରହ ନୁହେଁ। ମହିଳାମାନେ ନିଜ ପରିବାର ଚଳାନ୍ତି। ପିଲାମାନଙ୍କୁ ସଂସ୍କାର ଦିଅନ୍ତି ଓ ପାଳି ପୋଷି ବଡ଼ କରନ୍ତି ଏବଂ ସେହି ପିଲାମାନେ ହିଁ ଆମର ଭବିଷ୍ୟତ। ଏପରି ସ୍ଥିତିରେ, ଯଦି ଆମେ ମହିଳାମାନଙ୍କୁ କିଛି ସାହାଯ୍ୟ କରିପାରିବା, ତେବେ ଏହା ଆମର ସୌଭାଗ୍ୟ। କେଜ୍ରିୱାଲ ଆହୁରି କହିଛନ୍ତି ଯେ ମୁଁ ଜାଣେ କେଉଁଠାରେ ଟଙ୍କା ସଞ୍ଚୟ କରାଯିବ ଓ କେଉଁଠାରେ ବିନିଯୋଗ କରାଯିବ। ମୁଁ କହିଥିଲି ଯେ ପ୍ରତି ମାସରେ ୧୦୦୦ ଟଙ୍କା ଦେବୁ, ଆଉ ଆଜି ଆମେ ଏହାକୁ ଆରମ୍ଭ କରିଛୁ। ଆଜି ଦିଲ୍ଲୀ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି ଏବଂ ଆଗାମୀ ୧୦-୧୫ ଦିନ ମଧ୍ୟରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି କାରଣରୁ ନିର୍ବାଚନ ପୂର୍ବରୁ ଟଙ୍କା ପଠାଯାଇପାରିବ ନାହିଁ। ତେବେ ମହିଳାମାନେ କହିଲେ ଯେ ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ପାଉଛି ଏବଂ ୧୦୦୦ ଟଙ୍କା ଯଥେଷ୍ଟ ହେବ ନାହିଁ। ତେଣୁ ଆଜି ମୁଁ ଘୋଷଣା କରୁଛି ଯେ ଆସନ୍ତାକାଲି ଠାରୁ ଯେଉଁ ପଞ୍ଜୀକରଣ ଆରମ୍ଭ ହେବ ଏହା ୧୦୦୦ ନୁହେଁ, ବରଂ ୨୧୦୦ ଟଙ୍କା ପାଇଁ ହେବ।



### ଗଡ଼କରୀଙ୍କ ବୟାନ ନେଇ ସଂସଦ ଚକିତ

## ବିଦେଶ ଗଲେ ମୁହଁ ଲୁଚାଇବାକୁ ପଡୁଛି

**ନୂଆଦିଲ୍ଲୀ,୧୨।୧୨:** ସଂସଦର ଶୀତକାଳୀନ ଅଧିବେଶନ ବେଳେ ଗୁରୁବାର ସଂସଦ ଭବନ ବାହାରେ ହୋଇଥିବା ହଙ୍ଗାମା ପରେ ଲୋକସଭାର କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଭିତରେ ପ୍ରଶ୍ନକାଳ ବେଳେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତୀନ ଗଡକରୀ ଏକ ପ୍ରଶ୍ନର ଉତ୍ତରରେ ରୋଡ୍ ଦୁର୍ଘଟଣା ବଢୁଥିବା ମାମଲାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଗଡକରୀ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ଏହା ଚିନ୍ତାର ବିଷୟ ଯେ, ବହୁ ଦେଶରେ ଦୁର୍ଘଟଣା ସଂଖ୍ୟା ଶୂନରେ ପହଞ୍ଚିଛି। କିନ୍ତୁ ଭାରତ ଏବେ ଏହି ମାମଲାରେ ଖୁବ୍ ପଛରେ ରହିଛି। ଏହି ସମୟରେ ସେ ଏହା ମଧ୍ୟ କହିଛନ୍ତି ଯେ, ମାମଲାକୁ ଦେଖି ସରକାର ଖୁବ୍ ଗମ୍ଭୀର ଅଛନ୍ତି। ତେବେ ବହୁ ଚେଷ୍ଟା କରିବା ପରେ ମଧ୍ୟ ସଡକ ଦୁର୍ଘଟଣା ସଂଖ୍ୟା କମ୍ ଆସିବା ତୁଳନାରେ ବଢ଼ିଯାଇଛି। ଗଡକରୀ କହିଛନ୍ତି, ଏହି କାରଣରୁ ସେ ଯେତେବେଳେ ବିଦେଶ ଯାଉଛନ୍ତି ତାଙ୍କୁ ଲଜ୍ଜିତ ହେବାକୁ ପଡୁଛି। ଗୁରୁବାର ଲୋକସଭାରେ ଆମ୍ ଆଦମୀ ପାର୍ଟିର ସାଂସଦ ଗୁରମିତ୍ ସିଂହ ସଡକ ଦୁର୍ଘଟଣା ସଂଖ୍ୟାକୁ କମ୍ କରିବା ନେଇ ଭାରତର ଲକ୍ଷ୍ୟକୁ ନେଇ ପଚାରିଥିଲେ। ଉତ୍ତରରେ ଗଡକରୀ କହିଛନ୍ତି, ମୁଁ ୧୧ ବର୍ଷ ହେବ ଏହି ମନ୍ତ୍ରଣାଳୟରେ ରହିଛି। ଏହା ସତ ଯେ, ସ୍ୱିଡେନ୍ ଭଳି ଦେଶ ଜିରୋ ଆକ୍ସିଡେଣ୍ଟ ମାମଲା ମଧ୍ୟ ରେକର୍ଡ କରିଛି। ତେଣୁ ଯେତେବେଳେ ମୁଁ ବିଦେଶ ଯାଉଛି ମୁହଁ ଲୁଚେଇ ଦେଉଛି। କାରଣ ଦୁନିଆରେ ସବୁଠାରୁ ଖରାପ ରେକର୍ଡ ଆମ ଦେଶରେ ରହିଛି।' ସେ ଆହୁରି କହିଛନ୍ତି ମୁଁ ଏହା କହିଥିଲି ଯେ, ୨୦୨୪ ଶେଷ ହେବ ସୁଦ୍ଧା ଆମେ ସଡକ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟାକୁ ୫୦% ପର୍ଯ୍ୟନ୍ତ କମ୍ କରିବୁ। କିନ୍ତୁ କମ୍ ହେବା ବଦଳରେ ଦୁର୍ଘଟଣା ବଢ଼ି ଯାଉଛି। ଏହା ଏକ ଏଭଳି ବିଷୟ ଯେଉଁଥିରେ ଆମେ ସଫଳ ହୋଇପାରିନୁ। ଗଡକରୀ କହିଛନ୍ତି, କେବଳ ନିୟମ ତିଆରି କରିଦେଲେ ସଡକ ଦୁର୍ଘଟଣା କମିଯିବନି।

## ହିଜାବ ନ ପିନ୍ଧିଲେ ମୃତ୍ୟୁଦଣ୍ଡ




**ତେହେରାନ,୧୨।୧୨:** ଇରାନ ମହିଳାଙ୍କ ସ୍ୱାଧୀନତା ଉପରେ ପୁଣି ଲାଗିଲା ଅଙ୍କୁଶ। ଏବେ ହିଜାବକୁ ନେଇ କଡା ଆଇନ ଆଣିଲେ ସରକାର। ଯାହାକୁ ନେଇ ସୃଷ୍ଟି ହୋଇଛି ବିବାଦ। ଏହି ଆଇନ ଅନୁସାରେ ହିଜାବ ନିୟମର ଉଲଂଘନ କଲେ ମହିଳାଙ୍କୁ ଦିଆଯାଇପାରେ ମୃତ୍ୟୁ ଦଣ୍ଡ। ଜେଲ୍, ଜରିମାନା ଏବଂ ଚାବୁକ ପ୍ରହାର ସହ ମିଳିପାରେ ମୃତ୍ୟୁଦଣ୍ଡ।

ଏବେ ଇରାନରେ ମହିଳାଙ୍କ ପାଇଁ ହିଜାବ ବାଧ୍ୟତାମୂଳକ। ଧାରା ୬୦ ଅନୁସାରେ ନିୟମ ଉଲଂଘନକାରୀ ମହିଳାଙ୍କୁ ଦିଆଯିବ କଠିନ ଦଣ୍ଡ। ଜେଲ୍, ଜରିମାନା ଏବଂ ଚାବୁକ ପ୍ରହାର ସହ ମିଳିପାରେ ମୃତ୍ୟୁଦଣ୍ଡ। ସେଭଳି ଏକାଧିକବାର ଅପରାଧ କରିଥିବା ବ୍ୟକ୍ତିଙ୍କୁ ୧୫ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ଫାଶୀ ଦଣ୍ଡ ହୋଇପାରେ। ଇରାନ ଅଧିକାରୀମାନେ ଦେଶରେ ଡ୍ରେସ୍ କୋଡ୍‌ର ଆଇନକୁ କଡ଼ା କରିଛନ୍ତି। ଏହାକୁ ଉଲଂଘନ କରୁଥିବା ମହିଳାଙ୍କ ପାଇଁ ହିଜାବ କ୍ଲିନିକ୍ ଖୋଲିବାର ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ ବିଦେଶୀ ହିଜାବ ବିରୋଧି ବିଚାରକୁ ପ୍ରୋତ୍ସାହନ ଦେଉଥିବା ଲୋକଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମିଳିବ। ଏହା ସହ ୧୨,୫୦୦ ପାଉଣ୍ଡ ପର୍ଯ୍ୟନ୍ତ ଜରିମାନା ପଡିପାରେ। ଏହାଛଡା ଆଇନ ଉଲଂଘନକାରୀ ମହିଳାଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଛଡାଯିବନି। ଏଭଳି ଲୋକଙ୍କୁ ଇରାନ ସରକାର ସିଧା ପଠାଇପାରନ୍ତି ଜେଲ୍।ଇରାନ ସରକାରଙ୍କ ନୂଆ ଆଇନର ଉଦେଶ୍ୟ ହେଲା ହିଜାବ ସଂସ୍କୃତିର ପବିତ୍ରତା ରକ୍ଷା କରିବା। ଠିକ୍ ଢଙ୍ଗରେ କପଡା ପିନ୍ଧିବା ଓ ନଗ୍ନତାକୁ ପ୍ରୋତ୍ସାହନ ନଦେବା। ଆଉ ଏଭଳି ନିୟମକୁ ବିରୋଧ କଲେ ଦିଆଯିବ କଠୋର ଦଣ୍ଡ।

୧୯୭୯ ଇସ୍ଲାମକ୍ରାନ୍ତି ଆଇନ ପରେ ଇରାନ ମହିଳାଙ୍କୁ ସାର୍ବଜନୀନ ସ୍ଥାନରେ ହିଜାବ ପିନ୍ଧିବା ନିୟମ ଲାଗୁ ହୋଇଥିଲା। ୨୦୨୨ ରେ ଏହି ଆଇନକୁ ସାରା ଦେଶରେ ହୋଇଥିଲା ବିରୋଧ। ୧୬ ସେପ୍ଟେମ୍ବର ୨୦୨୨ ରେ ୨୨ ବର୍ଷୀୟ କୁର୍ଦ୍ଦୀ ମହିଳା ମହସା ଅମିନିଙ୍କ ପୋଲିସ କଷ୍ଟଡିରେ ହୋଇଥିଲା ମୃତ୍ୟୁ।

### ସଂସଦରେ ହଟ୍ଟଗୋଳ-ବିଜେପିର ଅଭିଯୋଗ

## ସୋରୋସଙ୍କ କାଠକଣ୍ଢେଇ ସାଜିଛି କଂଗ୍ରେସ



**ନୂଆଦିଲ୍ଲୀ, ୧୨।୧୨:** ସଂସଦରେ ପୁଣି ଥରେ ହଙ୍ଗାମା। ଜର୍ଜ ସୋରୋସ ପ୍ରସଙ୍ଗରେ ସଂସଦରେ ପୁଣିଥରେ ଦେଖାଦେଇଛି ଉତ୍ତେଜନା। କଂଗ୍ରେସ୍ ଆଦାନୀ ପ୍ରସଙ୍ଗରେ ଶାସକ ଦଳକୁ ଲଗାତର ଟାର୍ଗେଟ କରୁଛି। ଏବେ ବିଜେପି କଂଗ୍ରେସକୁ ସୋରୋସ ପ୍ରସଙ୍ଗରେ ଘେରିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ସୋରୋସ୍ ପ୍ରସଙ୍ଗରେ କଂଗ୍ରେସକୁ ଜୋରଦାର ଟାର୍ଗେଟ୍ କରିଛନ୍ତି। ଜର୍ଜ ସୋରୋସ୍‌ଙ୍କ କାଠ କଣ୍ଢେଇ ପାଲଟି ଯାଇଛି କଂଗ୍ରେସ। ଜନତା ତାଙ୍କୁ କେବେ କ୍ଷମା କରିବ ନାହିଁ। ଦେଶକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରାଯାଉଛି। ଦେଶ ତାଙ୍କୁ କେବେ କ୍ଷମା କରିବ ନାହିଁ ବୋଲି ସେ କହିଛନ୍ତି। ଜେପି ନଡ୍ଡା କହିଛନ୍ତି, ସଂସଦର ପରମ୍ପରାରେ ବିରୋଧୀଙ୍କ ବିଶ୍ୱାସ ନାହିଁ। ସରକାର ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ଅପମାନିତ କରିଥିବା ସେ ଅଭିଯୋଗ କରିଛନ୍ତି। ମଲ୍ଲିକାର୍ଜୁନ ଖାଡ଼ଗେ ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି। ଗୃହର ଅଧ୍ୟକ୍ଷଙ୍କୁ ଚେୟାରଲିଡର୍ କୁହାଯାଇଥିବା ଜେପି ନଡ୍ଡା କହିଛନ୍ତି। ସେପଟେ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ଆଜି ସୋନିଆ ଗାନ୍ଧି ଓ ଜର୍ଜ ସୋରୋସଙ୍କୁ ନେଇ ଅଭିଯୋଗ ଆଣିଛନ୍ତି। ଏମାନଙ୍କ ପରସ୍ପର ସହ କ'ଣ ସମ୍ପର୍କ ରହିଛି? କଂଗ୍ରେସ ଏହାର ଜବାବ ଦେଉ ବୋଲି ସେ କହିଛନ୍ତି। ଜେପି ନଡ୍ଡାଙ୍କ ଅଭିଯୋଗର ଉତ୍ତର ରଖିଛନ୍ତି ମଲ୍ଲିକାର୍ଜୁନ ଖଡଗେ। ସେ କହିଛନ୍ତି, ସରକାର ଗୃହ ଚଳାଇବାକୁ ଚାହୁଁ ନାହାଁନ୍ତି। ବିଜେପି ବାସ୍ତବ ପ୍ରସଙ୍ଗରୁ ଦେଶର ଧ୍ୟାନକୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି। ଖଡ଼ଗେ ଗୃହରେ ଉତ୍ତର ରଖୁଥିବା ବେଳେ ମଝିରେ ହିଁ ଅଧ୍ୟକ୍ଷ ଜଗଦିପ ଧନଖଡେ ଜୋରଦାର ହଙ୍ଗାମା ଯୋଗୁ ରାଜ୍ୟସଭାକୁ ମୁଲତବୀ କରିଛନ୍ତି। ଜଗଦୀପ ଧନଖଡ଼େଙ୍କୁ ପଦରୁ ହଟାଇବାକୁ ଅବିଶ୍ୱାସ ପ୍ରସ୍ତାବ ସମ୍ପର୍କରେ ଗୃହରେ ଜୋରଦାର ହଙ୍ଗାମା ଜାରି ରହିଛି। ଗୃହ ସ୍ଥଗିତ ହେବା ପରେ ଜେପି ନାଡ୍ଡା ସଂସଦ ପରିସରରେ କହିଛନ୍ତି ଯେ ଅଧ୍ୟକ୍ଷଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରାଯାଇପାରିବ ନାହିଁ। ଗୃହରେ ଭାଷଣ ଦେବା ପାଇଁ ଖଡ଼ଗେଙ୍କୁ ପୂର୍ଣ୍ଣ ସୁଯୋଗ ମିଳିଥିଲା। ଗୃହ ବାହାରେ ଅଧ୍ୟକ୍ଷ ଧନଖଡ଼େଙ୍କ ବିରୋଧରେ ଅଭିଯୋଗ କରିବା ଭୁଲ୍ ବୋଲି ସେ କହିଛନ୍ତି।

# ମମତାଙ୍କୁ ୱାଇଏସ୍‌ଆର୍ କଂଗ୍ରେସର ସମର୍ଥନ



### ସମଦୂରତା ନୀତିରେ ବିଶ୍ୱାସୀ ଆଞ୍ଚଳିକ ଦଳ ଏକାଠି ହୋଇପାରନ୍ତି

**ନୂଆଦିଲ୍ଲୀ, ୧୨।୧୨:** ଇଣ୍ଡିଆ ବ୍ଲକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱ ପ୍ରସ୍ତାବକୁ ଏହି ମେଣ୍ଟର ଅନେକ ବରିଷ୍ଠ ନେତା ସମର୍ଥନ କରିଛନ୍ତି। ଆରଜେଡି, ଏନସିପି, ସମାଜବାଦୀ ପାର୍ଟୀ ଇତ୍ୟାଦି ଇଣ୍ଡିଆ ବ୍ଲକର ଅନେକ ପ୍ରମୁଖ ଅଂଶୀଦାର ଦଳ ମମତାଙ୍କ ନେତୃତ୍ୱକୁ ସମର୍ଥନ କରିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଇଣ୍ଡିଆ ବ୍ଲକ ବାହାରେ ଥିବା କିଛି ଆଞ୍ଚଳିକ ଦଳ ମଧ୍ୟ ମମତାଙ୍କ ନେତୃତ୍ୱକୁ ସମର୍ଥନ କରିଛନ୍ତି। ବିଜେପିର ବିକଳ୍ପ ମେଣ୍ଟର ନେତୃତ୍ୱ ନେବାକୁ ମମତା ଯୋଗ୍ୟ ବୋଲି ଜଗନମୋହନ ରେଡ୍ଡୀଙ୍କ ଦଳ କହିଛି। ୱାଇଏସଆର କଂଗ୍ରେସର ସମର୍ଥନ ଫଳରେ କଂଗ୍ରେସକୁ ବାଦ ଦେଇ ବିଭିନ୍ନ ଆଞ୍ଚଳିକ ଦଳମାନଙ୍କୁ ନେଇ ଏକ ତୃତୀୟ ବିକଳ୍ପ ଗଠନ ଚର୍ଚ୍ଚା ଯୋର ଧରିଛି। ୱାଇଏସଆର କଂଗ୍ରେସ ଭଳି ନବୀନ ପଟ୍ଟନାୟକଙ୍କ ବିଜେଡି, କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆରଏସ), ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଆନ୍ନାଡିଏମକେ, ପଞ୍ଜାବର ଶିରୋମଣି ଅକାଳି ଦଳ ପ୍ରମୁଖ ଅନେକ ଦଳ ଯେଉଁମାନେ ଉଭୟ କଂଗ୍ରେସ ଓ ବିଜେପିଠାରୁ ସମଦୂରତା ନୀତି ଆପଣାଇଛନ୍ତି, ସେମାନେ ମମତାଙ୍କ ନେତୃତ୍ୱରେ ସମ୍ଭାବ୍ୟ ତୃତୀୟ ମେଣ୍ଟରେ ସାମିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହିସବୁ ଆଞ୍ଚଳିକ ଦଳ ନିଜ ନିଜ ରାଜ୍ୟରେ କଂଗ୍ରେସ ବିରୋଧରେ ଲଢୁଛନ୍ତି। ତେଣୁ ସେମାନେ କଂଗ୍ରେସ ।ନେତୃତ୍ୱାଧିନ ଇଣ୍ଡିଆ ବ୍ଲକରେ ସାମିଲ ହୋଇ ନାହାଁନ୍ତି ବା ଏଭଳି ସମ୍ଭାବନା ମଧ୍ୟ ନାହିଁ। ଯଦି କଂଗ୍ରେସକୁ ବାଦ ଦେଇ ବିଭିନ୍ନ ଆଞ୍ଚଳିକ ଦଳମାନଦଙ୍କୁ ନେଇ ଭିନ୍ନ ଏକ ମେଣ୍ଟ ଗଠନ ହୁଏ ତେବେ ସେମାନେ ଏଥିରେ ସାମିଲ ହେବାରେ କିଛି ଅସୁବିଧା ନାହିଁ। ଲୋକସଭାରେ ଏହିସବୁ ଦଳ ୨୫୦ ଆସନ ଦଖଲ କରିବାର ସାମର୍ଥ୍ୟ ରଖିଛନ୍ତି। ବିଜେପି ନେତୃତ୍ୱାଧିନ ଏନଡିଏର କିଛି ଅଂଶୀଦାର ଦଳ ମଧ୍ୟ ଏଥିପ୍ରତି ଆକୃଷ୍ଟ ହେବାର ସମ୍ଭାବନା ରହିଛି।

ମମତାଙ୍କ ନେତୃତ୍ୱରେ ଆଞ୍ଚଳିକ ଦଳମାନଙ୍କର ଏକ ମହାମେଣ୍ଟ ଗଠନ ଉଦ୍ୟମ ପ୍ରତି ସେମାନଙ୍କର ନୈତିକ ସମର୍ଥନ ରହିଛି। ବାଧ୍ୟବାଧକତାରେ ସେମାନେ ବିଜେପି ସହ ଏନଡିଏରେ ଅଛନ୍ତି। ଏକ ଉପଯୁକ୍ତ ବିକଳ୍ପ ମିଳିଲେ ସେମାନେ ଏଥିରେ ସାମିଲ ହେବାକୁ ପଛାଇବେ ନାହିଁ। ବିହାରରେ ନୀତିଶ କୁମାରଙ୍କ ଜେଡିୟୁ, କର୍ଣ୍ଣାଟକରେ ଏଚ ଡି କୁମାରସ୍ୱାମୀଙ୍କ ଜେଡିଏସ, ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା, ଅଜିତ ପାୱାରଙ୍କ ଏନସିପି ପ୍ରମୁଖ ଏନଡିଏର ଅଂଶୀଦାର ଦଳ ବିଜେପି ଆଭିମୁଖ୍ୟରେ ଅସନ୍ତୁଷ୍ଟ। ସେମାନେ ଏକ ବିକଳ୍ପ ମେଣ୍ଟ ଗଠନ ହେଉ ବୋଲି ଚାହୁଁଛନ୍ତି। ଯେଉଁ ମେଣ୍ଟରେ ସେମାନେ ସମ୍ମାନର ସହ ରହିପାରିବେ ଏବଂ ସେମାନଙ୍କୁ ଗୁରୁତ୍ୱ ମିଳିବ ସେଥିରେ ସେମାନେ ସାମିଲ ହେବାକୁ ପଛାଇବେ ନାହିଁ। ଉଭୟ କଂଗ୍ରେସ ଏବଂ ବିଜେପିଠାରୁ ସମଦୂରତା ରକ୍ଷା କରି ଜାତୀୟ ରାଜନୀତିରେ ସେମାନଙ୍କ ପ୍ରଭାବ ଅକ୍ଷୁର୍ଣ୍ଣ ରହିପାରିବ।

# ସାଉଦି ଆରବରେ ହେବ ୨୦୩୪ର ଫୁଟବଲ ବିଶ୍ୱକପ୍



**ଜୁରିକ୍, ୧୨।୧୨:** ସାଉଦି ଆରବ ୨୦୩୪ରେ ହେବାକୁ ଥିବା ଫୁଟବଲ ବିଶ୍ୱକପ୍ ଆୟୋଜନ କରିବ ବୋଲି ଫିଫା ଘୋଷଣା କରିଛି। ଏହାବ୍ୟତୀତ ୨୦୩୦ ଫିଫା ବିଶ୍ୱକପ୍ ମଧ୍ୟ ଘୋଷଣା କରାଯାଇଛି। ୨୦୩୦ ବିଶ୍ୱକପ୍ ସ୍ପେନ୍, ପର୍ତ୍ତୁଗାଲ୍ ଓ ମରୋକ୍କୋ ମିଳିତ ଭାବେ ଆୟୋଜନ କରିବେ। ଫିଫା ସଭାପତି ଜିଆନି ଇନଫାଣ୍ଟିନୋ ଏହା ଘୋଷଣା କରିଛନ୍ତି। ଆୟୋଜନ କରିବାକୁ ସାଉଦି ଆରବ ପାଇଁ କୌଣସି ଚ୍ୟାଲେଞ୍ଜ ନଥିଲା। ଫିଫା ବିଶ୍ୱକପ୍ ପାଇଁ ହୋଇଥିବା ବୈଠକରେ ୨୦୦ରୁ ଅଧିକ ସଦସ୍ୟ ଦେଶ ସର୍ବସମ୍ମତିକ୍ରମେ ଏହାକୁ ଅନୁମୋଦନ କରିଛନ୍ତି।

ଆମେ ଫୁଟବଲକୁ ଅଧିକ ଦେଶରେ ପହଞ୍ଚାଇବାକୁ ଚେଷ୍ଟା କରୁଛୁ ବୋଲି ଇନଫାଣ୍ଟିନୋ କହିଛନ୍ତି। ଫିଫା ବିଶ୍ୱକପ୍ ରେ ଆମେ ଅଧିକରୁ ଅଧିକ ଦଳର ଅଂଶଗ୍ରହଣ ଚାହୁଁଛୁ। ଫିଫା ଓ ସାଉଦି ଅଧିକାରୀମାନେ କହିଛନ୍ତି ଯେ ୨୦୩୪ ବିଶ୍ୱକପ୍ ଆୟୋଜନ କରିବା ଦ୍ୱାରା ମହିଳାଙ୍କ ସ୍ୱାଧୀନତା ଏବଂ ଅଧିକାରର ସମ୍ପ୍ରସାରଣ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ।

ଫିଫା ଓ ସାଉଦି ଅଧିକାରୀମାନେ କହିଛନ୍ତି ଯେ ୨୦୩୪ ବିଶ୍ୱକପ୍ ଆୟୋଜନ କରିବା ଦ୍ୱାରା ମହିଳାଙ୍କ ସ୍ୱାଧୀନତା ଏବଂ ଅଧିକାରର ସମ୍ପ୍ରସାରଣ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ। ଜୁରିକ୍ ରେ ଅନୁଷ୍ଠିତ ବୈଠକରେ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବାକୁ ମଧ୍ୟ ଘୋଷଣା କରାଯାଇଥିଲା। ଫିଫା ମହିଳା ବିଶ୍ୱକପ୍ ଜୁନ୍ ୨୪ରୁ ଜୁଲାଇ ୨୫ ପର୍ଯ୍ୟନ୍ତ ବ୍ରାଜିଲରେ ଅନୁଷ୍ଠିତ ହେବ ବୋଲି ଫିଫା ମଙ୍ଗଳବାର ଘୋଷଣା କରିଛି। ପ୍ରଥମ ଥର ପାଇଁ ଦକ୍ଷିଣ ଆମେରିକାର କୌଣସି ଦେଶରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ମହିଳା ବିଶ୍ୱକପ୍ ରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିବେ।




## ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର ସୁପର-୧୦୦

# ପ୍ରି-କ୍ୱାର୍ଟରରେ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା

**ଭୁବନେଶ୍ୱର, ୧୨/୧୨:** କଟକ ଜବାହାରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର ସୁପର-୧୦୦ରେ ଓଡ଼ିଆ ଯୋଡ଼ି ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ମହିଳା ଡବଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ୨୧-୧୪, ୨୧- ୧୪ରେ ଆରାଧନା ବାଲଚନ୍ଦ୍ର ଓ ମୁସ୍କାନ ଖାନଙ୍କୁ ପରାଜିତ କରିଥିଲେ। ମ୍ୟାଚ୍ ୩୭ ମିନିଟ୍ ଧରି ଚାଲିଥିଲା। ପ୍ରି-କ୍ୱାର୍ଟରରେ ପଣ୍ଡା ଭଗିନୀ କନିକା କନୱାଲ-ଭାରତୀ ପାଲଙ୍କୁ ଭେଟିବେ। ପୁରୁଷ ଡବଲ୍ସରେ ଅନ୍ୟତମ ଓଡ଼ିଆ ଯୋଡ଼ି ଅଭିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକ ପରାଜିତ ହୋଇ ବିଦାୟ ନେଇଛନ୍ତି। ଏହି ଯୋଡ଼ି ୧୭-୨୧, ୧୨- ୨୧ରେ ଜାପାନର ହିରୋକି ନିଶି ଓ କାକେରୁ କୁମାଗାଇଙ୍କ ଠାରୁ ପରାଜିତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡ଼ିକରେ ପୁରୁଷ ସିଙ୍ଗଲ୍ସରେ ଅଭିନବ ଠାକୁର ୨୧- ୧୬, ୨୨-୨୦ରେ ଚୀନର ୱାଙ୍ଗ ଜି ଜୁନଙ୍କୁ, ଗୋବିନ୍ଦା କ୍ରିଷ୍ଣା ୮-୪ରେ ଅଭିଷେକ କନପାଲାଙ୍କୁ (ରିଟାୟାର୍ଡ) ପରାଜିତ କରିଥିଲେ। ସେହିପରି ମହିଳା ସିଙ୍ଗଲ୍ସରେ ତସନିମ ମୀର ୨୧- ୧୧, ୨୧-୫ରେ ଜିଆନ୍ନା ଷ୍ଟିଗଲିଚଙ୍କୁ ହରାଇଥିଲେ।

## ବିଶ୍ୱ ଚେସ ଚାମ୍ପିଅନସିପ୍

# ଡ୍ର’ ରହିଲା ୧୩ତମ ରାଉଣ୍ଡ



**ନୂଆଦିଲ୍ଲୀ,୧୨/୧୨:** ଡିଫେଣ୍ଡିଂ ଚାମ୍ପିଅନ୍ ଡିଙ୍ଗ ଲିରେନ ଓ କ୍ୟାଣ୍ଡିଡେଟ୍ସ ଚାମ୍ପିଅନ୍ ଡି ଗୁକେଶଙ୍କ ମଧ୍ୟରେ ଚାଲିଥିବା ବିଶ୍ୱ ଚେସ ଚାମ୍ପିଅନ୍‌ସିପ୍ ରୋମାଞ୍ଚକର ମୋଡ଼ ନେଇଛି। ୧୩ତମ ରାଉଣ୍ଡ ଶେଷ ହୋଇ ସାରିଥିଲେ ହେଁ ଏପର୍ଯ୍ୟନ୍ତ କେହି ବିଜେତା ହୋଇପାରିନାହାନ୍ତି। ଉଭୟଙ୍କ ପଏଣ୍ଟ ସମାନ ରହିଛି। ଆଗକୁ କେବଳ ଗୋଟିଏ ମ୍ୟାଚ ଖେଳାଯିବ। ବୁଧବାର ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ୧୩ତମ ରାଉଣ୍ଡ ମଧ୍ୟ ଡ୍ର’ ରହିଥିଲା। ଉଭୟ ପଏଣ୍ଟ ଭାଗ କରିଥିଲେ। ବର୍ତ୍ତମାନ ଦୁହେଁ ୬.୫ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ୧୩ତମ ରାଉଣ୍ଡ ରୋମାଞ୍ଚକର ରହିଥିଲା। ପ୍ରାରମ୍ଭରୁ ଗୁକେଶ ପ୍ରଭାବ ବିସ୍ତାର କରିଥିଲେ ହେଁ ପରବର୍ତ୍ତୀ ସମୟରେ ଲିରେନ୍ ପ୍ରତ୍ୟାବର୍ତ୍ତନ କରିଥିଲେ। ଏକ ସମୟରେ ମ୍ୟାଚ୍ ଲିରେନଙ୍କ ନିୟନ୍ତ୍ରଣକୁ ଚାଲି ଯାଇଥିଲା। ମାତ୍ର ଗୁକେଶ ଲଢେଇ କରି ମ୍ୟାଚ୍‌କୁ ଫେରିଥିଲେ। ୪୦ତମ ଗୋଟି ଚାଳନା ପରେ ମ୍ୟାଚ୍ ଡ୍ର’ ରହିଥିଲା।

## ଆଇସିସି ଟେଷ୍ଟ ମାନ୍ୟତା

# ବ୍ରୁକ୍ ୧ ନଂ ବ୍ୟାଟର, ଦ୍ୱିତୀୟକୁ ଖସିଲେ ରୁଟ୍

**ଦୁବାଇ ୧୨।୧୨:** ଆଡିଲେଡରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ପରାଜୟ ପରେ ଭାରତୀୟ ଦଳର ଷ୍ଟାର୍ ବ୍ୟାଟରଙ୍କ ମାନ୍ୟତା ପ୍ରଭାବିତ ହୋଇଛି। କେବଳ ଯଶସ୍ୱୀ ଜୈସ୍ୱାଲ୍ ଓ ଶୁଭମନ ଗିଲଙ୍କୁ ଛାଡ଼ି ଦେଲେ ଟେଷ୍ଟ ବ୍ୟାଟିଂ ମାନ୍ୟତାରେ ଅନ୍ୟ ସବୁ ଭାରତୀୟ ବ୍ୟାଟରଙ୍କ ଅବନତି ହୋଇଛି। ଦୀର୍ଘ ୬ମାସ ପରେ ଶୀର୍ଷ ମାନ୍ୟତାରୁ ଜୋ ରୁଟଙ୍କ ଆଧିପତ୍ୟ ମଧ୍ୟ ଶେଷ ହୋଇଛି। ଯୁବ ଇଂଲଣ୍ଡ ହ୍ୟାରୀ ବ୍ରୁକ୍ ନୂଆ କରି ମାନ୍ୟତା ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ରୁଟ୍ ଗତ ଜୁଲାଇ ମାସରୁ ଶୀର୍ଷ ମାନ୍ୟତା ବଜାୟ ରଖିଥିଲେ। କ୍ୟାରିୟର ମଧ୍ୟରେ ସେ ମୋଟ୍ ୯ ଥର ମାନ୍ୟତା ତାଲିକାର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ବ୍ରୁକ୍ ଗତ ସପ୍ତାହରେ ତୃତୀୟ ସ୍ଥାନ ଦଖଲ କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ୧୭୧ ରନ୍‌ର ଇନିଂସ ଖେଳିବା ପରେ ଏହି ମାନ୍ୟତା ପାଇଥିଲେ। ଦ୍ୱିତୀୟ ଟେଷ୍ଟର ଉଭୟ ଇନିଂସରେ ସେ ଯଥାକ୍ରମେ ୧୨୩ ଓ ୫୫ ରନ୍‌ର ପାଳି ଖେଳି ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି। ଉଭୟଙ୍କ ମଧ୍ୟରେ ମାତ୍ର ୧ ପଏଣ୍ଟର ବ୍ୟବଧାନ ରହିଛି। ବ୍ରୁକ ୮୯୮ ଓ ରୁଟ୍ ୮୯୭ ପଏଣ୍ଟ ଅର୍ଜନ କରିଛନ୍ତି। କେନ ୱିଲିୟମସନ ତୃତୀୟକୁ ଖସିଥିବାବେଳେ ଯଶସ୍ୱୀ ଜୈସ୍ୱାଲ ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ଆଡିଲେଡରେ ଶତକ ଅର୍ଜନ କରିଥିବା ଟ୍ରେଭିସ୍ ହେଡଙ୍କ ମାନ୍ୟତାରେ ୫ଟି ସ୍ଥାନ ଉନ୍ନତି ହୋଇଛି ଓ ସେ ପଞ୍ଚମ ସ୍ଥାନ ଦଖଲ କରିଛନ୍ତି। ସେହିପରି କାମିଣ୍ଡୁ ମେଣ୍ଡିସ୍ ଷଷ୍ଠକୁ ଉଠିଥିବାବେଳେ ତେମ୍ବା ବଭୁମା ୩ଟି ସ୍ଥାନ ଉନ୍ନତି କରି ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ଗତ ସପ୍ତାହରେ ଷଷ୍ଠ ସ୍ଥାନରେ ଥିବା ରିଷଭ ପନ୍ତଙ୍କ ମାନ୍ୟତାରେ ୩ଟି ସ୍ଥାନ ଅବନତି ହୋଇଛି ଓ ସେ ନବମ ସ୍ଥାନରେ ରହିଛନ୍ତି। ବିରାଟ କୋହଲିଙ୍କ ମାନ୍ୟତାରେ ୬ ଓ ରୋହିତ ଶର୍ମାଙ୍କ ମାନ୍ୟତାରେ ୫ଟି ସ୍ଥାନ ଅବନତି ହୋଇଛି। ବିରାଟ ୨୦ ଓ ରୋହିତ ୩୧ ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ମାନ୍ୟତାରେ ସେଭଳି ବଡ଼ ପରିବର୍ତ୍ତନ ହୋଇନାହିଁ। ଯଶପ୍ରୀତ ବୁମରା ପୂର୍ବ ଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ପ୍ୟାଟ୍ କମିନ୍ସଙ୍କ ମାନ୍ୟତାରେ ଗୋଟିଏ ସ୍ଥାନ ଉନ୍ନତି ହୋଇଛି ଓ ସେ ଚତୁର୍ଥ ସ୍ଥାନ ଦଖଲ କରିଛନ୍ତି। ପୂର୍ବରୁ ଏହି ସ୍ଥାନରେ ଥିବା ରବି ଚନ୍ଦ୍ରନ ଅଶ୍ୱିନ ପଞ୍ଚମକୁ ଖସିଛନ୍ତି।




## ଜାତୀୟ କନିଷ୍ଠ ଦୌଡ଼କୁଦ

# ଓଡ଼ିଶାକୁ ୬ ସ୍ୱର୍ଣ୍ଣ ସହ ୧୧ ପଦକ



**ଭୁବନେଶ୍ୱର, ୧୨।୧୨:** କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୩୯ତମ ଜାତୀୟ କନିଷ୍ଠ ଦୌଡ଼କୁଦରେ ହରିୟାଣା ବିଜେତା ହୋଇଥିବା ବେଳେ ତାମିଲନାଡୁ ଉପବିଜେତା ହୋଇଛି। ଓଡ଼ିଶା ୬ ସ୍ୱର୍ଣ୍ଣ ସହ ୧୧ ପଦକ ଜିତିଛି। ଶେଷ ଦିନରେ ଓଡ଼ିଶାର ଓମ୍‌କାର ପସାଦ ନନ୍ଦ, ଦଣ୍ଡପତି ମୃତ୍ୟୁମ ଜୟରାମ ଓ ଲକ୍ଷ୍ମୀପ୍ରିୟା କିଷାନ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୧୮ ବର୍ଷରୁ କମ୍ ବାଳକ ସଟ୍‌ପୁଟ୍‌ରେ ଓମ୍‌କାର ୧୯.୩୬ ମିଟର ଫିଙ୍ଗି ଏହି ପଦକ ଜିତିଥିଲେ। ସେହିପରି ୨୦ ବର୍ଷରୁ କମ୍ ବାଳିକା ୮୦୦ ମିଟରରେ ଲକ୍ଷ୍ମୀପ୍ରିୟା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ୧୦୦ ମିଟରରେ ସ୍ୱର୍ଣ୍ଣ ଓ ୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ଜିତିଥିବା ଜୟରାମ ବୁଧବାର ୨୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରି ନିଜ ସ୍ୱର୍ଣ୍ଣ ସଂଖ୍ୟା ୩ରେ ପହଞ୍ଚାଇଛନ୍ତି। ଏହି ସ୍ୱର୍ଣ୍ଣ ପଦକ ଜିତିଥିବା ସମସ୍ତ ଖେଳାଳି ରିଲାଏନ୍ସ ଫାଉଣ୍ଡେସନ୍‌ର ଖେଳାଳି। ଏଥି ସହ ରିଲାଏନ୍ସ ଫାଉଣ୍ଡେସନ୍‌ର ଖେଳାଳି ଏହି ପ୍ରତିଯୋଗିତାରେ ୮ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ ସହ ମୋଟ ୧୨ ପଦକ ଜିତିଛନ୍ତି। ଓଡ଼ିଶା ପାଇଁ ୨୦ ବର୍ଷରୁ କମ୍ ବାଳିକାରେ ପି ଅର୍ପିତା ଅର୍ଚ୍ଚନା (୪୫.୧୪ ମିଟର) କାଂସ୍ୟ ଜିତିଛନ୍ତି।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବାର୍ଷିକ କ୍ରୀଡା ମହୋତ୍ସବ ଉଦ୍‌ଯାପିତ




**ଖଲ୍ଲିକୋଟ, ୧୨।୧୨:** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଫିଟ ଇଣ୍ଡିଆ ଉଇକ - ୨୦୨୪ ପାଳନ ଅବସରରେ ଆୟୋଜିତ କ୍ରୀଡ଼ା ମହୋତ୍ସବ ଉଦଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ କୁଳସଚିବ ସୁଶ୍ରୀ ଶାନ୍ତି ସୁଧା ପାତ୍ରଙ୍କ ପ୍ରେରଣା କ୍ରମେ ସପ୍ତାହେ ବ୍ୟାପୀ ପାଳନ ହୋଇଆସୁଥିବା ଏହି କ୍ରୀଡା ମହୋତ୍ସବର ଅନ୍ତିମ ଦିନର ମୁଖ୍ୟ ଆକର୍ଷଣ ଥିଲେ ଅଲମ୍ପିଆନ ତଥା ଅର୍ଜୁନ ପୁରସ୍କାର ପ୍ରାପ୍ତ କ୍ରୀଡ଼ାବିତ କେ. ରବି କୁମାର। ସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ସଂଘର୍ଷମୟ ଜୀବନ କାହାଣୀ କହିବା ସହ ଅଧ୍ୟବସାୟ, ନିଷ୍ଠା ଓ ପରିଶ୍ରମ କିଭଳି ତାଙ୍କୁ କ୍ରୀଡ଼ା କ୍ଷେତ୍ରରେ ଅପୂର୍ବ ସଫଳତା ନେଇଆସିଥିଲା ତାହା ଉଲ୍ଲେଖ କରିବା ସହ ଛାତ୍ରଛାତ୍ରୀଙ୍କୁ କେବଳ ଶାରୀରିକ ସ୍ତରରେ ନୁହେଁ ମାନସିକ ସ୍ତରରେ ମଧ୍ୟ ଫିଟ ରହିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ବାର୍ଷିକ କ୍ରୀଡ଼ା ମହୋତ୍ସବର ସମ୍ମାନିତ ଅତିଥି ଥିଲେ ସ୍ନାତକୋତ୍ତର ପରିଷଦ ସମୂହର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ଦୀପକ କୁମାର ମିଶ୍ର ଓ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ମନୋଜ କୁମାର ପଟ୍ଟନାୟକ। ସେମାନେ ନିଜ ନିଜ ବକ୍ତବ୍ୟରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। କ୍ରୀଡ଼ା ପରିଷଦର ସଂଯୋଜକ ଡକ୍ଟର ପ୍ରଶାନ୍ତ କୁମାର ନରେନ୍ଦ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡକ୍ଟର ମନୋରଞ୍ଜନ ବିଷୋୟୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିବା ସ୍ଥଳେ ଏକ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହୋଇ ଥିବା ଉଭୟ ପୁରୁଷ ଓ ମହିଳା ବିଭାଗର କବାଡ଼ି, ଖୋ ଖୋ, ଫୁଟବଲ, ବ୍ୟାଟବ୍ୟାଟନ, ହକି, ଦୌଡ଼କୁଦ ଆଦି ପ୍ରତିଯୋଗିତା ସମେତ ପୂର୍ବରୁ ଆୟୋଜିତ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ରେ ବିଜୟୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କ୍ରୀଡ଼ା ମହୋତ୍ସବରେ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରୁଷ ବିଭାଗରୁ ସ୍ନାତକ ଶ୍ରେଣୀର ସନ୍ତୋଷ ପ୍ରଧାନ ଏବଂ ମହିଳା ବିଭାଗରୁ ସ୍ନାତକ ଶ୍ରେଣୀର ବ୍ଲେସିଂ ରାଣୀ ପ୍ରଧାନ ଚମ୍ପିୟାନ ହେବାର ସୌଭାଗ୍ୟ ଲାଭ କରିଥିଲେ। ଏହି ପୁରସ୍କାର ବିତରଣ ଉତ୍ସବ ଅବସରରେ ଛାତ୍ର କଲ୍ୟାଣ ଅଧିକାରୀ ଡ.ଉଷାରାଣୀ ରଥ, ଡ. ପ୍ରଣତି ରଥ, ଡ. ସୁଶୀଲ କୁମାର ରାଠୋର, ଡ. ରଶ୍ମିତା ପାଢ଼ୀ, ଡ. ରଶ୍ମିତା ପଣ୍ଡା, ଅଧ୍ୟାପିକା ଚିନ୍ମୟୀ ସାହୁ ଆଦି ବହୁ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିବା ବେଳେ କ୍ରୀଡ଼ା ପରିଚାଳନାରେ ଡ. ଯତୀନ ବିଷୋୟୀ, ଡ. ବିଭୁ ପ୍ରସାଦ ସାହୁ, ଡ. ବିଭୁତି ପ୍ରସାଦ ବାରିକ, ଡ. ସୁସ୍ମିତା ବେହୁରା, ଡ. ଅନ୍ନପୂର୍ଣ୍ଣା ସାହୁ, ଡ. ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ଅଧ୍ୟାପିକା ଦୀପିକା ସେଠୀ, ଡ. ସସ୍ମିତା ବଳିଆର ସିଂ, ଡ. ସୁସ୍ମିତା ପଟ୍ଟନାୟକ, ଡ. ରାଜେନ୍ଦ୍ର ବିଷୋୟୀ, ଡ. ଶିବ ପ୍ରସନ୍ନ ପାଠୀ, ଅଧ୍ୟାପିକା ଇପ୍ସିତା ରୁଚି, ଆଶା ଭାରତୀ, ସ୍ୱର୍ଣ୍ଣଲତା ବିଷୋୟୀ, ଅଧ୍ୟାପକ ପିଙ୍କୁ ସାହୁ, ଭି. ସ୍ନେହା, ଅଶୋକ ମୁଦୁଲି, ଡ. ରଜତ ପଣ୍ଡା, ଡ. ମନୀଷା ଦାଶ, ରାମଚନ୍ଦ୍ର ସ୍ୱାଇଁ, ବିଶ୍ୱଜିତ ସାହୁ ଆଦି ବହୁ ସଂଖ୍ୟକ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ କାର୍ଯ୍ୟାଳୟ ର ତାରିଣୀ ବେହେରା, ବିଷ୍ଣୁ ପାତ୍ର, ଭଳି ବହୁ କର୍ମଚାରୀ ଓ କ୍ରୀଡ଼ା ପ୍ରଶିକ୍ଷକ ଅନିଲ ପାତ୍ର, ସନ୍ତୋଷ ବେହେରା, ସଦାଶିବ ରାଓ ଆଦି ସହଯୋଗ କରିଥିଲେ। ଏଭଳି ଏକ କ୍ରୀଡ଼ା ମହାକୁମ୍ଭରେ ଅଂଶ ଗ୍ରହଣ କରି ଛାତ୍ରଛାତ୍ରୀମାନେ ବେଶ ଉତ୍ସାହିତ ଜଣାପଡୁଥିଲେ କ୍ଷ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା...

ସେ ଆଇଜିଆରକୁ ଗତ ନଭେମ୍ବର ୧୬ ତାରିଖରେ ଏକ ସତ୍ୟପାଠ ଦାଖଲ କରି ଜଣାଛନ୍ତି ଯେ, ସେ ତାଙ୍କ ଘରକୁ କୌଣସି ସଂଘକୁ କେବେ ଭଡା ଦେଇନାହାଁନ୍ତି। ଯଦି ଏହି ସତ୍ୟପାଠ ସତ୍ୟ ତେବେ ୨୦୧୫ ଜୁନ ଏକ ତାରିଖରେ ହରିହର ପଟ୍ଟନାୟକ ଏହି ଆସୋସିଏସନକୁ ପଂଜିକରଣ କରିବା ପାଇଁ ଦାଖଲ କରିଥିବା ରେଣ୍ଟ ଆଗ୍ରିମେଣ୍ଟ ମିଛ ବୋଲି ଜଣାପଡୁଥିବା ସେ କହିଛନ୍ତି। କାରଣ ଘର ମାଲିକ ଯେତେବେଳେ ତାଙ୍କ ଘର କୌଣସି ସଂଘ କାର୍ଯ୍ୟାଳୟ ପାଇଁ ଭଡା ଦେଇନାହାନ୍ତି, ହରିହର ପଟ୍ଟନାୟକ ରେଣ୍ଟ ଆଗ୍ରିମେଣ୍ଟ କିପରି ଆଇଜିଆରରେ ଦାଖଲ କଲେ।

ସର୍ବୋପରି ରେଣ୍ଟ ଏଗ୍ରିମେଣ୍ଟରେ ତାରିଖ ପଡିଛି ୨୦୧୫ ଜୁନ ୧, ଦସ୍ତଖତ ହୋଇଛି ୨୦୧୫ ଅକ୍ଟୋବର ୧୫ ତାରିଖରେ, ଆଉ ଷ୍ଟାମ୍ପ ପେପର କିଣାଯାଇଛି ଅକ୍ଟୋର ୧୪ ତାରିଖରେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୩ ଡିସେମ୍ବର ୨୬ ତାରିଖରେ ଓଡ଼ିଶା ଜୁ-ଯୀଶୁ ଆସୋସିଏସନର ପିଆଇଓ କହିଲେ ତାଙ୍କ କାର୍ଯ୍ୟାଳୟର ଠିକଣା ୪-ଏ ଭୋଇ ନଗର। ହେଲେ ୨୦୨୪ ଏପ୍ରିଲ ୨୮ ତାରିଖରେ ଆଇଜିଆରକୁ ଆସୋସିଏସନ ସମ୍ପାଦକ ଚିଠି ଲେଖି ସଂଘର ଠିକଣା ୧୨୫ ସୂର୍ଯ୍ୟନଗରରୁ ୪-ଏ ଭୋଇନଗର କରିବାକୁ ଅନୁରୋଧ କରିଛନ୍ତି। ଓଡ଼ିଶା ଜୁ-ଯୀଶୁ ଆସୋସିଏସନର ଠିକଣାକୁ ନେଇ ଥିବା ଏହି ଦ୍ୱନ୍ଦ୍ୱକୁ ନେଇ ପ୍ରଦ୍ୟୁମ୍ନ ପ୍ରଶ୍ନ ଉଠାଇଛନ୍ତି। ସେହିଭଳି ଏହି ଓଡ଼ିଶା ଜୁ-ଯୀଶୁ ଆସୋସିଏସନରେ ଜଣେ ସରକାରୀ ମହିଳା କର୍ମଚାରୀ କାର୍ଯ୍ୟକର୍ତ୍ତା ଅଛନ୍ତି। (ଆଇନଗତ ପ୍ରତିବନ୍ଧକ ଯୋଗୁ ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ନା ଆମ ପାଖରେ ଥିଲେ ବି ଆମେ ପ୍ରକାଶ କରୁନାହୁଁ।) ଏହି ମହିଳା କର୍ମଚାରୀ କ୍ରିଡା ନିର୍ଦ୍ଦେଶକରେ କାମ କରନ୍ତି। ସେ କିନ୍ତୁ ସଂଘରେ ଆସି ଟ୍ରେନିଂ ଦେଉଛନ୍ତି। ଏହା କିଭଳି ସମ୍ଭବ ହେଉଛି ଏବଂ କ୍ରିଡା ବିଭାଗ କାହିଁକି ତାଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପ୍ରଦ୍ୟୁମ୍ନ।

### ଏକକ...

ସଭ୍ୟଙ୍କ ସମର୍ଥନ ଲୋଡ଼ା। ଶାସକ ଏନଡିଏ ନିକଟରେ ଏହି ସଂଖ୍ୟା ନାହିଁ। ତେଣୁ ବିରୋଧୀ ଦଳର ସମର୍ଥନ ବିନା ଏକକ ନିର୍ବାଚନ ବିଲ ସଂସଦରେ ଗୃହୀତ ହେବା ଅସମ୍ଭବ ମନେ ହେଉଛି। ଏକକ ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ ସଂସଦରେ ଏକାଧିକ ସମ୍ବିଧାନ ସଂଶୋଧନ ବିଲ ଗୃହୀତ କରାଇବାକୁ ପଡ଼ିବ। ଏହି ବିଲ ଆଇନରେ ପରିଣତ ହେଲେ ୨୦୨୯ରେ ଏହା କାର୍ଯ୍ୟକାରୀ ହେବ। ସଂସଦର ଚଳିତ ଶୀତ ଅଧିବେଶନରେ ସରକାର ଏକ ଦେଶ-ଏକ ନିର୍ବାଚନ ବିଲ୍ ଆଣିବାକୁ ପ୍ରସ୍ତୁତ ଅଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିଛି। ସରକାର ଏହି ବିଲ୍ ଉପରେ ସହମତି ଆଣିବାକୁ ପ୍ରୟାସ କରୁଛନ୍ତି।

ଆବଶ୍ୟକ ସ୍ଥଳେ ବିଲ୍ ଉପରେ ଅଧିକ ଆଲୋଚନା ପାଇଁ ତାକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବାକୁ ମଧ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଜେପିସି ଏହି ବିଲ୍ ଉପରେ ସବୁ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବ। ବିଭିନ୍ନ ରାଜ୍ୟର ବିଧାନସଭା ବାଚସ୍ପତି, ବିଭିନ୍ନ ବିଭାଗର ବିଶେଷଜ୍ଞ ଓ ଅନ୍ୟ ହିତଧାରକଙ୍କୁ ମଧ୍ୟ ଏଥିରେ ସାମିଲ କରାଯିବ। ଏହି ପ୍ରସଙ୍ଗରେ ସାଧାରଣ ଜନତାଙ୍କ ମତାମତ ବି ନିଆଯିବ। ସହମତି ବିନା ଏଭଳି ଏକ ବଡ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ସହଜ ହେବନାହିଁ। ଆରମ୍ଭରୁ ଏକ ଦେଶ ଏକ ନିର୍ବାଚନ ସମର୍ଥନରେ ରହିଛନ୍ତି କେନ୍ଦ୍ର ସରକାର। ବର୍ତ୍ତମାନ ଥିବା ବ୍ୟବସ୍ଥାକୁ ବଦଳାଇବା ବହୁତ ଅହ୍ୱାର୍ଣ୍ଣପୂର୍ଣ୍ଣ ରହିଛି। ଏ ନେଇ ସହମତି ରହିବା ଆବଶ୍ୟକ। ଏକ ଦେଶ-ଏକ ନିର୍ବାଚନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ ସମ୍ବିଧାନ ସଂଶୋଧନ ପାଇଁ ୬ଟି ବିଲ୍ ଆଣିବାକୁ ପଡିବ। ଏହା ଉପରେ ସଂସଦରେ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସହମତି ଆବଶ୍ୟକ।

### ବିଶ୍ୱ ବ୍ୟାଡମିଣ୍ଟନ...

ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ପୁଲେଲା ଗୋପୀଚନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ ଏବଂ ଡାଲମିଆ ଭାରତ ଗ୍ରୁପର ସହଯୋଗରେ ଭୁବନେଶ୍ୱରରେ ଏହି ସେଣ୍ଟର ପ୍ରତିଷ୍ଠା ଦ୍ୱାରା ଓଡ଼ିଶାର ଯୁବ ବ୍ୟାଡମିଣ୍ଟନ ଖେଳାଳୀ ମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ସୁଯୋଗ ସୃଷ୍ଟି ହେଲା। ଏଠାରେ ଉତ୍ତମ ପ୍ରଶିକ୍ଷଣ ସହ ଖେଳାଳୀମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ରହିଛି। ବ୍ୟାଡମିଣ୍ଟନ ଜଗତରେ ଓଡ଼ିଶା ବିଶ୍ୱ ମଞ୍ଚରେ ଏହି ସେଣ୍ଟର ଜରିଆରେ ପରିଚିତ ହେବ। ଏହି ସେଣ୍ଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସାମ ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡ. ହିମନ୍ତ ବିଶ୍ୱଶର୍ମା, ବ୍ୟାଡମିଣ୍ଟନ ଖେଳାଳୀ ପଦ୍ମଭୂଷଣ ପ୍ରାପ୍ତ ପୁଲେଲା ଗୋପୀଚନ୍ଦ, ଡାଲମିଆ ଭାରତ ଗ୍ରୁପର ସିଇଓ ପିୱାଇ ଡାଲମିଆ ଏବଂ ଏମ୍‌ଡି ଗୌତମ ଡାଲମିଆଙ୍କ ସହଯୋଗ ଓ ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡ. ବିଶ୍ୱଶର୍ମା କହିଥିଲେ ଯେ ଏହି ବ୍ୟାଡମିଣ୍ଟନ ହାଇ ପରଫରମାନ୍‌ସ ସେଣ୍ଟର କେବଳ ଭାରତବର୍ଷ ପାଇଁ ନୁହେଁ, ବିଶ୍ୱ କ୍ରୀଡା ଜଗତ ପାଇଁ ମାଇଲ ଷ୍ଟୋନ। ଏହି ସେଣ୍ଟର ଭାରତରେ ବ୍ୟାଡମିଣ୍ଟନ ଖେଳକୁ ନୂଆ ଶିଖରକୁ ନେବ। ସେଣ୍ଟର ପ୍ରତିଷ୍ଠାରେ ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଓଡ଼ିଶାରେ ବ୍ୟାଡମିଣ୍ଟନର ବିକାଶ କ୍ଷେତ୍ରରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ।

ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେଇ ଶ୍ରୀ ଗୋପୀଚନ୍ଦ କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାରଙ୍କର ପ୍ରଗତିଶୀଳ ଚିନ୍ତାଧାରାର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇଥିଲେ। ଡାଲମିଆ ଭାରତ ଗ୍ରୁପର ସିଇଓ ପିୱାଇ ଡାଲମିଆ ମଧ୍ୟ ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ ତାଙ୍କ ସଂସ୍ଥାର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ।

କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂହ, ଭାରତ ଡାଲମିଆ ଗ୍ରୁପର ଏମ୍‌ଡି ଗୌତମ ଡାଲମିଆ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ।

### ବିଜେଡି...

ନେତାଙ୍କ କହିବା ଅନୁଯାୟୀ ନିଜ ନିଜର ଭବିଷ୍ୟତର ସୁରକ୍ଷା ପାଇଁ ଏହି ଦୁଇଜଣ ଯେଭଳି ପାଣ୍ଠି ଚାପିବା

ଚକ୍କରରେ ଅଛନ୍ତି ତାହା ଆଗାମୀ ଦିନରେ କେବଳ ବିଜେଡିକୁ ନିଶ୍ଚିହ୍ନ କରିବନାହିଁ, ଦଳର ଅନେକ କର୍ମୀ ଓ ନେତାଙ୍କ ରାଜନୀତିରେ ପୂର୍ଣ୍ଣଛେଦ ପକାଇଦେବ । କାରଣ ସେମାନେ ଏକୂଳର କିମ୍ବା ସେକୂଳର ହେବେ ନାହିଁ ।

### ମେମ୍ବରସିପ୍ ...

ଏଭଳି ସ୍ଥିତିରେ ସଭ୍ୟ ସଂଗ୍ରହ ସହଜ ନୁହେଁ ବୋଲି ଦାୟିତ୍ୱରେ ଥିବା ନେତାଏ ବି ଜଣାଇ ଦେଲେଣି । ଗୋଟିଏ ପଟେ ନବୀନଙ୍କ ଅସହାୟତା ଓ ଅନ୍ୟପଟେ କର୍ମୀଙ୍କ ଜଖମ ଉପରେ ପାହାର ମନୋଭାବ ବିଜେଡିକୁ କେଉଁ ଦିଗକୁ ନେବ ତାହା ଅନେକ ବିଧାୟକ ବି ବୁଝିପାରୁ ନାହାନ୍ତି । ଯେଉଁମାନେ ମାମଲତକାର ସାଜି ଟିକଟ ଓ ଟଙ୍କା ବାଣ୍ଟୁଥିଲେ ସେମାନେ ବି ଧରାଛୁଆଁ ଦେଉନାହାନ୍ତି । ଏଭଳି ସ୍ଥିତିରେ ନବୀନ କ୍ରେଜ୍ କେତେଦିନ ରହିବ ତାହାକୁ ନେଇ ନେତାଙ୍କ ଛନକା ବଢିବାରେ ଲାଗିଛି ।

### ମାଲକାନଗିରିରେ...

ବିଏସ୍‌ଏଫ୍ ଓ ଡିଭିଏଫ୍ ସହାୟତା କରୁଥିବା ଜଣାଯାଇଛି। ମାଓ କାର୍ଯ୍ୟକଳାପ ସହ ସଂପୃକ୍ତି ନେଇ ଏହି ଚଢ଼ାଉ କରାଯାଉଥିବାର ସୂଚନା ମିଳିଛି। ସେହିପରି ଛତିଶଗଡ଼ର ୨ଟି ସ୍ଥାନରେ ବି ଏନ୍‌ଆଇଏ ତନାଘନା ଚଳାଇଛି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ପୁଣି ମାଲକାନଗିରି-ଛତିଶଗଡ଼ ସୀମାନ୍ତରେ ସକ୍ରିୟ ହୋଇ ଉଠିଛନ୍ତି ମାଓବାଦୀ। ମାଓ ଦମନ ନେଇ ସୁରକ୍ଷାକର୍ମୀଙ୍କ ତରଫରୁ କରାଯାଉଛି ଜୋରଦାର ଅପରେସନ୍।

### ରାହୁଲଙ୍କୁ ...

କରିଛି। ହାରିକି ଜାଣୁଥିବା ଲୋକଙ୍କୁ ବାଜିଗର ବୋଲି କୁହାଯାଏ। ଏଥିପାଇଁ ସେ ବାଜିଗର କି ବୋଲି ପ୍ରଶ୍ନରେ ଧର୍ମେନ୍ଦ୍ର କହିଥିଲେ ଯେ, ସେ ବାଜିଗର ନୁହଁନ୍ତି, ସେ ଜଣେ ସାଧାରଣ କର୍ମୀ।

ଆମ ଦଳର ନେତା ନିଜକୁ ସେବ ବୋଲି କୁହନ୍ତି। ଏହି ମନୋବୃତି ପାଇଁ ହିଁ କେନ୍ଦ୍ରରେ ଲଗାତର ତିନି ଥର ଆମକୁ ସେବା କରିବାର ସୁଯୋଗ ମିଳିଛି।

ହରିଆଣା ଓ ମହାରାଷ୍ଟ୍ରରେ ମଧ୍ୟ ସେହିଭଳି ଲୋକେ ଆମକୁ ବାଛିଛନ୍ତି। ଲଗାତର ଭାବେ ସରକାର ଗଠନ କରିବା ପରେ ବି ଆମ ବିରୋଧରେ ଆଣ୍ଟି-ଇନକମବାନ୍ସି ନାହିଁ ବରଂ ପ୍ରୋ-ଇନକମ୍ବାନ୍ସି ଭୋଟ ହେଉଛି।

# ଆଳୁରେ ସ୍ୱାବଲମ୍ବନ: ହୋଇପାରେ ସମୟ ସାପେକ୍ଷ

**ଭୁବନେଶ୍ୱର, ୧୨।୧୨:** ଓଡ଼ିଶାରେ ଥିବା ୧୩୩ଟି ଶୀତଳଭଣ୍ଡାର ମଧ୍ୟରୁ ପାଖାପାଖି ୧୦୦ଟି ବର୍ଷ ବର୍ଷ ଧରି ଅଚଳ ହୋଇ ରହିଥିବାବେଳେ ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ସ୍ୱାବଲମ୍ବନଶୀଳ କରିବାପାଇଁ ସରକାର ଯେଉଁ ଘୋଷଣା କରିଛନ୍ତି ତାହା ସମୟ ସାପେକ୍ଷ ହୋଇପାରେ ବୋଲି କୃଷି ବିଜ୍ଞାନୀମାନେ କହୁଛନ୍ତି। ରାଜ୍ୟର ୫୮ଟି ଯାକ ସବଡିଭିଜନରେ ଅନ୍ୟୁନ ଗୋଟିଏ କରି ଶୀତଳଭଣ୍ଡାର ପ୍ରତିଷ୍ଠା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି। ତେବେ କାର୍ଯ୍ୟକ୍ଷମ ଥିବା ୩୫ଟି ଶୀତଳଭଣ୍ଡାର ଭିତରୁ କେତେକ କ୍ରମଶଃ ଦୁର୍ବଳ ହୋଇପଡୁଥିବା ପରିପ୍ରେକ୍ଷୀରେ ନୂଆ ଜ୍ଞାନକୌଶଳର ଉପଯୋଗ କରି କିଭଳି ଚାଲୁଥିବା ଓ ବନ୍ଦ ପଡ଼ିଥିବା ଶୀତଳଭଣ୍ଡାରଗୁଡିକ କାର୍ଯ୍ୟକ୍ଷମ ହେବ ଏବଂ ତାହା ସହିତ ନୂଆ ଶୀତଳଭଣ୍ଡାମାନ ବିଭିନ୍ନ କ୍ଲଷ୍ଟରରେ ପ୍ରତିଷ୍ଠା କରାଯିବ ସେଥିଘେନି ମାନସମନ୍ଥନ ଚାଲିଛି।



ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବାପାଇଁ ଅନ୍ୟୁନ ୧ଲକ୍ଷ ହେକ୍ଟର ଜମିରେ ଆଳୁ ଚାଷ କରାଯିବାର ଆବଶ୍ୟକତା ରହିଛି ଏବଂ ଶୀତଳଭଣ୍ଡାରଗୁଡିକରେ ୧୪ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ପରିମାଣର ଆଳୁ ଯେଭଳି ସଂରକ୍ଷିତ ରହିପାରେ ତାହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବାର ଅଛି। ତେବେ ଚଳିତ ବର୍ଷ ଆଳୁଚାଷ ପାଇଁ ବିଭିନ୍ନ ରାଜ୍ୟରୁ ବିହନ ଆଣି ଚାଷୀମାନଙ୍କୁ ଯେତେ ବଣ୍ଟାଯାଇଛି ସେଥିରୁ ୪ଲକ୍ଷ ଟନ୍ ପର୍ଯ୍ୟନ୍ତ ଆଳୁ ଉତ୍ପାଦିତ ହୋଇପାରେ। ଏ ପରିପ୍ରେକ୍ଷୀରେ ଆଉ ୧୦ଲକ୍ଷ ମେଟ୍ରିକ ଟନ୍ ଆଳୁ ପାଇଁ ଓଡ଼ିଶାକୁ ଅନ୍ୟରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। କୃଷି ବିଶେଷଜ୍ଞମାନେ କହୁଛନ୍ତି ଯେ ଶୀତଳଭଣ୍ଡାରରେ ଆଳୁ ସମେତ ଅନ୍ୟ ପନିପରିବା ଓ ଫଳ ଆଦି ସଂରକ୍ଷିତ ରହିବା ଆବଶ୍ୟକ। ଏହା କରାଯାଇ ପାରିଲେ ବିଲାତିବାଇଗଣ ଠାରୁ ଆରମ୍ଭକରି କୋବି ଓ ଅନ୍ୟ ଅର୍ଥକରୀ ଫସଲ ଶୀତଳଭଣ୍ଡାରରେ ରଖାଯାଇ ପାରିବ ଏବଂ ଚାଷୀମାନେ ଅଭାବି ବିକ୍ରିରୁ ବର୍ତ୍ତିଯାଇ ପାରିବେ। ଏବେ ବିଦ୍ୟୁତ୍ ଦର ଯାହା ରହିଛି ସେହି ଦରରେ ବିଦ୍ୟୁତ୍ କିଣି ଶୀତଳଭଣ୍ଡାର ଚଳାଇଲେ ସେଥିରୁ ଭଣ୍ଡାର କର୍ତ୍ତୃପକ୍ଷ ଓ ଚାଷୀମାନେ ବିଶେଷ ଫାଇଦା ପାଇବେ ନାହିଁ। ଏହାଛଡା ବିଦ୍ୟୁତ୍‌କାଟ କାରଣରୁ ବି ସଂରକ୍ଷିତ କୃଷିଜାତ ସାମଗ୍ରୀ ନଷ୍ଟ ହେବାର ଆଶଙ୍କା ରହିଛି। (ତଥ୍ୟ)

## ଦଣ୍ଡମୁକ୍ତ ଅଞ୍ଚଳରେ ଦଣ୍ଡିତ
### ଛାତ୍ରଙ୍କ ମାଡ଼ ଦେଖି ଛାତ୍ରୀ ବେହୋସ



**ନବରଙ୍ଗପୁର/ରାଇଘର, ୧୨।୧୨ (ସଂଚାର ବ୍ୟୁରୋ) :** ଓଡ଼ିଶା ରାଜ୍ୟର ସବୁ ସ୍କୁଲ ଦଣ୍ଡ ମୁକ୍ତ ଅଞ୍ଚଳ ରୂପେ ଘୋଷିତ ହେବା ପରେ ସ୍କୁଲରେ ଅମାନସିକ ଅତ୍ୟାଚାରର ଶିକାର ହେଉଛନ୍ତି ଛାତ୍ରଛାତ୍ରୀ। ପିତା ମାତା କେବେବି ନିଜ ସନ୍ତାନଙ୍କୁ ଏତିକି କେବେ ମାରି ନାହାନ୍ତି ହେଲେ, ସ୍କୁଲ ଶିକ୍ଷକ ଅମାନସିକ ଭାବେ ବିଧା, ଚାପୁଡ଼ା, ଲାତ ସହ ଘୋଷାରି ଘୋଷାରି କିପରି ମାରି ପାରିଲେ ତାହାକୁ ନେଇ ପ୍ରଶ୍ନ ଉଠାଉଛନ୍ତି ସ୍କୁଲର ସମସ୍ତ ଛାତ୍ରଛାତ୍ରୀ। ଏତେ ଅମାନସିକ ଭାବେ ପ୍ରଥମ ବର୍ଷର ଛାତ୍ର ପ୍ରତି ମାଡ଼ ଦେଖି ଛାତ୍ରୀମାନେ ବୋବାଳି କରି କ୍ଲାସ ରୁମ ଭିତରେ କାନ୍ଦିବାକୁ ଲାଗିଲେ, କାନ୍ଦି କାନ୍ଦି ଜଣେ ଛାତ୍ରୀ ବେହୋସ ମଧ୍ୟ ହୋଇଯାଇଥିଲେ।

ଏପରି ଘଟଣା ଦେଖିବାକୁ ମିଳିଛି ରାଇଘର ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ। ସେହି ସ୍କୁଲର ଗଣିତ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ, ଗଣିତ ବୁଝି ପାରିଲେ କି କହି ଛାତ୍ରଙ୍କ ପଚାରିବାରୁ ଜଣେ ଛାତ୍ର ଦୀପକ ଗଣ୍ଡ (୧୭)ବର୍ଷ ପିତା ଦୁଖଚାନ୍ଦ ଗଣ୍ଡ ବୁଝି ପାରିଲି ନାହିଁ କହିବାରୁ ଶିକ୍ଷକ ଜଣକ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ଘୋଷାରି ଘୋଷାରି ନିଷ୍ଠୁର ମାଡ଼ ମାରିଥିଲେ। ଏହା ତାଙ୍କର ନୂଆ କଥା ନାହିଁ, ବିଗତ ବର୍ଷରେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ମଧ୍ୟ ନିସ୍ଠୁର ମାଡ଼ ମାରିବା ବିଷୟକୁ ନେଇ ଗଣିତ ଶିକ୍ଷକଙ୍କୁ ପଚାରିବାରୁ ମୋର ଦେହ ଖରାପ ଅଛି ମୁଁ କିଛି କହି ପାରିବି ନାହିଁ ଏବଂ ଆମ ପ୍ରତିନିଧି ଆଗରେ ବାଇଟ ଦେବାକୁ ମନା କରି ଦେଇଥିଲେ। ଛାତ୍ରଛାତ୍ରୀଙ୍କ କହିବା କଥା ଟିଆରଡବ୍ଲୁ, ଡିଡବ୍ଲୁଡି କର୍ତ୍ତୃପକ୍ଷ ଏହି ଶିକ୍ଷକଙ୍କ ପ୍ରତି କଠୋରରୁ କଠୋର ଦଣ୍ଡାଦେଶ ନ ଦେଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ଟିଆରଡବ୍ଲୁ ସ୍କୁଲର ହେଡମାଷ୍ଟର ବିଧୁଭୂଷଣ ନାୟକଙ୍କୁ ପଚାରିବାରୁ ମୁଁ ଏ ବିଷୟରେ କିଛି ଜାଣି ନାହିଁ, ସବିଶେଷ ପଚାରିବା ପରେ କହିବି ବୋଲି କହିଛନ୍ତି। ଆଜିର ଏହି ବର୍ବର ଓ ଅମାନୁସିକ ଶିକ୍ଷକଙ୍କ ଅତ୍ୟାଚାର ଦେଖି ଅଭିଭାବକ ମହଲ ଓ ରାଇଘର ବ୍ଲକରେ ଚାଞ୍ଚଲ୍ୟ ଖେଳି ଯାଇଛି। ଏହି ଶିକ୍ଷକଙ୍କ ପ୍ରତି ଦୃଢ଼ କାର୍ଯାନୁଷ୍ଠାନ ନେବାକୁ ଟିଆରଡବ୍ଲୁ, ଡିଡବ୍ଲୁଡି କର୍ତ୍ତୃପକ୍ଷଙ୍କୁ ରାଇଘର ଅଞ୍ଚଳବାସୀଙ୍କ ସହ ଅଭିଭାବକ ବୃନ୍ଦ ଅନୁରୋଧ କରିଛନ୍ତି।

ସଂଚାର ପ୍ରଭାବ

## ମୃତ ବସୁଦେବ ଓ ପ୍ରଭାତୀଙ୍କ ଝିଅକୁ ମିଳିଲା ହରିଶ୍ଚନ୍ଦ୍ର ସହାୟତା

**ଖପ୍ରାଖୋଲ, ୧୨।୧୨ (ସଂଚାର ବ୍ୟୁରୋ):** ଆଜି ଗୋଟିଏ ମନକୁ ପାଇଲା ଭଳି ଦୃଶ୍ୟ ଦେଖିବାକୁ ମିଳିଛି । ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଓଡ଼ିଆପାଳି



ଗ୍ରାମପଞ୍ଚାୟତ ର ଭାଲୁଡୁଙ୍ଗୁରି ଗ୍ରାମର ବସୁଦେବ ଓ ପ୍ରଭାତି ଙ୍କ ଦେହାନ୍ତ ପରେ ମଧ୍ୟ ହରିଶ୍ଚନ୍ଦ୍ର ଯୋଜନା ପାଇନଥିବା "ସଂଚାର" ଖବର କାଗଜରେ କିଛି ଦିନ ତଳେ ପ୍ରକାଶିତ ହୋଇଥିଲା । ଏହି ପରିବାର ଏକ ନିରୀହ ପରିବାର ହୋଇଥିବାରୁ ତାଙ୍କର ଘରେ ତାଙ୍କର ଶୁଦ୍ଧିକ୍ରିୟା କରିବା ପାଇଁ ଅର୍ଥ ବାଧକ ସାଜିଥିବା ଖବର ଗାଁ ଲୋକଙ୍କୁ ମୁଖ ରୁ ଶୁଣିବାକୁ ମିଳିଥିଲା । ଆଜି ଓଡ଼ିଆପାଳି ପଞ୍ଚାୟତ ର କାର୍ଯ୍ୟନିର୍ବାହୀ ଅଧିକାରୀ ଘର କୁ ଯାଇ ମୃତକର ଅବିବାହିତା ଝିଅ ଗୋଲାପୀ ନାଏକ ଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି । ଟଙ୍କା ପାଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ ।

### କୁମ୍ଭକର୍ଣ୍ଣ ନିଦରେ ନୟାଗଡ଼ ପୂର୍ତ୍ତ ବିଭାଗ

# ଧୂଳିଧୂଆଁରେ କଲବଲ ପଥଚାରୀ

**ନୟାଗଡ଼, ୧୨।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ମୁନିସିପାଲିଟି ଅନ୍ତର୍ଗତ ୧୧ନଂ ୱାର୍ଡ ମଧ୍ୟ ଦେଇ ଯାଇଥିବା ଏହି ରାଜ୍ୟ ରାଜପଥର ଅବସ୍ଥା ଏମିତି ହୋଇଛି ଯେ ବର୍ଷା ଦିନେ ପାଣିକାଦୁଅରେ ସହରବାସୀ ହନ୍ତସନ୍ତ ହେଉଥିବା ବେଳେ ଏବେ ଧୂଳିବାଲିରେ ଅତିଷ୍ଠ ହେଉଛନ୍ତି। ବର୍ଷା ଦିନେ ରାସ୍ତାରେ ୨ ଫୁଟ ଗାତ ହୋଇ ପାଣି ଜମିଥିବା ବେଳେ ସେଥିରେ ମେଣ୍ଟାଲ, ଡଷ୍ଟ ପକାଇ ନାମକୁ ମାତ୍ର ମରାମତି କରିଥିଲା ପୂର୍ତ୍ତ ବିଭାଗ। ଏବେ ସେହି ଷ୍ଟୋନ ଡଷ୍ଟ ସ୍ଥାନୀୟ ଅଧିବାସୀଙ୍କ ପାଇଁ କାଳ ସାଜିଥିବା ବେଳେ ରାସ୍ତାରେ ପଡ଼ିଥିବା ମେଣ୍ଟାଲ ଯୋଗୁଁ ପଥଚାରୀ ଏବଂ ବାଇକ ଚାଳକ ମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି।



ଏପରିକି ଏହି ରାସ୍ତା ଦେଇ ଦୈନିକ ଓଡଗାଁ, ଭଞ୍ଜନଗର, ଆସିକା, ବ୍ରହ୍ମପୁର, ରାୟଗଡା ଆଦି ସ୍ଥାନକୁ ଯାଉଥିବା ଯାତ୍ରୀବାହୀ ବସ, ଟ୍ରକ, କାର, ମାଲଗାଡ଼ି, ବାଇକ ଆଦି ଯିବା ଆସିବା କରୁଥିବା ସମୟରେ ରାସ୍ତାରେ ଖେଳେଇ ହୋଇ ପଡ଼ିଥିବା ମେଣ୍ଟାଲ ଗୁଡ଼ିକ ଛିଟକା ମାରି ଚଳପ୍ରଚଳ କରୁଥିବା ଅଧିବାସୀ ମାନଙ୍କୁ ଆହତ କରୁଥିବା ବେଳେ ରାସ୍ତାରେ ପଡ଼ିଥିବା ଡଷ୍ଟ ଧୂଳି ଉଡ଼ି ସମଗ୍ର ଅଞ୍ଚଳ ପ୍ରଦୂଷିତ ହେବା ସହିତ ଏହି ଅଞ୍ଚଳରେ ଥିବା ବାସଗୃହ, ଦୋକାନ ଆଦି ଧୂଳିମୟ ହେଉଥିବା ବେଳେ ସମଗ୍ର ପରିବେଶ ପ୍ରଦୂଷିତ ହେଉଛି। ଏପରିକି ପରିବେଶ ପ୍ରଦୂଷଣ ଯୋଗୁଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ସ୍ଥାନୀୟ ଅଧିବାସୀମାନେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି।

ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ରାସ୍ତା ମରାମତିର ନାଁ ଧରୁନି ପୂର୍ତ୍ତ ବିଭାଗ। ବର୍ଷାଦିନେ ବର୍ଷା ଆଳ ଦେଖାଇ ରାସ୍ତା ମରାମତି କାମ ବନ୍ଦ ରଖିଥିଲା। ଏବେ ଧୂଳିବାଲି ଉଡ଼ି ଅଞ୍ଚଳବାସୀ ଅତିଷ୍ଠ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ନା ପାଣି ଛିଞ୍ଚା ଯାଉଛି ନା ରାସ୍ତା ନିର୍ମାଣ କରାଯାଉଛି। ଏହି ରାସ୍ତା ଦେଇ ଦୈନିକ ନେତାମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି, ରାଜ୍ୟ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ବିଚାରପତି, ରୋଗୀ, ବୁଦ୍ଧିଜୀବୀ ମାନେ ଯିବା ଆସିବା କରୁଥିବା ବେଳେ ପୂର୍ତ୍ତ ବିଭାଗ ଚୁପଚାପ ବସି ରହିଛି। ପ୍ରତିଦିନ ଲୋକେ କଲବଲ ହୋଇ ଯାତାୟତ କରିବା ଓ ଛୋଟବଡ଼ ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଲୋକେ ଯାତାୟାତ କରିବା ସମୟରେ ଅତ୍ୟନ୍ତ ଦହଗଞ୍ଜ ହେଉଥିଲେ ମଧ୍ୟ ରାସ୍ତା ନିର୍ମାଣ ପାଇଁ କାହାରି ଦରଦ ନାହିଁ।

ମାତ୍ର ୧ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୪ ବର୍ଷ ଲାଗିଥିବାରୁ ନେତା, ପ୍ରଶାସନ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ସହରବାସୀ। ନୟାଗଡ଼ ପୂର୍ତ୍ତ ବିଭାଗ ଅଧୀନରେ ଥିବା ୨୧ନଂ ରାଜ୍ୟ ରାଜପଥ ଲୋକ ଧୂଳିଧୂଆଁରେ କଲବଲ ହେଉଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାରେ ପ୍ରତିଦିନ ଶହ ଶହ ଯାନବାହାନ ଖାଲଖମା ରାସ୍ତା ଦେଇ ଯାତାୟତ କରୁଥିବା ବେଳେ ସବୁ ଦେଖି ଚୁପ୍ ବସିଛି ପୂର୍ତ୍ତ ବିଭାଗ ପ୍ରଶାସନ। ଏହା ଦିନକର ଘଟଣା ନୁହଁ; ବର୍ଷ ବର୍ଷ ଧରି ଯନ୍ତ୍ରଣାରେ ଲୋକେ କଲବଲ ହେଉଥିଲେ ମଧ୍ୟ ଏହି ରାସ୍ତା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ନ ହୋଇ ପଡ଼ି ରହିଛି। ବାରମ୍ବାର ସରକାରଙ୍କ ଅର୍ଥ ଖର୍ଚ୍ଚ କରି ଡଷ୍ଟ ପକେଇ ମରାମତି କରୁଛନ୍ତି କିନ୍ତୁ ସ୍ଥାୟୀତ୍ୱ ଉପରେ ଗୁରୁତ୍ୱ ଦେଉ ନଥିବା ଜଣାପଡିଛି । ତେବେ କାର୍ଯ୍ୟାରମ୍ଭର ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଗାମୀ ଦିନରେ ଏହାକୁ ନେଇ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ଏନେଇ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ କାଟି ଦେଇଥିଲେ ।

### ୨୪ତମ ନିମାପଡ଼ା ମହୋତ୍ସବ ପ୍ରସ୍ତୁତି ବୈଠକ

## ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ




**ନିମାପଡ଼ା, ୧୨।୧୨ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ନିମାପଡ଼ା ମହୋତ୍ସବ ପାଇଁ ନିମାପଡ଼ା ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମହୋଦୟା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷ କିଭଳି ଅତି ରଙ୍ଗାରଙ୍ଗରେ ମହୋତ୍ସବ ଅନୁଷ୍ଠିତ ହେବ ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ଉଦଘାଟନ ଉତ୍ସବରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବା ସହିତ ଭାରତ ରତ୍ନ ଅଟଳ ଜୀଙ୍କ ସ୍ମୃତିରେ ପ୍ରଥମ ଦିବସକୁ ଉତ୍ସାର୍ଗୀକୃତ କରାଯିବ ଏବଂ ଶେଷ ସନ୍ଧ୍ୟାରେ ହଜାର ହଜାର ସଂଖ୍ୟକ ଦର୍ଶକଙ୍କ ମନରଞ୍ଜନ ପାଇଁ ବଲିଉଡ଼ ତାରକା କଳାକାରଙ୍କୁ ନେଇ ଏକ ମେଗା ସୋ ଅନୁଷ୍ଠିତ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ।

ଚଳିତ ବର୍ଷ ଲୋକଙ୍କ ଭିଡ଼କୁ ଆଖି ଆଗରେ ରଖି ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ପୁରୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କହିଛନ୍ତି।

## ନିମଖଣ୍ଡି ଥାନାରେ ନୂତନ ଆଇଆଇସିଙ୍କ ଦାୟିତ୍ୱ ଗ୍ରହଣ




**ବ୍ରହ୍ମପୁର, ୧୨।୧୨ (ସଂଚାର ବ୍ୟୁରୋ):** ନିମଖଣ୍ଡି ଥାନାରେ କାର୍ଯ୍ୟରତ ଥିବା ଥାନା ଅଧିକାରୀ ରେବତୀ ଶବରଙ୍କୁ ଗଞ୍ଜାମ ପୋଲିସ ଜିଲ୍ଲା ଅଧିନସ୍ତ ତାରାସିଂ ଥାନାକୁ ବଦଳି ହୋଇଥିବା ବେଳେ କୋଟିନଡ଼ା ଥାନାରୁ ବଦଳି ହୋଇ ଆସିଥିବା କୃଷ୍ଣ ସାହା ଙ୍କୁ ଥାନା ଅଧିକାରୀ ରେବତୀ ଶବର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଥାନା ଅଧିକାରୀ କୃଷ୍ଣ ସାହା ଦାୟିତ୍ୱ ନେବା ସହ କହିଛନ୍ତି ଯେ, ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ତାଙ୍କର ପ୍ରଥମ ଲକ୍ଷ ଅଟେ । ବେଆଇନ ଆଇନଶୃଙ୍ଖଳା ରୋକିବା ଦିଗରେ କଡାକଡି ଭାବେ ପେଟ୍ରୋଲିଙ୍ଗ କରିଯିବା ଉପରେ ପ୍ରାଥମିକତା ଦିଆଯିବ । ଏଭଳି ନିଷ୍ପତିକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଦୃଢ଼ ରହିବ ବୋଲି ଆଶା ପ୍ରକଟ କରିଛନ୍ତି। ନୂତନ ଅଧିକାରୀଙ୍କ ଯୋଗ ଦାନ ସମୟରେ ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନେ ନୂତନ ଆଇଆଇସି ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଛନ୍ତି । ନୂତନ ଥାନା ଅଧିକାରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସହ ସ୍ୱାଗତ କରାଯାଇଛି । ଶ୍ରୀ ସାହା ପ୍ରଥମେ ନୂଆପଡ଼ା ଜିଲ୍ଲାରେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ମାଲକାନଗିରି ଏବଂ ପରେ ଗଞ୍ଜାମ ଜିଲ୍ଲାକୁ ପ୍ରମୋସନ୍ ହୋଇ ଆସିବା ପରେ କୋଟିନଡ଼ା ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ବର୍ତ୍ତମାନ ନିମଖଣ୍ଡି ଥାନାକୁ ବଦଳି ହୋଇ ଦାୟିତ୍ୱ ଗ୍ରହଣ କରିଥିବା ସୁଚନା ଦେଇଛନ୍ତି ନୂତନ ଥାନା ଅଧିକାରୀ ଶ୍ରୀ କୃଷ୍ଣ ସାହା।

## ବିଜେପି ବିଧାୟକଙ୍କ କୁଶପୁତ୍ତଳିକା ଦାହ

**ନାଉଗାଁ, ୧୨।୧୨ (ସଂଚାର ବ୍ୟୁରୋ) :** ବିଧାନସଭା ଭଳି ଏକ ପବିତ୍ର ଗୃହରେ ଜଗତସିଂହପୁର ନିର୍ବାଚନମଣ୍ଡଳୀର ବିଧାୟକ ଅମରେନ୍ଦ୍ର ଦାସଙ୍କ କଂଗ୍ରେସ ଦଳକୁ ଲଜ୍ଜା, ଅପମାନ, ଅଶାଳୀନ ମନ୍ତବ୍ୟକୁ ବିରୋଧ କରି ନାଉଗାଁ ବ୍ଲକ ଯୁବ ଛାତ୍ର କଂଗ୍ରେସ ତରଫରୁ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି କୁମାର ପ୍ରିତମ ପରିଜାଙ୍କ ନେତୃତ୍ୱରେ ସ୍ଥାନୀୟ ନାଉଗାଁହାଟ ଠାରେ ବିରୋଧ ପ୍ରଦର୍ଶନ କରାଯାଇ କୁଶପୁତ୍ତଳିକା ଦାହ କରାଯାଇଛି।




ବିଧାନସଭାରେ ଅଂଚଳର ବିକାଶ ପ୍ରସଙ୍ଗ ଉଠାଇବା ପରିବର୍ତ୍ତେ ନିଜର ଅସ୍ତିତ୍ୱକୁ ବଞ୍ଚାଇବାକୁ ଯାଇ ବିଧାୟକ ଏକ ନିର୍ଦ୍ଦିଷ୍ଟ ଦଳକୁ ଅପମାନ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ ବିଷୟ। ଆଗାମୀ ଦିନରେ ଯଦି ବିଧାୟକ ମହୋଦୟ କଂଗ୍ରେସ ଦଳ ପାଖରେ କ୍ଷମା ପ୍ରାର୍ଥନା ନକରନ୍ତି ଜିଲ୍ଲା ବ୍ୟାପି ଆନ୍ଦୋଳନ ତୀବ୍ରତର ହେବ ବୋଲି ଶ୍ରୀ ପରିଜା ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ସଂଜୀବ ଦାସ,ସ୍ୱାଧୀନ ସାହୁ,ଜ୍ଞାନେନ୍ଦ୍ର ସ୍ୱାଇଁ,ତରୁଣ ନାୟକ,ଚିନ୍ମୟ ଲେଙ୍କା,ବିକାଶ ଲେଙ୍କା,ରିତେଶ ସାହୁ,ପ୍ରଭାକର ନାୟକ ଆଦି ଉପସ୍ଥିତ ଥିଲେ।

## ସାଇକେଲ ଚୋରି ଅଭିଯୋଗରେ ୩ ଗିରଫ

**ବ୍ରହ୍ମପୁର, ୧୨।୧୨ (ସଂଚାର ବ୍ୟୁରୋ) :** ସାଇକେଲ ଚୋରି କରିବା ଅଭିଯୋଗରେ ଗୋଷାଣୀନୂଆ ଗାଁ ଥାନା ପୁଲିସ ୩ ଜଣଙ୍କୁ କାବୁ କରିଛି । ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଦୁଇଜଣ ନାବାଳକଙ୍କୁ ଜେଜେବିରେ ହଜାର କରିଛି। ଗିରଫ ଯୁବକ ଜଣକ ହେଲେ ଆଙ୍କୁଲିର ଆକାଶ ବାହାଦୂର(୧୯)। ସୂଚନାଯୋଗ୍ୟ ଯେ, ହିଲପାଟଣାରେ ରହୁଥିବା ଜ୍ୟୋତ୍ସ୍ନା ଗମାଙ୍ଗ(୪୪)ଙ୍କ ଘର ସମ୍ମୁଖରେ ତାଙ୍କ ପୁଅ ସାଇକେଲ ପାର୍କିଂ କରିଥିଲେ । କୌଣସି ଦୁର୍ବୃତ୍ତ ତାଙ୍କ ପୁଅଙ୍କ ସାଇକେଲକୁ ଚୋରି କରି ନେଇଥିବା ସେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ପରେ ସମ୍ପୃକ୍ତ ୩ ଜଣଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା ବେଳେ ସେମାନେ ସାଇକେଲ ଚୋରି କରିଥିବା ମାନିଥିଲେ ।

### ମାନସିକ ନିର୍ଯାତନା, ଜାତିଆଣ ଆକ୍ଷେପକୁ ନେଇ

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାମରେ ଏତଲା

**ନୀଳଗିରି, ୧୨।୧୨ (ସଂଚାର ବ୍ୟୁରୋ) :** ନୀଳଗିରି ବ୍ଲକ ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା, ଜାତିଆଣ ଆକ୍ଷେପ ନେଇ ନୀଳଗିରି ଥାନାରେ ଏତଲା ଦେଲେ ଉକ୍ତ ବିଦ୍ୟାଳୟର କାର୍ଯ୍ୟରତ ରୋଷେୟା।

ସୂଚନା ଅନୁଯାୟୀ ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ରୋଷେୟା ସହ ପିଅନ ଭାବେ ପ୍ରମିଳା ଦେହୁରୀ ବହୁ ଦିନ ହେବ କାର୍ଯ୍ୟକରି ଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ରାଉତ ଆଜିକୁ କିଛି ଦିନ ହେବ ଉଦ୍ଦେଶ୍ୟ ମୂଳକ ଭାବେ ଶ୍ରୀମତୀ ଦେହୁରୀଙ୍କୁ ମାନସିକ ନିର୍ଯାତନା ଦେବା ସହ ଚୁରି ଓ ଜାତିଆଣ ଆକ୍ଷେପ କରି ଆସୁଛନ୍ତି। ତବେ ବିଦ୍ୟାଳୟର ୪ ଜଣ ମହିଳା ରୋଷେୟା ଥିବାବେଳେ ୨ ଜଣ ରୋଷେୟାଙ୍କୁ ତାଙ୍କ ନୀଜ ବସା ଘର ରୋଷେୟୀରେ କାର୍ଯ୍ୟ କରାଉଛନ୍ତି। ସେମାନଙ୍କୁ ସମସ୍ତ ସୁବିଧା ଦେଉଥିବା ବେଳେ ଶ୍ରୀମତୀ ଦେହୁରୀଙ୍କୁ ଏଥିରୁ ବଞ୍ଚିତ କରିବା ସହ ସେ ଜଣେ କିଡ଼ନୀ, ହାର୍ଟ ରୋଗୀ ଥିବାରୁ ଗତ ମଙ୍ଗଳବାର ଦିନ ଦେହ ଭିଷଣ ଖରାପ ଥିବାରୁ ଛୁଟି ମାଗିଥିଲେ ହେଲେ ଛୁଟି ନଦେଇ ତାଙ୍କୁ ଛୋଟ ଜାତି (ଭୂମିଜ) କହି ଖରାପ ବ୍ୟବହାର କରିଥିଲେ।

କିଛି ଦିନ ଧରି ହେଉଥିବା ନିର୍ଯାତନା, ଜାତିଆଣ ଆକ୍ଷେପ ନେଇ ଶ୍ରୀମତୀ ଦେହୁରୀ ବ୍ଲକ ମଗଂଳ ସଂପ୍ରସାରଣ ଅଧିକାରି ଶୈଳେନ୍ଦ୍ର ଶତପଥିଙ୍କୁ ଜଣାଇଲା ପରେବି କଛି ଫରକ ପଡିନଥିଲା। ଶେଷରେ ନୀରୂପାୟ ହୋଇ ଗୁରୁବାର ତାଙ୍କ ସ୍ୱାମୀଙ୍କ ହାତରେ ଅଭିଯୋଗ ଦେଇ ଶିକ୍ଷୟତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା, ଜାତିଆଣ ଆକ୍ଷେପ ନେଇ ନୀଳଗିରି ଥାନାରେ ଏତଲା ଦେଇଛନ୍ତି। ପୂର୍ବରୁ ଅନେକ ଥର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଲିଖିତ ଜଣାଇବା ସହ କହିଥିଲେ ଯଦି ମୁଁ କାମ କରୁନାହିଁ ମତେ ଅନ୍ୟତ୍ର ବଦଳି କରିଦିଅ ତାହାବି କରୁନାହାନ୍ତି ବୋଲି ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ରାଉତଙ୍କ ମତାମତ ନେବେରୁ ସେ କହିଥିଲେ ତାଙ୍କର ସରକାରଙ୍କ ନିୟମ ଅନୁସାରେ ୧୫ଦିନ ଛୁଟି ସମ୍ପୁର୍ଣ୍ଣ ହୋଇଥିବାରୁ ସେ ଛୁଟି ଦେଇ ପାରି ନ ଥିଲେ ଏବଂ ରୋଷେୟାଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବାଲେଶ୍ୱର ଜିଲ୍ଲା ମଙ୍ଗଳ ଅଧିକାରୀଣି ଶ୍ରୀମତୀ ବିଦ୍ୟୁତଲତା ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ଗତକାଲି ନଥିଲି ଆଜି ଏହିଘଟଣା ବିଷୟରେ ବୁଝୁଛି, ଦରକାର ପଡିଲେ ମୁଁ ନୀଜେ ଯାଇ ତଦନ୍ତ କରିବି। ପୋଲିସ ବିଦ୍ୟାଳୟକୁ ଯାଇ ତଦନ୍ତ କରିବାର ସୁଚନା ଦେଇଛି।

## ଜଙ୍ଗଲ ରାସ୍ତାରେ ମହିଳାଙ୍କ ଗଳାକାଟି ହତ୍ୟା

**ନୟାଗଡ଼, ୧୨।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅଞ୍ଚଳରେ ଅଘଟଣ। କେହି ଦୁର୍ବୃତ୍ତ ଜଣେ ମହିଳାଙ୍କ ଗଳା କାଟି ଜଙ୍ଗଲ ରାସ୍ତା ପାଶ୍ୱର୍ରେ ଫିଙ୍ଗି ଦେଇଥିବା ଜଣା ପଡିଛି । ଏ ନେଇ ବାଣିଗୋଛା ଥାନା ପକ୍ଷରୁ ଛାନଭିନ ଆରମ୍ଭ କରାଯାଇଛି । ଆଜି ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମୃତଦେହ ଜବତ କରି ମହିଳାଙ୍କ ପରିଚୟ ଖୋଜୁଛି। ସୂଚନାନୁସାରେ, ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା କୁଜାମେଣ୍ଡି ପଞ୍ଚାୟତ ଗଙ୍ଗାଡିହ ଗାଁ ପାର୍ଶ୍ୱ ଜଙ୍ଗଲୀ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିଲା। ତାଙ୍କ ବେକ କାଟି ଦିଆଯାଇଥିଲା। ତାଙ୍କ ବୟସ ପ୍ରାୟ ୪୫ ବର୍ଷ ହେବ। ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଗାଁ ଲୋକେ ଦେଖି ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ଏନେଇ ଥାନାକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି। ମହିଳାଙ୍କ ପରିଚୟ ଜାଣିବା ପାଇଁ ଆଖପାଖ ଗାଁ ଲୋକଙ୍କୁ ପଚରାଉଚରା କରୁଛି। ହେଲେ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ। ପୁଲିସ୍ ଅପରାହ୍ନରେ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। କିଏ, କାହିଁକି ଓ କେଉଁ ଉଦ୍ଦେଶ୍ୟରେ ମହିଳାଙ୍କୁ ହତ୍ୟା କଲା, ତାହା ଜଣାପଡ଼ି ନାହିଁ। ମହିଳାଙ୍କ ପରିଚୟ ଜଣାପଡୁନଥିବାରୁ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଘଟଣାସ୍ଥଳରେ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

## ମାନସିକ ବିକାରଗସ୍ତ ମହିଳା ଗଣବଳାତ୍କାର ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ

**ସାଲେପୁର, ୧୨।୧୨ (ସଂଚାର ବ୍ୟୁରୋ) :** ରାମେଶ୍ୱର ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗଣଧର୍ଷଣ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ଭୁବନେଶ୍ୱର କ୍ରାଇମ୍‌ବ୍ରାଞ୍ଚ ସି.ଏ.ଡବ୍ଲୁ.ର ଦୁଇଜଣିଆ ଅଧିକାରୀ ରାମେଶ୍ୱର ଅଞ୍ଚଳରେ ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ଏହି ଘଟଣାରେ ସାଲେପୁର ପୁଲିସ କେସ୍ ନଂ-୪୫୪/୨୪ରେ ଏକ ମାମଲା ରୁଜୁ କରି ରାମେଶ୍ୱର ଗ୍ରାମର ଇନ୍ଦ୍ରମଣି ଭୋଇଙ୍କ ପୁତ୍ର ମାନଗୋବିନ୍ଦ ଭୋଇ(୩୦) ଓ ଭ୍ରମରବର ମହାରଣାଙ୍କ ପୁତ୍ର କାଙ୍ଗାଳି ମହାରଣା (୫୮)କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଏଥିରେ ବହୁ ବ୍ୟକ୍ତି ସମ୍ପୃକ୍ତ ଥିବା ନେଇ ଏବେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ରାମେଶ୍ୱର ଅଞ୍ଚଳରେ ପହଞ୍ଚି ଏହି ଦୁଇଜଣିଆ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିବା ସହ ଏହି ଅଞ୍ଚଳର ବିଭିନ୍ନ ଲୋକଙ୍କୁ ପଚରା ଉଚୁରା କରି ଫେରିଯାଇଛନ୍ତି। ପ୍ରକାଶ ଯେ ଗତ ମାସରେ ରାମେଶ୍ୱର ବଜାରରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ କେତେକ ବ୍ୟକ୍ତି ବଜାରରେ ଥିବା ଏକ ଦୋକାନ ବାରଣ୍ଡାରୁ ଟେକିନେଇ ହାଟ ଚାଳିଆରେ ଗଣ ବଳାତ୍କାର କରିଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ସି.ସି.ଟି.ଭି. ଫୁଟେଜକୁ ଆଧାର କରି ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଏବେ ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିବା ସାଲେପୁର ପୁଲିସ ସୂତ୍ରରୁ ଜଣାଯାଇଛି।

## କୃଷି ଯନ୍ତ୍ରପାତି ମେଳାରେ ଯୋଗଦେଲେ ବିଧାୟକ

**ନବରଙ୍ଗପୁର, ୧୨।୧୨ (ସଂଚାର ବ୍ୟୁରୋ):** ପୋଲିସ ପଡିଆରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝୀ ଯୋଗ ଦେଇଥିଲେ। ଅନ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ମୁଖ୍ୟ ପଶୁ ସମ୍ପଦ ଅଧିକାରୀ ରାଧେଶ୍ୟମ ଲାଇକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିସାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି ଭେଙ୍କଟ ରମଣ ରାଓ ମଞ୍ଚରେ ଆସନ ଗ୍ରହଣ କରିଥିଲେ। ସଭାରେ ମୁଖ୍ୟ ଅତିଥି ନବରଙ୍ଗପୁର ଜିଲ୍ଲାରେ କିପରି ଚାଷକୁ ଆହୁରି ଅଧିକ ଲୋକଙ୍କ ପାଖରେ ପହଞ୍ଚାଯାଇ ପାରିବ ତଥା କିପରି ନୂତନ କୃଷି ଯନ୍ତ୍ରପାତିର ବ୍ୟବହାର କରି ଚାଷୀମାନେ ଆହୁରି ଅଧିକ ଲାଭବାନ ହେବେ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନାରେ ନବରଙ୍ଗପୁର ଜିଲ୍ଲାର ୧୦ଜଣ ଚାଷୀଙ୍କୁ ମକା ବିହନ ପ୍ରଦାନ କରାଯାଇଥିଲା। ରାଇସ ଫାଲୋ ମ୍ୟାନେଜମେଣ୍ଟ ଯୋଜନାରେ ୧୦ ଜଣ ଚାଷୀଙ୍କୁ ଚଣା ବିହନ ଦିଆଗଲା ଏବଂ ୨୦ଜଣ ଚାଷୀଙ୍କୁ ମଧ୍ୟ ମୁଗ ବିହନ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ୩ ଜଣ ଚାଷୀ ଝରିଗାଁ ବ୍ଲକ୍ ର ଡଙ୍ଗରିଗୁଡ଼ା ଗ୍ରାମର ଲାଇଖନ ଗଉଡ, ଚନ୍ଦାହାଣ୍ଡି ବ୍ଲକର ରାଜକୋଟ ଗ୍ରାମର ନରେନ୍ଦ୍ର ମାଝୀ, ଡ଼ାବୁଗାଁ ବ୍ଲକର ଗୁରୁନାଥ ଭତ୍ରାଙ୍କୁ ଟ୍ରାକ୍ଟର ପ୍ରଦାନ କରିଥିଲେ। ଏହାପରେ ଚାଷୀ ମାନଙ୍କ ପାଇଁ ତାଲିମ ପାଠଶାଳ ଅନୁଷ୍ଠିତ ହୋଇଥିଲା।





## ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରେ ଆଧୁନିକ ସୁବିଧା ସହିତ ‘ଶୀତତାପ ନିୟନ୍ତ୍ରିତ ପେଡ୍ ଲାଉଞ୍ଜ’ ଉପଲବ୍ଧ

**ଖୋର୍ଦ୍ଧା, ୧୨।୧୨ (ସଂଚାର ବ୍ୟୁରୋ) :** ବର୍ତ୍ତମାନ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନର, ପ୍ଲାଟଫର୍ମ ନଂ ୧ ଆଡକୁ ଥିବା ଷ୍ଟେସନ୍ ବିଲ୍ଡିଂରେ ଯାତ୍ରୀମାନେ, ଆଧୁନିକ ସୁବିଧା ସହିତ "ଶୀତତାପ ନିୟନ୍ତ୍ରିତ ପେଡ୍ ଲାଉଞ୍ଜ" ର ସୁବିଧା ପାଇପାରିବେ। ଏସି ପେଡ୍ ଲାଉଞ୍ଜରେ ନିମ୍ନ ମାତ୍ର ଚାର୍ଜ ଦେବାକୁ ପଡ଼ିବ, ଯଥା ବୟସ୍କ ଲୋକଙ୍କ ପାଇଁ ଘଣ୍ଟା ପ୍ରତି ୧୦ / - ଟଙ୍କା + ୧୮% ଜିଏସଟି, ଏବଂ ୫ ରୁ ୧୨ ବର୍ଷ ବୟସର ପିଲାମାନଙ୍କ ପାଇଁ ଘଣ୍ଟା ପ୍ରତି ୫ / - ଟଙ୍କା ୫ + ୧୮% ଜିଏସଟି। ଏସି ପେଡ୍ ଲାଉଞ୍ଜରେ ସୁସଜ୍ଜିତ ସୋଫା, ଟିଭି, ମୋବାଇଲ୍ ଚାର୍ଜିଂ ପଏଣ୍ଟ, ଟ୍ରେନ୍ ସୂଚନା ବୋର୍ଡ ର ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କର ପସନ୍ଦର ମୂର୍ଦ୍ଦୁ ପାନୀୟର ବ୍ୟବସ୍ଥା ଏହି ଲାଉଞ୍ଜରେ ଉପଲବ୍ଧ। ପୁରୁଷ ଏବଂ ମହିଳାମାନଙ୍କ ପାଇଁ ପୃଥକ ପରିଷ୍କାର ଏବଂ ସ୍ୱଚ୍ଛ ଶୌଚାଳୟ ଉପଲବ୍ଧ କରାଯାଇଛି। ଖୋର୍ଦ୍ଧା ରୋଡ଼ ରୁ ଯାତ୍ରା କରୁଥିବା ଯାତ୍ରୀମାନେ ଏହି ଏସି ପେଡ୍ ଲାଉଞ୍ଜର ସୁବିଧା ପାଇପାରିବେ ଏବଂ ସେମାନଙ୍କ ଟ୍ରେନ୍ ଯାତ୍ରାର ସମୃଦ୍ଧ ଅଭିଜ୍ଞତାକୁ ବଢ଼ାଇ ପାରିବେ।

## ଏନ୍‌କାଉଣ୍ଟର: ୭ ନକ୍ସଲ ସଫା

ମାଲକାନଗିରି, ୧୨।୧୨ (ସଂଚାର ବ୍ୟୁରୋ): ଛତିଶଗଡ଼ରେ ନକ୍ସଲ ଦମନରେ ପୁଲିସକୁ ମିଳିଲା ବଡ଼ ସଫଳତା। ନକ୍ସଲ ପ୍ରଭାବିତ ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ୭ ଜଣ ନକ୍ସଲ ପ୍ରାଣ ହରାଇଛନ୍ତି। ଗୁରୁବାର ସକାଳେ ଦକ୍ଷିଣ ଅବୁଝମାଡ଼ ଜଙ୍ଗଲରେ ପୁଲିସ ଓ ନକ୍ସଲ ମୁହାଁମୁହିଁ ହୋଇଥିଲେ। ସୁରକ୍ଷାବାହିନୀ ଗୁଳିରେ ୭ ଜଣ ନକ୍ସଲ ନିହତ ହୋଇଥିବା ବସ୍ତର ଆଇଜି ପି. ସୁନ୍ଦରାଜ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତ ମାସ ୧୦ ତାରିଖରୁ ନାରାୟଣପୁର, ଦନ୍ତେୱାଡ଼ା, ଜଗଦଲପୁର ଏବଂ କୋଣ୍ଡାଗାଁବ ଜିଲ୍ଲାରୁ ଜିଲ୍ଲା ରିଜର୍ଭ ଫୋର୍ସ, ସ୍ପେଶାଲ୍ ଟାସ୍କ ଫୋର୍ସ ଓ ସିଆର୍‌ପିଏଫ୍‌ର ମିଳିତ ଟିମ୍ ନକ୍ସଲ ବିରୋଧୀ ଅପରେସନ ଆରମ୍ଭ କରିଛି। ଏମାନଙ୍କୁ ଦକ୍ଷିଣ ଅବୁଝମାଡ଼ ଅଞ୍ଚଳ ଭିତରକୁ ପଠାଯାଇଥିଲା। ଏଠାରେ ଶତାଧିକ ନକ୍ସଲ ଲୁଚି ରହିଥିବା ସୂଚନା ମିଳିଥିଲା। ଭୋର ପ୍ରାୟ ୩ଟା ବେଳେ ସୁରକ୍ଷାବାହିନୀ ସର୍ଚ୍ଚ ଅପରେସନ୍ ଚଳାଇଥିବା ବେଳେ ନକ୍ସଲମାନେ ତାଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଥିଲେ। ଏହା ପରେ ସୁରକ୍ଷା ବାହିନୀ ମଧ୍ୟ ଏହାର ମୁହଁତୋଡ ଜବାବ ଦେଇଥିଲେ। ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଦୀର୍ଘ ସମୟ ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ବାହିନୀ ଘଟଣାସ୍ଥଳରୁ ୭ ନକ୍ସଲଙ୍କ ଶବ ଉଦ୍ଧାର କରିଛି। ଏହାସହିତ ବହୁ ଗୁଳିଗୋଳା, ଅତ୍ୟାଧୁନିକ ବନ୍ଧୁକ, ନକ୍ସଲ ପୋଷାକ ଆଦି ଜବତ କରାଯାଇଛି। ଆହୁରି ଅଧିକ ନକ୍ସଲ ମୃତାହତ ହୋଇଥିବା ସନ୍ଦେହ କରାଯାଉଛି ବୋଲି ଆଇଜି କହିଛନ୍ତି।

## ଚେନ୍ ଲୁଟି ଗର୍ଭବତୀଙ୍କୁ ଗୁଳିକଲେ

ସୁନ୍ଦରଗଡ଼,୧୨।୧୨ (ସଂଚାର ବ୍ୟୁରୋ): ବଣାଇ ଟିକାୟତପାଲି ଥାନା ଝିର୍ଡାପାଲିରେ ଜଣେ ଗର୍ଭବତୀଙ୍କଠାରୁ ସୁନା ଚେନ୍ ଲୁଟ୍ ପରେ ଗୁଳିମାରି ହତ୍ୟା କରାଯାଇଛି। ଗତ ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି ଏବଂ ପୁଲିସ ତଦନ୍ତ କରୁଛି। ମୃତ ମହିଳାଙ୍କ ନାଁ ସୀମାମୟୀ ବେହେରା। ତାଙ୍କୁ ପ୍ରାୟ ୩୦ ବର୍ଷ ହୋଇଥିଲା ଓ ସେ ୭ ମାସର ଗର୍ଭବତୀ ଥିଲେ। ସୀମାଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ରାତି ପ୍ରାୟ ୧୨ଟା ୫୦ରେ କେହି ସେମାନଙ୍କ ଘରର କବାଟ ବାଡ଼େଇବାରୁ ସେ କବାଟ ଖୋଲି ଦେଇଥିଲେ।



କବାଟ ଖୋଲିବା ମାତ୍ରେ ୨ ଜଣ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ଚେନ୍ ଟାଣି ନେଇଥିଲେ। ତେଣୁ ସେ ଜୋରରେ ପାଟି କରିଥିଲେ। ଏହା ଦେଖି ଦୁର୍ବୃତ୍ତ ଦ୍ୱୟଙ୍କ ମଧ୍ୟରୁ ଜଣେ ତାଙ୍କ ଉପରକୁ ଗୁଳି କରି ଚଳାଇଥିଲା। ଗୁଳିଟି ସୀମାଙ୍କ ଛାତିର ବାମ ପଟରେ ବାଜିଥିଲା। ପରିବାର ଲୋକେ ତାଙ୍କୁ ବଣାଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ଜଣ ଦୁର୍ବୃତ୍ତଙ୍କୁ ସୀମାଙ୍କ ପରିବାର ଲୋକେ ଦେଖିଥିବା କହୁଥିବା ବେଳେ ପ୍ରକୃତରେ କେତେ ଜଣ ଆସିଥିଲେ ଓ ହତ୍ୟାରେ କାରଣ କ'ଣ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କହିଛନ୍ତି ଟିକାୟତପାଲି ଥାନା ଆଇଆଇସି ଅନାମ ଚରଣ ନାୟକ।

## ଭାଟ୍ ହେରଫେର: ୩ ଗିରଫ

ଜୟପୁର, ୧୨।୧୨ (ସଂଚାର ବ୍ୟୁରୋ): କ୍ଷମତାର ଦୁରୁପଯୋଗ କରି ୨ ଜଣ ବ୍ୟବସାୟୀଙ୍କ ସହ ମିଶି ୪.୦୩ କୋଟି ଟଙ୍କା ଭାଟ୍ ହେରଫେର କରିବା ମହଙ୍ଗା ପଡ଼ିଛି। ଜୟପୁରସ୍ଥିତ ଆସିଷ୍ଟାଣ୍ଟ କର୍ମସିଆଲ ଅଫିସର (ସହାୟକ ବାଣିଜ୍ୟକର ଅଧିକାରୀ) ଅବିନାଶ ପ୍ରଧାନ ଓ ଅନ୍ୟ ୨ଜଣ ସାତ୍ୟକୀ ପଟ୍ଟନାୟକ ଓ ଦୀପ୍ତିକାନ୍ତ ଚୌଧୁରୀଙ୍କୁ ବ୍ୟବସାୟୀଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି । ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱରସ୍ଥିତ ସିଟିଆଣ୍ଡଜିଏସ୍‌ଟି ଅଫିସର ନିଜ କ୍ଷମତାର ଦୁରୁପଯୋଗ କରି ସରକାରୀ ଅର୍ଥ ତୋଷାରପାତ କରିଥିବାର ଅଭିଯୋଗ ହୋଇଥିଲା। ଯାହାର ତଦନ୍ତ କରି ଭିଜିଲାନ୍ସ ଜାଣିବାକୁ ପାଇଛି ଯେ, ସିଟି ଆଣ୍ଡ ଜିଏସଟି ଅଫିସରଙ୍କ ସହ ମିଶି ଦୁଇ ବ୍ୟବସାୟୀ ସାତ୍ୟକୀ ପଟ୍ଟନାୟକ ଓ ଦୀପ୍ତିକାନ୍ତ ଚୌଧୁରୀ ୪କୋଟି ୩ଲକ୍ଷ ୯ହଜାର ୭୨୩ଟଙ୍କା ଚଳୁ କରିଦେଇଛନ୍ତି । ତା'ପୁଣି ଜାଲି ଦସ୍ତାବିଜ ଦାଖଲ କରି । ୨୦୧୧ ଜୁନ ୧ରୁ ୩୦ ତାରିଖ ଓ ୨୦୧୨ ମାର୍ଚ୍ଚ ୧ରୁ ୩୧ତାରିଖ ମଧ୍ୟରେ ଆରେଭା ଟିଆଣ୍ଡଡି କମ୍ପାନୀର ମାଲିକ ବ୍ୟବସାୟୀ ଦୀପ୍ତିକାନ୍ତ ଚୌଧୁରୀ ୧କୋଟି ୨୩ଲକ୍ଷ ଟଙ୍କା ଏବଂ ଅନ୍ୟଜଣେ ବ୍ୟବସାୟୀ ସାତ୍ୟକୀ ପଟ୍ଟନାୟକ(ଅଲଷ୍ଟମ ଟିଆଣ୍ଡଡି କମ୍ପାନୀ ମାଲିକ) ୨୦୧୧ ଏପ୍ରିଲରୁ ୨୦୧୩ ମାର୍ଚ୍ଚ ୩୧ତାରିଖ ମଧ୍ୟରେ ୨କୋଟି ୮୦ଲକ୍ଷ ୯ହଜାର ୭୧୭ଟଙ୍କାର ଭ୍ୟାଟ୍ ସଂକ୍ରାନ୍ତ ଜାଲ ଦସ୍ତାବିଜ ମେସର୍ସ ଜିଇଆଣ୍ଡଟିଡି ଇଣ୍ଡିଆ ଲି଼(ଏବେ ମେସର୍ସ ଜିଇ ଭେରୋନା) ପକ୍ଷରୁ ଦାଖଲ କରିଥିଲେ। ଭିଜିଲାନ୍ସ ଏନେଇ ଗତ ଦୁଇଦିନ ତଳେ ଡିସେମ୍ବର ୧୦ତାରିଖରେ ଏକ ମାମଲା ରୁଜୁ କରି ଏହି ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ଅବିନାଶଙ୍କ ସମେତ ସାତ୍ୟକୀ ଓ ଦୀପ୍ତିକାନ୍ତଙ୍କୁ ଗିରଫ କରିଥିବାବେଳେ ଏହି ମାମଲାରେ ଅନ୍ୟ କେଉଁ ବ୍ୟକ୍ତିମାନେ ସମ୍ପୃକ୍ତ ଅଛନ୍ତି ତା'ର ଖୋଳତାଡ଼ କରୁଛି । ଏହି ୩ଜଣଙ୍କୁ ଗିରଫ କରିଆଜି ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଚାଲାଣ କରାଯାଇଥିଲା। ଅବିନାଶ ଏବେ ଜୟପୁରରେ ସହାୟକ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ।

# ପୂରଣ ହେବ ୫ ହଜାର ପଦବୀ: ବଢ଼ିବ ଭତ୍ତା



ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ପାଇଁ 'ଇମର୍ଜେନ୍ସି ରେସ୍‌ପନ୍ସ ସପୋର୍ଟ ସିଷ୍ଟମ'(ଇଆର୍‌ଏସ୍‌ଏସ) ଯୋଜନାରେ ୩୦ଟି ଜରୁରୀକାଳୀନ ପ୍ରଶମନ ସହାୟତା ଯାନର ଲୋକାର୍ପଣ କରିଛନ୍ତି। ଇଆର୍‌ଏସ୍‌ଏସ୍ କେନ୍ଦ୍ର ସରକାରଙ୍କ ଯୋଜନା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୯ ମସିହାରେ ଜରୁରୀକାଳୀନ ପରିସ୍ଥିତିରେ ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଯୋଜନା ଆରମ୍ଭ କରିଥିଲେ। ପୋଲିସ କମିଶନରେଟ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ୩୦ଟି ନୂଆ ଯାନ ପୋଲିସଙ୍କ କାର୍ଯ୍ୟ ଦକ୍ଷତାକୁ ସୁଦୃଢ଼ କରିବ। ଏଗୁଡିକ ହେଉଛି ଗୋଟିଏ ଗୋଟିଏ ସୁରକ୍ଷା ରଥ। ଏହି ଗାଡିଗୁଡିକ ଯେତିକି ଗଡ଼ିବ ଲୋକମାନେ ସେତିକି ନ୍ୟାୟ ପାଇବେ ଓ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ। ପୋଲିସ ବାହିନୀକୁ ଆହୁରି ସଶକ୍ତ କରିବା ପାଇଁ ଗୃହ ବିଭାଗରେ ପ୍ରାୟ ୧୦ ହଜାର ପଦବୀ ଖୁବ୍ ଶୀଘ୍ର ପୂରଣ କରାଯିବ। ୨୦୨୦ ଠାରୁ ଗୃହରକ୍ଷୀ ନିଯୁକ୍ତି ଉପରେ ଯେଉଁ କଟକଣା ଲଗା ଯାଇଥିଲା ତାହାକୁ ଉଠାଇ ଦିଆଯାଇଛି। ଖୁବଶୀଘ୍ର ଖାଲିଥିବା ୨୪୧୬ଟି ପଦବୀ ସହିତ ୨୫୮୪ଟି ନୂତନ ପଦବୀ ସୃଷ୍ଟି କରାଯିବ। ସମୁଦାୟ ୫ ହଜାର ଗୃହରକ୍ଷୀ ପଦବୀ ପୂରଣ କରାଯିବ ଓ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ବୃଦ୍ଧି ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ୩୦ ଯାନ ମଧ୍ୟରୁ ଭୁବନେଶ୍ୱର ପାଇଁ ୨୨ଟି ଏବଂ କଟକରେ ୮ଟି ଗାଡି କାର୍ଯ୍ୟ କରିବ। ଅଚଳ ହୋଇଥିବା ଗାଡି ବଦଳରେ ନୂତନ ଯାନ ମଧ୍ୟ କାର୍ଯ୍ୟ କରିବ। ଆଗାମୀ ଦିନରେ ପାଟ୍ରୋଲିଂ, ଅପରାଧୀ ଏବଂ ପୀଡିତଙ୍କ ପାଖରେ ତୁରନ୍ତ ପହଞ୍ଚିବା ପାଇଁ ପୋଲିସକୁ ହାଇ ସ୍ପିଡ ଗାଡି ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ସ୍ୱାଗତ ଭାଷଣ ଦେଇ କହିଥିଲେ, ବାତ୍ୟା ଦାନା ସମୟରେ ଏହି ଯାନଗୁଡିକ ଲୋକମାନଙ୍କୁ ପ୍ରଶଂସନୀୟ ସେବା ଯୋଗାଇ ଦେଇଛି। ଭୁବନେଶ୍ୱର-କଟକ ଜନସାଧାରଣଙ୍କୁ ଉପଯୁକ୍ତ ଓ ତ୍ୱରିତ ସେବା ଯୋଗାଇଦେବ ବୋଲି ସେ କହିଥିଲେ। ଏହି ଅବସରରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଦୟାଳ ଗଙ୍ଗୱାର ଉପସ୍ଥିତ ଥିଲେ। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଶିକ୍ଷାନୀତିର ରୂପକାରଙ୍କୁ ପ୍ରଶଂସା

- ଧର୍ମେନ୍ଦ୍ରଙ୍କୁ ଅଭିନନ୍ଦନ ଜଣାଇଲେ ଅମର
- ଚଣ୍ଡିଖୋଲରେ ଜାତୀୟ ଶିକ୍ଷାନୁଷ୍ଠାନ ପାଇଁ ଅନୁରୋଧ



ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷା ନୀତିର ସଫଳ ରୂପକାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶଂସାରେ ପୋତିଛନ୍ତି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ । ଓଡିଶାକୁ ଆଠ ଆଠଟି କେନ୍ଦ୍ରୀୟ ବିଦ୍ୟାଳୟ ମଞ୍ଜୁରୀ ପାଇଁ ଧର୍ମେନ୍ଦ୍ରଙ୍କ ପ୍ରଶଂସାରେ ଅମର ଶତମୁଖ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବରେ ଧର୍ମେନ୍ଦ୍ର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଦେଶର ଶିକ୍ଷା ବ୍ୟବସ୍ଥାରେ ବଡ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି । ଦେଶର ବିକାଶ ପାଇଁ ଶିକ୍ଷା ଏକ ମାଧ୍ୟମ ହୋଇଥିବା ବେଳେ ଜାତୀୟ ଶିକ୍ଷା ନୀତି ଏଦିଗରେ ଏକ ବଡ ଉପଲବ୍ଧି ହେବ ବୋଲି ସେ କହିଛନ୍ତି। ଏଥିସହିତ ଦେଶରେ ୮୫ଟି ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୮ଟି ନବୋଦ୍ୟ ବିଦ୍ୟାଳୟ ସ୍ଥାପନ କରାଯାଉଥିବାରୁ ସେ ଧର୍ମେନ୍ଦ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କାରଣ ଏହି କ୍ରମରେ ଓଡିଶାରେ ମଧ୍ୟ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହୋଇପାରିବ। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ଲେଖିଥିବା ପତ୍ରରେ ଶ୍ରୀ ଶତପଥୀ ଉଲ୍ଲେଖ କରିଛନ୍ତି ଯାଜପୁର ଜିଲ୍ଲାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟଟି ବଡଚଣା ନିର୍ବାଚନମଣ୍ଡଳୀ ଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ରହିଛି । ଦୂରତା ଦୃଷ୍ଟିରୁ ବଡଚଣାର ନିର୍ବାଚନମଣ୍ଡଳୀର ପିଲାମାନେ କେନ୍ଦ୍ରୀୟ ବିଦ୍ୟାଳୟରେ ପଢିବାକୁ ସକ୍ଷମ ହେଉନାହାନ୍ତି। ତେଣୁ ଚଣ୍ଡିଖୋଲ ଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସେ ଧର୍ମେନ୍ଦ୍ରଙ୍କୁ ଅନୁରୋଧ କରିଛନ୍ତି ।

## ଖୁବ୍‌ଶୀଘ୍ର ମହାପ୍ରସାଦ ଦର ନିୟନ୍ତ୍ରଣ





ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ଖୁବଶୀଘ୍ର ଶ୍ରୀମନ୍ଦିର ମହାପ୍ରସାଦର ଦର ନିୟନ୍ତ୍ରଣ କରାଯିବ। ରେଟ୍ ଚାର୍ଟ କଥା ପୂର୍ବରୁ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏବେ ଶୁଦ୍ଧ ଘିଅ ବ୍ୟବହାର ପାଇଁ କୁହାଯିବା ପରେ ଯେଉଁ ଯେଉଁ ସମସ୍ୟା ହୋଇଛି, କିଭଳି ସେଥିରେ ସମତୁଲତା ଆସିବ ଓ ମହାପ୍ରସାଦ ଦର ଠିକ୍ ଠାକ୍ ରହିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ। ଦର ଠିକ୍ ରହିଲେ ଭକ୍ତଙ୍କ ପାଇଁ ମହାପ୍ରସାଦ କିଣିବା ଓ ପାଇବା ସମସ୍ୟା ହେବନି। ସେ ବାବଦରେ ଗମ୍ଭୀରତାର ସହ ଚିନ୍ତା କରାଯାଉଛି ଓ ଖୁବ ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ବିଜେପି ଚାହିଁଲେ ବିଜେଡିକୁ ଖଣ୍ଡଖଣ୍ଡ କରିଦେବ

ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ଭଗବାନ କରନ୍ତୁ ତାଙ୍କ ପାଖରେ ଲୋକ ରୁହନ୍ତୁ। ଦଳଟା ଭାଙ୍ଗିଗଲେ ଦୁଃଖ ଲାଗିବ। ଦଳ ଟା ଥାଉ, ଦୀର୍ଘଜୀବୀ ହୁଅନ୍ତୁ ଏବଂ ଅପମାନିତ ହୁଅନ୍ତୁ ବୋଲି ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି। ସେ କହିଛନ୍ତି, ଶତ୍ରୁକୁ ମାରିବାକୁ ଚାହେଁନି। ଜୀବନରେ ମିତ୍ରର ଯେତିକି ଆବଶ୍ୟକତା ଶତ୍ରୁର ସେତିକି ଆବଶ୍ୟକତା ଅଛି। ବିଜେପି ଚାହୁଁନି ବିଜେଡି ଭାଙ୍ଗୁ। ଆମର ଲକ୍ଷ୍ୟ ନୁହେଁ ବିଜେଡିକୁ ଶୂନ୍ କରିବା। ସେମାନେ ଯଦି ଆସିବାକୁ ଚାହିଁବେ ତେବେ ସ୍ୱାଗତ। ଆମର ରାଜ୍ୟସଭାରେ ଆବଶ୍ୟକତା ଅଛି। ବିଜେପି ଯୋଉଦିନ ହୁଇସିଲ ଫୁଙ୍କିବ ସେଦିନ ବିଜେଡି ଗୁଣ୍ଡ ଗୁଣ୍ଡ ହୋଇଯିବ। ଯୋଉଦିନ ଚାହିଁବ ବିଜେଡିକୁ ଖଣ୍ଡ ଖଣ୍ଡ କରିଦେବ। ଗୋଟିଏ ଲୋକ ରହିବେନି। ନବୀନ ପଟନାୟକ ମଧ୍ୟ ପଳେଇ ଆସିବେ। ସେ କଣ କରିବେ ଯଦି ସବୁ ଲୋକ ପଳେଇ ଆସିବେ, ସେ ବି ପଳେଇ ଆସିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସେହିପରି ବିଜେପି ବିଧାୟକ ଅଶୋକ ମହାନ୍ତି କହିଛନ୍ତି, ବିଜେଡି ଭାଙ୍ଗିବାକୁ ଯାଉଛି। ତାଙ୍କର ବଡ଼ ନେତାମାନେ ବିଜେପିରେ ମିଶିବେ। ଏହି ଧାରା ଅବ୍ୟାହତ ରହିବ। ଆହୁରି ଅଧିକ ଲୋକ ବିଜେପିରେ ମିଶିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଯେଉଁମାନେ ମିଶିବେ

## ନୂଆବର୍ଷରେ ବଦଳିବେ ରାଜ୍ୟ ବିଜେପି ମୁଖିଆ !

ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ନୂଆବର୍ଷରେ ରାଜ୍ୟ ବିଜେପି ମୁଖିଆ ବଦଳିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଜାନୁଆରୀରେ ରାଜ୍ୟ ବିଜେପିର ନୂଆ ସଭାପତି ନିର୍ବାଚନ କରାଯିବ। ଆମର ଗଣତାନ୍ତ୍ରିକ ଦଳ। ଗଣତାନ୍ତ୍ରିକ ଉପାୟରେ ସଭାପତି ନିର୍ବାଚନ ହେବ। ଇତିମଧ୍ୟରେ ସାଂଗଠନିକ ନିର୍ବାଚନ ଆରମ୍ଭ ହୋଇଛି। ମଣ୍ଡଳ ନିର୍ବାଚନ ଚାଲିଛି। ଏହାପରେ ଜିଲ୍ଲା ସଭାପତି ନିର୍ବାଚନ ଓ ତା'ପରେ ରାଜ୍ୟ ସଭାପତି ବଛାଯିବ। ଆଗାମୀ ମାସରେ ନୂଆ ରାଜ୍ୟ ସଭାପତି ବଛାଯିବେ। ଏହାସହ ବିଜେଡିର ବହୁ ସାଂସଦ ଓ ବିଧାୟକ ବିଜେପି ଯୋଗାଯୋଗରେ ଅଛନ୍ତି ବୋଲି ତୋମାର କହିଛନ୍ତି। ରାଜ୍ୟ ବିଜେପି ମୁଖିଆ ଭାବେ ମନମୋହନ ସାମଲଙ୍କୁ ୨୦୨୩ ମସିହାରେ ଚୟନ କରାଯାଇଥିଲା। ତାଙ୍କର ବଳିଷ୍ଠ ନେତୃତ୍ୱ ଓ ରଣନୀତିରେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପିକୁ ରାଜ୍ୟରେ ଜବରଦସ୍ତ ଫଳାଫଳ ମିଳିଥିଲା। ୨୪ ବର୍ଷ ଧରି ଲଗାତାର ଭାବେ ଶାସନ କ୍ଷମତାରେ ଥିବା ବିଜେଡି ଗାଦିଚ୍ୟୁତ ହୋଇଥିଲା। ବିଜେପି ରାଜ୍ୟରେ ଏକାକୀ ଶାସନ କ୍ଷମତାରେ ରହିଛି।

## ୪ ସାଇବର ଅପରାଧୀ ଧରାପଡ଼ିଲେ

ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ସୁନ୍ଦରପଦା ସ୍ଥିତ ଏକ ଆପାର୍ଟମେଣ୍ଟରୁ ୪ ସାଇବର ଅପରାଧୀଙ୍କୁ ଏୟାରପୋର୍ଟ ପୁଲିସ ଗିରଫ କରିଛି। ସେମାନଙ୍କଠାରୁ ମୋବାଇଲ୍, ଲାପ୍‌ଟପ୍, ସିମ୍‌କାର୍ଡ, ପାସ୍‌ପୋର୍ଟ ଓ ଅନ୍ୟାନ୍ୟ ସରଞ୍ଜାମ ଜବତ ହୋଇଛି। ଏହି ଆପାର୍ଟମେଣ୍ଟର ଷଷ୍ଠ ମହଲାର ୬୦୨ ନମ୍ବର ରୁମ୍‌ରେ ୩/୪ ମାସ ହେଲା ରହୁଥିଲେ ବିହାରର ଏହି ୪ ଯୁବକ। ଦୀର୍ଘ ସମୟ ଧରି ସେମାନେ ବେଆଇନ୍ ଭାବେ ଅନ୍‌ଲାଇନ୍ ବେଟିଂ କାରବାର କରୁଥିଲେ। ହ୍ୱାଟ୍ସଆପ୍‌ରେ ଲିଙ୍କ ପଠାଇ ଲୋକଙ୍କ ଆକାଉଣ୍ଟ ଖୋଲ କରିଦେଉଥିଲେ। ଖବର ପାଇ ଗୁରୁବାର ଅପରାହ୍ଣରେ ଏୟାରଫିଲ୍ଡ ଥାନା ପୁଲିସ ଅଚାନକ ଆପାର୍ଟମେଣ୍ଟରେ ଚଢ଼ଉ କରି ସେମାନଙ୍କୁ ଧରିଥିଲା।

# ଅଫିସରଙ୍କ ତ୍ରୁଟି ପାଇଁ ସାଧାରଣ ଲୋକେ ଦଣ୍ଡ ନ ଭୋଗନ୍ତୁ



ଭୁବନେଶ୍ୱର,୧୨।୧୨ (ସଂଚାର ବ୍ୟୁରୋ): ପଦସ୍ଥ ଅଧିକାରୀଙ୍କ ବିଳମ୍ବ ଓ ତ୍ରୁଟି ପାଇଁ ସାଧାରଣ ଲୋକେ ଦଣ୍ଡ ଭୋଗିବା ଅନୁଚିତ୍। ଏଭଳି ମତବ୍ୟକ୍ତ କରିବା ସହିତ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ପୁରୁଣା ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍ ଆଧାରରେ ଚାକିରିରୁ ବଞ୍ଚିତ ଆବେଦନକାରୀଙ୍କ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ବ୍ଲକରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନେତ୍ର ଉତ୍ସବ ମହାନ୍ତିଙ୍କର ୨୦୧୬ ଜୁନ୍‌ରେ ପରଲୋକ ହୋଇଥିଲା। ତାଙ୍କ ପୁଅ ରବୀନ୍ଦ୍ର କୁମାର ମହାନ୍ତି ପରିବାରର ଅନ୍ୟ ସଦସ୍ୟମାନଙ୍କ ସହମତିରେ ଅନୁକମ୍ପାମୂଳକ ନିଯୁକ୍ତି ଲାଗି ଆବେଦନ କରିଥିଲେ। ବୁଗୁଡ଼ା ବିଡିଓ ସେହି ବର୍ଷ ଅକ୍ଟୋବରରେ ଆବେଦନକୁ ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇଥିଲେ। ତେବେ ଜିଲ୍ଲାପାଳଙ୍କ ଦପ୍ତର ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଫଳରେ ୨୦୧୮ ଏପ୍ରିଲରେ ବସିଥିବା ଜିଲ୍ଲାସ୍ତରୀୟ କମିଟି ନିକଟକୁ ଏହି ଆବେଦନ ବିଚାର ପାଇଁ ଆସିପାରି ନ ଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ୧୯୯୦ର ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍ ବଦଳରେ ୨୦୨୦ରେ ଅନ୍ୟ ଏକ ନୂଆ ଆଇନ୍ ଆଣିଥିଲେ।

ନିଯୁକ୍ତି ନ ମିଳିବାରୁ ରବୀନ୍ଦ୍ର କୁମାର ୨୦୨୧ରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଶୁଣାଣି କରି ୬ସପ୍ତାହ ମଧ୍ୟରେ ଆବେଦନ ଉପରେ ନିଷ୍ପତ୍ତି ନେବା ପାଇଁ ୨୦୨୧ ଜାନୁଆରୀରେ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ଗଞ୍ଜାମ ଜିଲ୍ଲା ପ୍ରଶାସନ ନିରବ ରହିବାରୁ ଆବେଦନକାରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିବା ପରେ ୨୦୨୩ ଏପ୍ରିଲରେ ଜିଲ୍ଲା ପ୍ରଶାସନ ଅନୁକମ୍ପାମୂଳକ ଆବେଦନକୁ ୨୦୨୦ର ନୂଆ ଆଇନ୍ ଆଧାରରେ ଖାରଜ କରିଦେଇଥିଲେ। ଏ ପରିପ୍ରେକ୍ଷୀରେ ଆବେଦନକାରୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ବିଚାରପତି ଜଷ୍ଟିସ ଏମ୍‌ଏସ୍ ରମଣ ମାମଲାର ବିସ୍ତୃତ ଶୁଣାଣି କରି ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ବହୁ ମାମଲାର ନଜିର ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ କରିଛନ୍ତି। କର୍ମଚାରୀଙ୍କ ମୃତ୍ୟୁ ବେଳକୁ ୧୯୯୦ର ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍ ବଳବତ୍ତର ଥିଲା ଏବଂ ଏହି ଆଇନ୍ ଆଧାରରେ ନିଯୁକ୍ତି ଲାଗି ଆବେଦନକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରାଯାଇଥିଲେ ଅନୁକମ୍ପାମୂଳକ ନିଯୁକ୍ତି ଦେବା ଲାଗି ୨୦୧୮ ମସିହାରେ ଯେଉଁ କମିଟି ବୈଠକ ବସିଥିଲା ସେଥିରେ ତାଙ୍କ କଥା ବିଚାର ହୋଇପାରିଥାନ୍ତା। କିନ୍ତୁ କର୍ତ୍ତୃପକ୍ଷଙ୍କ ବିଳମ୍ବିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ତାହା ହୋଇପାରି ନ ଥିଲା। ଏ ପରିପ୍ରେକ୍ଷୀରେ ୨୦୨୦ ମସିହାରେ ଆସିଥିବା ନୂଆ ଆଇନ୍ ଆଧାରରେ ଆବେଦନକାରୀଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଆବେଦନକାରୀଙ୍କ ପକ୍ଷରୁ ଅନ୍ୟତମ ଓକିଲ ପ୍ରହଲାଦ କୁମାର ସିଂହ ଓ ଅମୀୟ କୁମାର ଛାଟୋଇ ମଳୟାନନ୍ଦ ସେଠୀ ମାମଲାରେ ସୁପ୍ରିମକୋର୍ଟ ନେଇଥିବା ନିଷ୍ପତ୍ତି ଆଧାରରେ ଆବେଦନକାରୀଙ୍କୁ ବଞ୍ଚିତ କରିବା ସମ୍ବିଧାନ ପ୍ରଦତ୍ତ ସମାନତା ଅଧିକାରର ଉଲ୍ଲଂଘନ ହେବ ବୋଲି ଯୁକ୍ତି ବାଢ଼ିଥିଲେ। ହାଇକୋର୍ଟ ତାଙ୍କ ରାୟରେ ୪ ସପ୍ତାହ ମଧ୍ୟରେ ଏ ସଂକ୍ରାନ୍ତରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁକମ୍ପାମୂଳକ ନିଯୁକ୍ତିରୁ ବଞ୍ଚିତ ଅନେକ ପ୍ରାର୍ଥୀଙ୍କ ପାଇଁ ହାଇକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଆଶାର ଆଲୋକ ଦେଖାଇଛି।

# ଧାନ ସଂଗ୍ରହ ତ୍ୱରାନ୍ୱିତ କର

- ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହେବେ
- ମଣ୍ଡିରେ ଖାଦ୍ୟ, ପାଣି ଓ ଟଏଲେଟ୍ ବ୍ୟବସ୍ଥା
- ଦଲାଲଙ୍କ ଉପରେ ତୀକ୍ଷ୍ଣ ନଜର ରଖ

ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ବିଜେପି ସରକାର ଗଠନର ଛଅ ମାସ ପୂରଣ ହେଉଛି। ଏହି ଅବସରରେ ସାଧାରଣ ଲୋକଙ୍କ ସରକାର, ଚାଷୀଭାଇଙ୍କ ସରକାର ଏକ ପ୍ରମୁଖ କାର୍ଯ୍ୟକ୍ରମ- ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତାରେ ଧାନ ସଂଗ୍ରହର ସମୀକ୍ଷା କରିଛନ୍ତି। ଗୁରୁବାର ଲୋକସେବା ଭବନରେ ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୬ ମାସ ମଧ୍ୟରେ ଅନେକ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା, ପିଏମ୍ କିଷାନ ଓ ସିଏମ୍ କିଷାନ ସହିତ ୮୦୦ ଟଙ୍କା ଇନ୍‌ପୁଟ ସହାୟତାରେ ଧାନ କିଣା ଚାଷୀଙ୍କୁ ସଶକ୍ତୀକରଣର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହୋଇପାରିବେ। ଧାନ ସଂଗ୍ରହକୁ ସମ୍ପୂର୍ଣ୍ଣ ଦକ୍ଷତାର ସହିତ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବା ଉଚିତ୍ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଲୋଚନାରୁ ଜଣାଯାଇଛି, ଡିସେମ୍ବର ୧୧ ସୁଦ୍ଧା ବରଗଡ଼, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟ ଆଦି ୯ଟି ଜିଲ୍ଲାରେ ୩୭, ୦୭୯ ଜଣ ଚାଷୀ ୧, ୮୧, ୧୯୬ ମେଟ୍ରିକଟନ୍ ଧାନ ବିକ୍ରି କରିଛନ୍ତି। ଏହି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟଭାବେ ୩୨୩.୭୩ କୋଟି ଓ ଇନ୍‌ପୁଟ୍ ସହାୟତା ଭାବେ ୧୧୨.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଉ ୪୮ ଘଣ୍ଟା ମଧ୍ୟରେ ୯୩ କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୩୨.୩୫ କୋଟି ଟଙ୍କା ଇନ୍‌ପୁଟ ସହାୟତା ପ୍ରଦାନ କରାଯିବ। ସମୀକ୍ଷାରେ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇଥିବା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ସହିତ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସୋସାଇଟିସ୍ତରୀୟ ଧାନ କିଣା କମିଟି ଗୁଡ଼ିକୁ ଆହୁରି ସକ୍ରିୟ କରିବା ପାଇଁ କହିଥିଲେ। ଚାଷୀମାନଙ୍କୁ ଅଧିକ ସଚେତନ କରିବା ଓ ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। କଳାହାଣ୍ଡି ଜିଲ୍ଲାରେ ଚାଷୀଙ୍କ ପାଇଁ ମଣ୍ଡି ନିକଟରେ କ୍ୟାଣ୍ଟିନ୍, ପାନୀୟ ଜଳ ଓ ଟଏଲେଟ୍‌ର ବ୍ୟବସ୍ଥା କରିଛନ୍ତି। ଅନ୍ୟ ଜିଲ୍ଲାମାନେ ମଧ୍ୟ ସେହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଆବଶ୍ୟକ। ବରଗଡ଼ରେ ମଣ୍ଡିରେ ଧାନ ସଂଗ୍ରହର ସୁନ୍ଦର ମନିଟରିଂ ବ୍ୟବସ୍ଥା କରାଯାଇଛି। କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ୍‌କୁ ଧାନକିଣାର ଲାଇଭ ଫିଡ୍ ମଧ୍ୟ ଆସୁଛି। ଏପରି ବ୍ୟବସ୍ଥା ସମସ୍ତ ଜିଲ୍ଲା ଭଲ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଚାଷୀଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଥିଲେ ଯେ ସବୁ ଜିଲ୍ଲାରେ ମଣ୍ଡିରେ ନୋଡାଲ୍ ଅଫିସର ଓ ମଣ୍ଡି ସୁପରଭାଇଜର ଅଛନ୍ତି। ସେମାନେ ଯେପରି ଚାଷୀଙ୍କର ଯଦି କିଛି ଅଭିଯୋଗ ଥାଏ, ତାକୁ ଶୁଣାଣି କରି ସମାଧାନ କରିବେ। ଦଲାଲମାନେ ଯେପରି କୌଣସି ପରିସ୍ଥିତିରେ ଚାଷୀଙ୍କ ଫାଇଦା ନ ଉଠାଇ ପାରିବେ, ସେଥିପାଇଁ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସରକାରଙ୍କୁ କାଠଗଡ଼ାରେ ଠିଆ କଲେ ଅରୁଣ

ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଆଲୋଚନା ନ ହେବାରୁ ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ ସାହୁ। ସେ କହିଛନ୍ତି, ଯାହା ତର୍ଜମା କରି ଜାଣିବାକୁ ପାଇଲୁ ଯେ ରାଜ୍ୟପାଳ ଅତ୍ୟନ୍ତ ଅସନ୍ତୋଷ ଓ କ୍ଷୁବ୍ଧ ଅଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରିଛନ୍ତି। କାରଣ କୁଳାଧିପତି ଭାବେ ତାଙ୍କ କ୍ଷମତା କାଟି ଦିଆଯାଇଛି। କୁଳାଧିପତି ଓ ରାଜ୍ୟ ସରକାରଙ୍କ ଭିତରେ ଚାଲିଥିବା ବିବାଦ ଯୋଗୁଁ ଏହି ବିଲ ଆସି ପାରିଲା ନାହିଁ। ଯେଉଁଥିପାଇଁ ୧୬ କାର୍ଯ୍ୟ ଦିବସ ପୂର୍ବରୁ ତରବରିଆ ଭାବେ ବିଧାନସଭା ବନ୍ଦ କରି ଦେଲେ। ଅରୁଣ ସାହୁ କହିଛନ୍ତି, ସେହି ବିଜେପି ନେତା ଯେଉଁମାନେ ଗତ ଥର ବିରୋଧୀ ଦଳରେ ଥିଲେ ଓ କିଛି ହାତ ଗଣତି ବୁଦ୍ଧିଜୀବୀ ଯେଉଁମାନେ ବିଜେପିର ହତବାରିସି ସାଜି ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ ୨୦୨୦କୁ ବିରୋଧ କରିଥିଲେ, ଚିଲାଉଥିଲେ ସେହି ସରକାର ବିଶ୍ୱବିଦ୍ୟାଳୟର ସ୍ୱୟଂଶାସନ କ୍ଷମତାକୁ କ୍ଷୁଣ୍ଣ କରୁଛନ୍ତି। ଯଦି ଏହି ବିଲ ତୁରନ୍ତ ନ ଆଣନ୍ତି, ବ୍ୟାପକ ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ମରୁଡି ପଡ଼ିବ।

- ଅଧାରୁ ବିଧାନସଭା ବନ୍ଦ ବିବାଦ

## ସରକାରରେ ସାମଞ୍ଜସ୍ୟ ନାହିଁ





ଭୁବନେଶ୍ୱର, ୧୨।୧୨ (ସଂଚାର ବ୍ୟୁରୋ): ବିଧାନସଭା ଆଗୁଆ ସରିବାକୁ ନେଇ ମୋହନ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଛନ୍ତି, 'କହି ଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ପରକୁ'। ବିରୋଧୀ ଦଳରେ ଥିବା ବେଳେ ବିଜେପି ନେତାମାନେ ବହୁ କିଛି କହୁଥିଲେ। ଏବେ କ'ଣ କରୁଛନ୍ତ? ୬ ମାସରେ ଗୁରୁତରର ରୋଗରେ ପୀଡିତ ହୋଇଛନ୍ତି ସରକାର। ତେଣୁ ବିଧାନସଭାକୁ ୧୬ ଦିନ ଆଗରୁ ବନ୍ଦ କରିଦେଇଛନ୍ତି। ବିଧେୟକ ଆଗତ କଲେ, କିନ୍ତୁ ଆଲୋଚନାକୁ ଆଣିଲେ ନାହିଁ କି ପାରିତ କଲେନି। ଆଜି, କାଲି, ଆସନ୍ତାକାଲି ବିଲ ଆସିବ କହିଲେ, ବିଲ ଆସିଲା ନାହିଁ। ସରକାରରେ ସାମଞ୍ଜସ୍ୟ ନାହିଁ। ରାଜ୍ୟପାଳଙ୍କ ପାଖରେ ବିଲ ଅଟକିଥିବା କୁହାଯାଉଛି। ଏହାର ଅର୍ଥ ସରକାର-ରାଜ୍ୟପାଳଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ଯୋଗାଯୋଗ କିମ୍ବା ବୁଝାମଣାରେ ବାଧକ ରହୁଥିବା ଲାଗୁଛି। ସାମ୍ବିଧାନିକ ଅବ୍ୟବସ୍ଥା ଆଡକୁ ରାଜ୍ୟ ଗତି କଲା ପରି ଲାଗୁଛି। ଏହା ସୁସ୍ଥ ପରମ୍ପରାର ଲକ୍ଷଣ ନୁହେଁ। ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସରକାର ଚଳେଇବା ଭଳି ଲାଗୁନି। ଡର କହିବି ନାହିଁ, ଗଣତାନ୍ତ୍ରିକ ପରମ୍ପରାର ଏହା ବ୍ୟତିକ୍ରମ କହିବି।

### ଅଭିଯୋଗ ଅପ୍ରାସଙ୍ଗିକ

ପ୍ରସନ ଆଚାର୍ଯ୍ୟଙ୍କର ଅଭିଯୋଗର ଜବାବ ରଖିଲେ ବିଜେପି ବିଧାୟକ ଅଶୋକ ମହାନ୍ତି। ପ୍ରସନ ଆଚାର୍ଯ୍ୟ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଅସ୍ୱଆଙ୍ଗିକ। ସରକାର ଭିତରେ ସାମଞ୍ଜସ୍ୟ ରହିଛି, ରାଜ୍ୟପାଳଙ୍କ ସହିତ ତାଳମେଳ ଅଛି। ବିଧାନସଭାରେ କୌଣସି ବିଜିନେସ ନ ଥିବାରୁ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଏବଂ ବିରୋଧୀ ଦଳ ନେତା ଆଲୋଚନ କରି ଗୃହକୁ ବନ୍ଦ କରିଛନ୍ତି। ଯେଉଁ ବିଲ କଥା କହୁଛନ୍ତି ତାହା ଆଗାମୀ ଅଧିବେଶନରେ ଆସିପାରିବ ବୋଲି କହିଛନ୍ତି ଅଶୋକ ମହାନ୍ତି।

**ଯାଜପୁର ତୋଗଲକଙ୍କୁ ଠାଏ**

# ପୁରୁଣା ସ୍ଥାନକୁ ଫେରିବ ବିରଜା ହାଟ



- ରବିବାରରୁ ଚାଲିବ ବ୍ୟବସାୟ
- ଖୁବଶୀଘ୍ର ମଡେଲ ହାଟ

ଯାଜପୁର,୧୨।୧୨(ସଂଚାର ବ୍ୟୁରୋ): କିଛିଦିନ ଧରି ବିରଜା ହାଟ ଓ ବିରଜା ପ୍ରକଳ୍ପକୁ ନେଇ ଲାଗିଥିବା ଦ୍ୱନ୍ଦରେ ଦୂର ହୋଇଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ ଓ ୨୫୦ ବର୍ଷର ବିରଜା ହାଟ ବିବାଦକୁ ନେଇ ଭିନ୍ନଭିନ୍ନ ଗୋଷ୍ଠୀ ମୁହାଁମୁହିଁ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟାୟ କ୍ରମେ ବୈଠକ କରାଯାଇ ବିବାଦ ସମାଧାନର ବାଟ ବାହାରିଛି। ଆସନ୍ତା ରବିବାର ଠାରୁ ପୁରୁଣା ସ୍ଥାନରେ ହାଟ ହେବା ସହ ବିରଜାଙ୍କ ପ୍ରକଳ୍ପ ମଧ୍ୟ ତ୍ୱରିତ ଭାବେ କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଛି।

ମା' ବିରଜାଙ୍କ ମନ୍ଦିର ଉନ୍ନତି ପାଇଁ ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ତତ୍‌କାଳୀନ ସରକାର ରୂପରେଖ ପ୍ରସ୍ତୁତ କରିବା ସହ ଅର୍ଥ ବରାଦ କରିଥିଲେ। ଏହି ସମୟରେ ଅଧିକ ଜମିର ଆବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ପ୍ରକାର ଚାପରେ ମନ୍ଦିର ସଂଲଗ୍ନ ୨୫୦ ବର୍ଷର ବିରଜା ଅଗ୍ନେଶ୍ୱର ହାଟକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ଭଲ ବ୍ୟବସାୟ ନ ହେବାରୁ ଅନେକ ବ୍ୟବସାୟୀ ବୃତ୍ତି ଛାଡି ଦେଇଥିଲେ। ଏହାରି ଭିତରେ ସରକାର ବଦଳିବା ସହିତ ଚାଷୀ ଓ ବ୍ୟବସାୟୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ହାଟ ନିଜର ପୁରାତନ ଜାଗାକୁ ଫେରି ଆସୁ ବୋଲି ବିଭିନ୍ନ ମହଲରେ ଦାବି ହେଉଥିଲା। ଏହାକୁ ନେଇ ହାଟ ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁମୁହିଁ ହୋଇଥିଲେ। ଜିଲ୍ଲା ପ୍ରଶାସନ ଦାୟିତ୍ୱ ନେଇ ବିବାଦର ସମାଧାନ କରିବା ସହ ଉଭୟ ପ୍ରକଳ୍ପ ପାଇଁ ବାଟ ଫିଟାଇଛି। ପୂର୍ବରୁ ସେବାୟତ, ବୁଦ୍ଧିଜୀବୀ, ହାଟ ବ୍ୟବସାୟୀ, ଉଠାଦୋକାନୀମାନଙ୍କୁ ନେଇ ପ୍ରଥମ ବୈଠକ କରାଯାଇଥିବା ସତ୍ତ୍ୱେ ନିଷ୍ପତ୍ତି ଚୂଡାନ୍ତ ହୋଇପାରି ନ ଥିଲା। ଆଜି ଦ୍ୱିତୀୟ ବୈଠକରେ ଜିଲ୍ଲାପାଳ ସବୁ ଦିଗକୁ ଅନୁଧ୍ୟାନ କରି ଆର୍‌ଏମ୍‌ସି, ଆରଏଣ୍ଡବି, ମନ୍ଦିର ଟ୍ରଷ୍ଟିଙ୍କ ସହ ଆଲୋଚନା କରି ସମାଧାନ କରିଛନ୍ତି।

ନିଷ୍ପତ୍ତି ଅନୁସାରେ ବିରଜା ମନ୍ଦିର ପ୍ରକଳ୍ପ ଯାହା ରୂପରେଖ ପ୍ରସ୍ତୁତ ହୋଇଛି ସେହି ଅନୁସାରେ ନିର୍ମାଣ କରାଯିବ। ଅଧିକ ସୌନ୍ଦର୍ଯ୍ୟକରଣ ପାଇଁ ଆହୁରି ୧୧ ଏକର ଜମି ଅଧିଗ୍ରହଣ କରାଯିବ। ଅନ୍ୟପଟେ ହାଟ ପାଇଁ ମଧ୍ୟ ଆର୍‌ଏମ୍‌ସି ଆବଶ୍ୟକ ଅଧିକ ଜମି ଅଧିଗ୍ରହଣ କରି ପୁରୁଣା ସ୍ଥାନରେ ମଡେଲ ହାଟ ନିର୍ମାଣ କରିବାକୁ ସ୍ଥିର ହୋଇଛି। ଆର୍‌ଏମ୍‌ସି ସ୍ଥାନରେ ପ୍ରସ୍ତାବିତ ପାର୍କିଂ ନିର୍ମାଣ କରାଯିବ। ଯାହାକି ମା'ଙ୍କ ପାଖକୁ ଆସୁଥିବା ଶ୍ରଦ୍ଧାଳୁ ଓ ସପ୍ତାହରେ ୨ ଦିନ ବସୁଥିବା ଥିବା ବିରଜା ହାଟର ଗ୍ରାହକମାନଙ୍କ କାର୍ଯ୍ୟରେ ମଧ୍ୟ ଲାଗିପାରିବ ବୋଲି କୁହାଯାଇଛି। ମନରେ ବିବାଦ ଓ ସନ୍ଦେହ ନ ରଖି ଉଭୟ ବିରଜା ପ୍ରକଳ୍ପ ଏବଂ ବିରଜା ମଡେଲ ହାଟ ପ୍ରକଳ୍ପ କିପରି ତୁରନ୍ତ ଶେଷ ହୋଇ ଯାଜପୁରର ଶୋଭା ବଢ଼ାଇବ ସେଥିରେ ସହଯୋଗ କରିବାକୁ ଜିଲ୍ଲପାଳ ପି ଅନ୍ୱେଷା ରେଡ୍ଡୀ କହିଛନ୍ତି। ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମଲ କହିଛନ୍ତି, ସୁରକ୍ଷା ଦୃଷ୍ଟିରୁ ହାଟ ସମୟରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ପ୍ରଶାସନର ନିଷ୍ପତ୍ତିକୁ ଉପସ୍ଥିତ ନେତୃବୃନ୍ଦ ସ୍ୱାଗତ କରିଛନ୍ତି। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ବଜାରକୁ ଆସିଲା ଟୟୋଟା କ୍ୟାମରୀ

**ନୂଆଦିଲ୍ଲୀ, ୧୨।୧୨:** ଦୀର୍ଘ ସମୟ ଅପେକ୍ଷା ପରେ ଟୟୋଟା ନିଜର ସେଡାନ୍ କ୍ୟାମରୀ କୁ ଭାରତୀୟ ମାର୍କେଟରେ ଲଞ୍ଚ କରିଛି। ଏହା ପୂର୍ବରୁ କମ୍ପାନୀ ଭାରତୀୟ ବଜାରରେ ଏହାର ଟିଜର ଜାରି କରିଥିଲା। ଏଥିରୁ ଜଣା ପଡିଥିଲା ଯେ କ୍ୟାମରୀ ରେ ନୂଆ ଭାବରେ ଡିଜାଇନ୍ ହୋଇଥିବା ହେଡଲ୍ୟାମ୍ପ ଏବଂ ଟେଲଲ୍ୟାମ୍ପ ମିଳିଛି। ଆସନ୍ତୁ ଜାଣିବା ନୂଆ ଟୟୋଟା କ୍ୟାମରୀ ରେ କ'ଣ ଖାସ୍ ହୋଇଛି।

ନୂଆ ଟୟୋଟା ଗତ କାଲି ଅର୍ଥାତ ୧୧ ଡିସେମ୍ବରରେ ଲଞ୍ଚ ହୋଇଛି। ଏହି ପ୍ରମିୟମ୍ ସେଡାନ୍ ନୂଆ ଡିଜାଇନ୍, ସେଫ୍ଟି ଅପଡେଟ୍ ସହିତ ଆସିଛି। ଏଥିରେ କୌଣସି ମେକାନିକାଲ୍ ଚେଞ୍ଜ ହେବ ନାହିଁ। ସୂଚନାସାରେ ଟୟୋଟା କ୍ୟାମରୀ ର ଏକ୍ସ-ସାରୁମ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ହେବ ବୋଲି ଆଶା କରାଯାଉଛି। ଟିଜରରେ ପ୍ରକାଶ ପାଇଛି ଯେ କ୍ୟାମରୀ ରେ ଆପଣଙ୍କୁ ସି ସାଇଜ୍ ଏଲ୍ଇଡି ଡିଆର୍ଏଲ୍



ମିଳିବ। ଏଥିରେ ଗ୍ରିଲ୍ ସହିତ ଫ୍ରଣ୍ଟ ବମ୍ପର, ଏୟାର ଭେଣ୍ଟସ୍, ଆଲୋଇ ହୁଇଲ୍, ସୋଲଡର ଲାଇନ୍, ପାନୋରୋମିକ୍ ସନରୁଫ୍ ଏବଂ ରୋପରାଉଣ୍ଡ ଏଲ୍ଇଡି ଟେଲଲାଇଟ୍ସ ସହିତ ଅନେକ ଫିଚର୍ସ ରହିଛି। ଅପକମିଙ୍ଗ ନେକ୍ସ୍ଟ ଜେନ୍ କ୍ୟାମରୀ ହାଇବ୍ରିଡ୍ ମୋଟର ସହିତ ୨.୫ ଲିଟର ପେଟ୍ରୋଲ ଇଞ୍ଜିନ୍ ସହିତ ଯୋଡି ହେବ। ଇ-ସିଭିଟି ଟ୍ରାନ୍ସମିସନ୍ ମାଧ୍ୟମରେ ହୁଇଲକୁ ପାୱାର ଦେବାବେଳେ ଏହା ଏଫ୍ଡବ୍ଲ୍ୟୁଡି ଏବଂ ଏଫ୍ଡବ୍ଲ୍ୟୁଡି କନଫିଗିରେସନରେ ୨୨୨ ବିଏଚପି ପାୱାରରୁ ୨୨୯ ବିଏଚପି ପର୍ଯ୍ୟନ୍ତ ପାୱାର ଜେନେରେଟ୍ କରିବାରେ ସକ୍ଷମ ହୋଇଥାଏ। ଗ୍ଲୋବାଲ ଲେବଲରେ ଥିବା ଟୟୋଟା କ୍ୟାମରୀ ପଞ୍ଚମ ଜେନେରେସନର ଟୟୋଟା ହାଇବ୍ରାଡ୍ ସିଷ୍ଟମ୍ କମ୍ବିନେସନ୍ ସହିତ ୨.୫ ଲିଟର, ୪ଟି ସିଲିଣ୍ଡର ଇଞ୍ଜିନ୍ ସହିତ ଆସିଥାଏ। ଇଞ୍ଜିନ୍ ପାୱାରରେ ଦୁଇଟି ଇଲେକ୍ଟ୍ରିକ୍ ମୋଟର ରହିଛି। ଏହା ସହିତ ଏଚଇଭିରେ ଫ୍ରଣ୍ଟ-ହ୍ୟୁଲ୍ ଡ୍ରାଇଭରେ ୨୨୫hp ର ପାୱାର ଆଉଟପୁଟ୍ ସହିତ ଅପସ୍ନାଲ୍ ଅଲ-ହ୍ୟୁଲ୍ ଡ୍ରାଇଭ୍ କନଫିଗିରେସନ୍ ମଧ୍ୟ ରହିଛି, ଯାହା ସମସ୍ତ ଟ୍ରିମ୍ ଲେବଲ ପାଇଁ ଉପଲବ୍ଧ।

# ଗାଡ଼ି ବିକ୍ରି ୧୩.୬୫% କମିଲା

## ଟ୍ରାକ୍ଟର ବଢ଼ିଲା, ଅନ୍ୟ ସବୁ କମିଲା

**ଭୁବନେଶ୍ୱର, ୧୨।୧୨:** ରାଜ୍ୟରେ ଏହି ମାସରେ ୧୬୩୬ଟି ଟ୍ରାକ୍ଟର ବିକ୍ରି ହୋଇଛି। ବାଣିଜ୍ୟିକ ଯାନ ଓ ଦୁଇଚକିଆ ଯାନ ବିକ୍ରି ଅଧିକ ପ୍ରଭାବିତ ହୋଇଛି। ଏହି ମାସରେ ୫୪,୫୩୧ଟି ଦୁଇଚକିଆ ଗାଡ଼ି ବିକ୍ରି ହୋଇଛି ଯାହା ପୂର୍ବବର୍ଷ ତୁଳନାରେ ୧୪.୦୨ ପ୍ରତିଶତ କମ୍। ବାଣିଜ୍ୟିକ ଯାନ ବିକ୍ରି ୨୧.୧୪ ପ୍ରତିଶତ ହ୍ରାସ ପାଇ ୩୦୭୩କୁ ଖସିଆସିଛି। ତିନିଚକିଆ ବିକ୍ରି ୪.୫୨ ପ୍ରତିଶତ ଭଳି ସାମାନ୍ୟ ବୃଦ୍ଧି ପାଇ ୨୦୮୯କୁ ଖସିଆସିଛି। ନଭେମ୍ବର ମାସରେ ସର୍ବଭାରତୀୟ ସ୍ତରରେ ଗାଡ଼ି ବିକ୍ରି ୧୧.୨୧ ପ୍ରତିଶତ ବଢ଼ିଛି। କିନ୍ତୁ ଓଡ଼ିଶା, ଝାଡ଼ଖଣ୍ଡ, ଗୁଜରାଟ, ଆସାମ, କର୍ଣ୍ଣାଟକରେ ବିକ୍ରି ହ୍ରାସ ପାଇଛି। ବଡ଼ ରାଜ୍ୟଗୁଡ଼ିକ ଭିତରେ ଓଡ଼ିଶାରେ ବିକ୍ରି ବହୁତ କମିଛି। ଦେଶରେ ଏହି ମାସରେ ୩୨,୦୮,୭୧୯ ଗାଡ଼ି ବିକ୍ରି ହୋଇଛି। ବାଣିଜ୍ୟିକ ଯାନ ଓ କାର୍ ବିକ୍ରି କମିଥିବା ବେଳେ ଅନ୍ୟ ସବୁ ପ୍ରକାର ଗାଡ଼ି ବିକ୍ରି ବଢ଼ିଛି। ଦୁଇଚକିଆ ବିକ୍ରି ୧୫.୮୦ ପ୍ରତିଶତ, ତିନି ଚକିଆ ୪.୨୩ ପ୍ରତିଶତ ଓ ଟ୍ରାକ୍ଟର ବିକ୍ରି ୨୯.୮୮ ପ୍ରତିଶତ ବଢ଼ିଛି।

### ଜୋମାଟୋ, ସ୍ୱିଗିକୁ କଡ଼ା ଟକ୍କର ଦେବ ଜେପ୍ଟୋ

# ଆସନ୍ତା ସପ୍ତାହରେ ଲଞ୍ଚ ହେବ 'ଜେପ୍ଟୋ କାଫେ ଆପ୍'

ନୂଆଦିଲ୍ଲୀ,୧୨/୧୨: ଏଣିକି ଜୋମାଟୋ,ସ୍ୱିଗି ଭଳି କ୍ୱିକ୍ ଫୁଡ୍ର ସେବା ଯୋଗାଇବ ଜେପ୍ଟୋ। କେବଳ ୧୦ ମିନିଟରେ ଡ଼େଲିଭରୀ ହେବ ଫୁଡ଼। ଏନେଇ ଖୁବଶୀଘ୍ର କ୍ୱିକ୍ କମର୍ସ କମ୍ପାନୀ ଲଞ୍ଚ କରିବାକୁ ଯାଉଛି 'ଜେପ୍ଟୋ କାଫେ ଆପ୍'। ଜେପ୍ଟୋ କୋ-ଫାଉଣ୍ଡର ଓ ସିଇଓ ଆଦିତ୍ ପଲିଚା ସୋସିଆଲ ମିଡ଼ିଆ ଏକ୍ସରେ ଏନେଇ ଘୋଷଣା କରିଛନ୍ତି। ଆସନ୍ତା ସପ୍ତାହରେ ଏହି ଜେପ୍ଟୋ କାଫେ ଆପର ଲଞ୍ଚ ହେବା ନେଇ ସେ କହିଛନ୍ତି। ସୂଚନା ମୁତାବକ, ଜେପ୍ଟୋ କାଫେ ନାମକ ଏକ ଅଲଗା ଆପ୍ ମାଧ୍ୟମରେ ଲୋକମାନେ ଫୁଡ଼ ଡେଲିଭରୀ ସର୍ଭିସର ଫାଇଦା ପାଇପାରିବେ। ସେହିପରି ଗ୍ରାହକମାନେ ଜେପ୍ଟୋ ଆପ୍ ମାଧ୍ୟମରେ ମଧ୍ୟ କଫି , ସାଣ୍ଡଓ୍ୱିଚ୍ ଓ ଅନ୍ୟାନ୍ୟ ଖାଦ୍ୟ ଅର୍ଡ଼ର କରିପାରିବାର ମଧ୍ୟ ବିକଳ୍ପ ରହିଛି। କୁହାଯାଉଛି ଯେ, କମ୍ପାନୀର ଏହି ନିଷ୍ପତି ଡେଲିଭରୀ ମାର୍କେଟିଂରେ ନୂଆ ମୋଡ଼ ନେବ। ଏହା ଜୋମାଟୋ ଓ ବ୍ଲିଙ୍କିଟ୍ ଭଳି ବ୍ୟବହାର କରାଯାଇପାରିବ। ଏନେଇ କମ୍ପାନିର ସହପ୍ରତିଷ୍ଠାତା ସୋସିଆଲ ମିଡ଼ିଆ ଏକ୍ସ ପୋଷ୍ଟ କରି ଲେଖିଛନ୍ତି , ଆମେ ଆମର ଜେପ୍ଟୋ କାଫେ ପାଇଁ ଅଲଗା ଆପ୍ ଆସନ୍ତା ସପ୍ତାହରେ ଲଞ୍ଚ କରିବାକୁ ଯାଉଛି। ଯଦିଓ ପ୍ରଥମ ଦିନରେ ଏହା ଭଲ ନ ଚାଲିପାରେ କିନ୍ତୁ ଏହାକୁ ଯଥାଶୀଘ୍ର ଲଞ୍ଚ କରିବା ଜରୁରୀ ଅଟେ। ଆମେ ଗୋଟିଏ ମାସେ ମଧ୍ୟରେ ୧୦୦ ରୁ ଅଧିକ କାଫେ ଲଞ୍ଚ କରିବୁ। ଆମାଜନ ଇଣ୍ଡିଆ ମଧ୍ୟ କ୍ୱିକ୍ କମର୍ସ ସେକ୍ଟରରେ ଏଣ୍ଟ୍ରି କରିବାକୁ ଯାଉଛି। ଯାହାଦ୍ୱାରା କେବଳ ୧୫ ମିନିଟ୍ ମଧ୍ୟରେ ଜିନିଷର ଡ଼େଲିଭରୀ କରାଯିବ। ଇକମର୍ସ ସେକ୍ଟର ବଡ଼ କମ୍ପାନୀ ଆମାଜନ ବର୍ତ୍ତମାନ ବ୍ଲିଙ୍କିଟ୍, ସ୍ୱିଗି, ଇନଷ୍ଟାଗ୍ରାମ, ବିଗବାସ୍କେଟକୁ ଟକ୍କର ଦେବାକୁ ଯାଉଛି। ଏମାନଙ୍କ ଭଳି ଆମାଜନ ମଧ୍ୟ ଡ଼େଲିଭରୀ ସର୍ଭିସରେ ସାମିଲ ହେବାକୁ ଯାଉଛି।

# ମୁଥୁଟ ଫାଇନାନ୍ସର ଅତ୍ୟାଧୁନିକ ଅଙ୍ଗନୱାଡି କେନ୍ଦ୍ର



ନୂଆଦିଲ୍ଲୀ,୧୨।୧୨: ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମୁଥୁଟ ଗ୍ରୁପର ପ୍ରମୁଖ କମ୍ପାନୀ 'ମୁଥୁଟ ଫାଇନାନ୍ସ'ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ମୁଥୁଟ ସ୍ମାର୍ଟ ଅଙ୍ଗନୱାଡି ସେଣ୍ଟର ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏପରିକି ହରିୟାଣାର ରଓ୍ୱାରୀସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘଟାଲ ମହାନିବାସଠାରେ ଏହି ଅତ୍ୟାଧୁନିକ ଅଙ୍ଗନୱାଡି କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଥୁଟ ଗ୍ରୁପର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର ଜର୍ଜ ମୁଥୁଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଓ (ଆଇସିଡିସି) ଶାଲୁ ଯାଦବଙ୍କ ସମେତ ମୁଥୁଟ, ଆଇସିଡିସି, ସ୍କୁଲ ଏବଂ ଅଙ୍ଗନୱାଡି କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ମୁଥୁଟ ଗ୍ରୁପର କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି ବା ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଏହି ଅତ୍ୟାଧୁନିକ ଅଙ୍ଗନୱାଡି କେନ୍ଦ୍ରର ନବୀକରଣ ସହିତ ଅତ୍ୟାବଶ୍ୟକ ପାଠ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦ ମଧ୍ୟ ମୁଥୁଟ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଏ ସମ୍ପର୍କରେ ମୁଥୁଟ ଗ୍ରୁପର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର ଜର୍ଜ ମୁଥୁଟ କହିଥିଲେ, ଆମେ ଆମର କାର୍ଯ୍ୟ ପରିସର ଅଞ୍ଚଳ ମଧ୍ୟରେ ସାମଗ୍ରିକ ବିକାଶ ସହିତ ସଶକ୍ତୀକରଣକୁ ମଧ୍ୟ ଗୁରୁତ୍ୱ ଦେଉଛି। ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ସାଙ୍ଗକୁ ସଚେତନତା ଶିବିରର ଆୟୋଜନ କରି ସମାଜର ହିତ ସାଧନ ପାଇଁ ଆବଶ୍ୟକ ପ୍ରୟାସ କରିଆସୁଛୁ।

### ଜିଓର ନୂଆବର୍ଷ ଭେଟି

# ପ୍ରତିଦିନ ହାଇସ୍ପିଡ୍ ୨.୫ଜିବି ଇଣ୍ଟରନେଟ୍




ନୂଆଦିଲ୍ଲୀ,୧୨।୧୨: ଆଉ କିଛି ଦିନ ପରେ ଆସିବ ନୂଆବର୍ଷ। ଏତିପାଇଁ ଜିଓ ଆଣିଛି ଦମଦାର ଅଫର୍। ନିଜ କୋଟି କୋଟି ୟୁଜର୍ସଙ୍କୁ ଖୁସି ଖବର ଦେଇଛି ଜିଓ। ଦେଶର ସବୁଠୁ ବଡ଼ ଟେଲିକମ କମ୍ପାନୀ ନୂଆ ହାପି ନ୍ୟୁ ଇୟର ୱେଲକମ ପ୍ଲାନ ଲଞ୍ଚ କରିଛି। ଏହି ପ୍ଲାନରେ ୟୁଜର୍ସଙ୍କୁ ଅନଲିମିଟେଡ କଲିଂ ସହ ଅନଲିମିଟେଡ ୫ଜି ଡାଟା ସମେତ ଅନେକ ଦମଦାର ଲାଭ ମିଳୁଛି। ଜିଓର ଏହି ପ୍ଲାନ ୨୦୦ ଦିନର ଲମ୍ବା ଭ୍ୟାଲିଡିଟି ସହ ଆସିଥାଏ। ଏହା ଦ୍ୱାରା ୟୁଜର୍ସଙ୍କୁ ନିଜର ଜିଓ ନମ୍ବର ବାରମ୍ବାର ରିଚାର୍ଜ କରିବାକୁ ପଡିବନି। ଜିଓର ଏହି ରିଚାର୍ଜ ପ୍ଲାନ ୨୦୨୫ ଟଙ୍କା ମୂଲ୍ୟରେ ଲଞ୍ଚ କରାଯାଇଛି। କମ୍ପାନୀ ଏହି ବିଶେଷ ପ୍ଲାନର ମୂଲ୍ୟ ନୂଆ ବର୍ଷ ହିସାବରେ ରଖିଛି। ଏହି ପ୍ଲାନରେ ମିଳୁଥିବା ଲାଭ ବିଷୟରେ କହିଲେ, ୟୁଜର୍ସଙ୍କୁ ଏହି ଲମ୍ବା ଭ୍ୟାଲିଡିଟିର ରିଚାର୍ଜ ପ୍ଲାନରେ ପ୍ରତିଦିନ ୨.୫ଜିବି ହାଇ ସ୍ପିଡ ଇଣ୍ଟରନେଟ ଡାଟାର ଲାଭ ମିଳିଥାଏ।

ଏହି ପ୍ଲାନ ୨୦୦ ଦିନର ଭ୍ୟାଲିଡିଟି ସହ ଆସିଥାଏ, ଯେଉଁ କାରଣରୁ ୟୁଜର୍ସଙ୍କୁ ସମୁଦାୟ ୫୦୦ ଜିବି ହାଇ ସ୍ପିଡ ଡାଟାର ଲାଭ ମିଳିବ। ଜିଓ ଏହି ୱେଲକମ ଅଫର ୧୧ ଡିସେମ୍ବର ଅର୍ଥାତ ଆଜିଠାରୁ ୧୧ ଜାନୁଆରୀ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ୫ଜି ସ୍ମାର୍ଟଫୋନ ୟୁଜର୍ସଙ୍କୁ ଏହି ପ୍ଲାନରେ ଅନଲିମିଟେଡ ୫ଜି ଡାଟାର ଲାଭ ମିଳିବ। ଜିଓର ଅନ୍ୟ ରିଚାର୍ଜ ପ୍ଲାନ ପକ୍ଷରୁ ଏଥିରେ ମଧ୍ୟ ୟୁଜର୍ସଙ୍କୁ ସାରା ଭାରତରେ କୌଣସି ମଧ୍ୟ ନମ୍ବରରୁ କଲ କରିବା ଲାଗି ଫ୍ରୀ କଲିଂ ଏବଂ ନେସନାଲ ରୋମିଂର ଲାଭ ମିଳିବ। ଏତିକି ନୁହେଁ, ଏହି ପ୍ଲାନରେ ୟୁଜର୍ସଙ୍କୁ AJIO, Swiggy ସମେତ ଅନେକ ଫୁଡ ଏବଂ ସିକ୍ୟୁରିଟି ଆପ୍ସର ଫ୍ରୀ ସବସ୍କ୍ରିପସନ ମଧ୍ୟ ମିଳିବ।

# ହ୍ୱାଟସ୍ଆପ୍, ଫେସ୍ବୁକ୍, ଇନଷ୍ଟାଗ୍ରାମ୍ ଡାଉନ୍

**ନୂଆଦିଲ୍ଲୀ, ୧୨।୧୨:** ମାର୍କ ଜୁକରବର୍ଗଙ୍କ ସଂସ୍ଥା ମେଟା ଅଧୀନରେ ପରିଚାଳିତ ହେଉଥିବା ତିନି ଲୋକପ୍ରିୟ ସୋସିଆଲ୍ ମିଡିଆ ପ୍ଲାଟ୍ଫର୍ମ ଫେସ୍ବୁକ୍, ହ୍ୱାଟ୍ସଆପ୍ ଓ ଇନଷ୍ଟାଗ୍ରାମ୍ ଡାଉନ୍ ରହିଛି। ବିଶ୍ୱବ୍ୟାପୀ ଏହାର ସେବାରେ ବିଭ୍ରାଟ ଦେଖିବାକୁ ମିଳିଛି। ଡାଉନ୍ଡିଟେକ୍ଟରର ତଥ୍ୟ ଅନୁସାରେ ଫେସବୁକ୍କୁ ୫୦ ହଜାରରୁ ଅଧିକ ଓ ଇନଷ୍ଟାଗ୍ରାମ୍କୁ ୨୩ ହଜାରରୁ ଅଧିକ ଲୋକ ବ୍ୟବହାର କରିବାରେ ଅସୁବିଧା



ସାମ୍ନା କରିଛନ୍ତି। କିନ୍ତୁ ଏହି ଘଟଣା ବହୁ ସଂଖ୍ୟାରେ ଲୋକଙ୍କୁ ପ୍ରଭାବିତ କରିଥିବା ଆଶଙ୍କା ରହିଛି। ହ୍ୱାଟସ୍ଆପ୍କୁ ୱେବ୍ରେ ସଂଯୋଗ କରିବା ଲାଗି କରାଯାଉଥିବା ପ୍ରୟାସ ବିଫଳ ରହିଛି। ବହୁ ଲୋକ ଫେସବୁକ୍ରେ ପୋଷ୍ଟ ଓ ଅପ୍ଡେଟ୍ଗୁଡ଼ିକୁ ଦେଖିପାରୁନାହାନ୍ତି। ତିନି ସୋସିଆଲ ମିଡିଆ ଉଭୟ ଆପ୍ ଓ ଡେସ୍କଟପ୍ ସେବା ପ୍ରଭାବିତ ହୋଇଛି। ଫେସବୁକ୍ରେ ରାତି ୧୦ଟା ୫୮ ମିନିଟ୍ରେ ବିଭ୍ରାଟ ଆରମ୍ଭ ହୋଇଥିଲା। ଲୋକମାନେ ଲଗ୍ ଇନ୍ କରିପାରିନଥିଲେ ଓ କିଛି ବି ଅପ୍ଲୋଡ୍ କରିପାରିନଥିଲେ। ଇନଷ୍ଟାଗ୍ରାମ୍ରେ ମଧ୍ୟ ସମାନ ଧରଣର ସମସ୍ୟା ଦେଖାଦେଇଥିଲା।

# ଏଆଇଏସ୍ ଉଇଣ୍ଡୋଜର ଏକ୍ସକ୍ଲୁସିଭ ଆଉଟ୍ଲେଟ

**ଭୁବନେଶ୍ୱର,୧୨।୧୨:** ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଗ୍ଲାସ ନିର୍ମାତା 'ଏଆଇଏସ୍ ଉଇଣ୍ଡୋଜ'ର ଏକ୍ସକ୍ଲୁସିଭ ଆଉଟଲେଟ ବୁଧବାର ଭୁବନେଶ୍ୱରର ପୁରୀ ବାଇପାସ ରୋଡର ଏସଆର ଭ୍ୟାଲିରେ ଉଦ୍ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର (ଫ୍ରାଞ୍ଚାଇଜର) ଭାରତ ପ୍ଲାଏଉଡ୍ସ (ଭାରତ ସେଲ୍ସ)ଆନୁକୂଲ୍ୟରେ ଏହି ନୂତନ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଏସ ଉଇଣ୍ଡୋଜର ଆର୍ଏମ୍ ଓଡିଶା ଅଟଳ ବିହାରୀ ସାହୁ, ଏସଜେଡିଏମ ବିନୟ କୁମାର, ସିଡିଏମ ସଞ୍ଜୁ ଗୁପ୍ତାଙ୍କ ସମେତ ଭାରତ ପ୍ଲାଏଉଡ୍ସ (ଭାରତ ସେଲସ)ର ଏମଡି ବ୍ରଜେନ୍ଦ୍ର ରାୟ, ବିଏ ପୀୟୂଷ ରାୟ ଏବଂ ରଶ୍ମି ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଓଡିଶା ବଜାରରେ 'ଏଆଇଏସ ଉଇଣ୍ଡୋଜ'ର ଏହା ପ୍ରଥମ ଓ ନୂତନ ଷ୍ଟୋରର ଶୁଭାରମ୍ଭ



ହୋଇଥିଲାବେଳେ ଆଗାମୀ ଦିନରେ ରାଜ୍ୟର ପ୍ରମୁଖ ବଜାରଗୁଡିକରେ କମ୍ପାନୀର ଏକ୍ସକ୍ଲୁସିଭ ଆଉଟଲେଟ ଖୋଲିବା ସହିତ ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ସାମଗ୍ରୀ ଯୋଗାଇ ଦେବାକୁ ବ୍ରାଣ୍ଡ୍ ଲକ୍ଷ୍ୟ ରଖିଛି। ଏପରିକି ଗ୍ଲାସର ବିଭିନ୍ନ ଉତ୍ପାଦଠାରୁ ଆରମ୍ଭ କରି ୟୁପିଭିସି ଏବଂ ସିଷ୍ଟମର ସମସ୍ତ ସାମଗ୍ରୀ ଏଠାରୁ ସୁଲଭ ମୂଲ୍ୟରେ ଗ୍ରାହକ ପାଇପାରିବେ। ସେହିଭଳି ୧୪୦୦ ବର୍ଗ ଫୁଟ ପରିମିତ ଅଞ୍ଚଳରେ ଗଢି ଉଠିଥିବା ଏହି ନବନିର୍ମିତ ଷ୍ଟୋରରେ ବ୍ରାଣ୍ଡର ଉଭୟ ୟୁପିଭିସି ଡୋର ଆଣ୍ଡ ଉଇଣ୍ଡୋ ସଲ୍ୟୁଶନ ସହିତ ବିଭିନ୍ନ ବର୍ଗର ଆଲୁମିନିୟମ ଉତ୍ପାଦ ମଧ୍ୟ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ପୀୟୂଷ ରାୟ କହିଥିଲେ, ଆମେ ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେବା ସହିତ ଗୁଣାତ୍ମକ ସେବା ଯୋଗାଇ ଦେବାକୁ ଆଶା ରଖିଛୁ। ସେବାକୁ ସବର୍ତ୍ତାଧିକ ପ୍ରାଥମିକତା ଦେବା ସହିତ କାରବାର ବୃଦ୍ଧି ପାଇଁ ଆବଶ୍ୟକ ପ୍ରଚାର ଓ ପ୍ରସାରକୁ ମଧ୍ୟ ପ୍ରାଧାନ୍ୟ ଦେବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ମହଜୁଦ ସୀମା କମିଲା: ଅଧିକ ଗହମ ରଖିଲେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୧୨।୧୨:** କେଉଁମାନେ ନିଜ ପାଖରେ ସର୍ବାଧିକ କେତେ ଗହମ ରଖିପାରିବେ ତାହାର ସୀମାକୁ ପୁନଃ ନିର୍ଧାରଣ କରାଯାଇଛି। ବ୍ୟବସାୟୀ ଓ ଖାଦ୍ୟ ପ୍ରକ୍ରିୟାକରଣକାରୀମାନଙ୍କୁ କମ୍ ଗହମ ରଖିବାକୁ କୁହାଯାଇଛି। ଯେଉଁମାନେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଗହମ ରଖିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ଆଇନରେ ରହିଥିବା ବ୍ୟବସ୍ଥା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମହଜୁଦ୍ର ସୀମା ନିର୍ଦ୍ଧାରଣ କରାଯାଇଥିବାରୁ ଆଗାମୀ ଦିନରେ ଗହମ ଦାମ୍ ହ୍ରାସ ପାଇବା ସମ୍ଭାବନା ରହିଛି। ଗହମ ମହଙ୍ଗା ହେବା ପରେ ତାହାର ପ୍ରଭାବ ବିସ୍କୁଟଠାରୁ ଆରମ୍ଭ କରି ପାଉଁରୁଟି ପର୍ଯ୍ୟନ୍ତ ସବୁଆଡ଼େ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଖାଦ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ପାଇକାରୀ ବ୍ୟବସାୟୀମାନେ ନିଜ ପାଖରେ ୨୦୦୦ ଟନ୍ ନୁହେଁ, ତାହାର ଅଧା ୧୦୦୦ ଟନ୍ ରଖିପାରିବେ। ସେହିପରି ଖୁଚୁରା ବ୍ୟବସାୟୀମାନେ ୫ ଟନ୍ ଗହମ ନିଜ ପାଖରେ ରଖିପାରିବେ। ବଡ଼ ବଡ଼ ରିଟେଲ୍ ସଂସ୍ଥାଗୁଡ଼ିକ ନିଜର ପ୍ରତି ଷ୍ଟୋର୍ରେ ଅତିବେଶିରେ ୫ ଟନ୍ ଲେଖାଏଁ ଗହମ ରଖିପାରିବେ। ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥାଗୁଡ଼ିକ ସେମାନଙ୍କ ମାସିକ କ୍ଷମତାର ୭୦ ପ୍ରତିଶତ ବଦଳରେ ୫୦ ପ୍ରତିଶତ ଗହମ ନିଜ ପାଖରେ ରଖିପାରିବେ। ଗହମ ମହଜୁଦର ଏହି ନୂତନ ସୀମା ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ବଳବତ୍ତର ରହିବ।



# ୨୦୨୫ରୁ ଏଟିଏମ୍ରୁ ପିଏଫ୍ ଟଙ୍କା ଉଠାଇପାରିବେ ଉପଭୋକ୍ତା

ନୂଆଦିଲ୍ଲୀ,୧୨/୧୨: ଖୁବ୍ଶୀଘ୍ର ଏଟିଏମ୍ରୁ ହେବ ପିଏଫ୍ ଉଠାଣ। ୨୦୨୫ରୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍ଓ) ଉପଭୋକ୍ତାମାନେ ସିଧାସଳଖ ଏଟିଏମ୍ରୁ ପିଏଫ୍ ଟଙ୍କା ଉଠାଇପାରିବେ। ଏଥିପାଇଁ ଶ୍ରମ ମନ୍ତ୍ରାଳୟ ଏହାର ସୂଚନା ପ୍ରଯୁକ୍ତି ଭିତ୍ତିଭୂମିର ଆଧୁନିକୀକରଣ କରୁଛି। ଉଦ୍ଦେଶ୍ୟ ହେଉଛି ଦେଶର ବୃହତ୍ ଭାଗ କାର୍ଯ୍ୟବଳଙ୍କୁ ଉତ୍ତମ ସେବା ପ୍ରଦାନ କରିବା। ଶ୍ରମ ସଚିବ ସୁମିତା ଦାଓ୍ୱରା କହିଛନ୍ତି ଯେ, ଆସନ୍ତା ବର୍ଷ ଆରମ୍ଭରୁ ଇପିଏଫ୍ଓ ସଦସ୍ୟମାନେ ଏଟିଏମ୍ ମେଶିନ୍ ଜରିଆରେ ସେମାନଙ୍କ ଭବିଷ୍ୟନିଧି ପାଣ୍ଠି ବା ପିଏଫ୍କୁ ଆକ୍ସେସ୍ କରିବାର କ୍ଷମତା ଲାଭ କରିବେ। ଶ୍ରମ ସଚିବ କହିଛନ୍ତି ଯେ, ଆମେ କ୍ଲେମ୍ଗୁଡ଼ିକର ତୁରନ୍ତ ସେଟେଲ୍ କରୁଛୁ ଏବଂ ଜୀବନଶୈଳୀକୁ ଉନ୍ନତ କରିବା ପାଇଁ ଏ ପ୍ରକ୍ରିୟାକୁ ଆହୁରି ସହଜ କରିବା ପାଇଁ କାର୍ଯ୍ୟ ଜାରି ରଖିଛୁ। ଆଗକୁ ଏଟିଏମ୍ ଜରିଆରେ ସଦସ୍ୟମାନେ ସହଜରେ ସେମାନଙ୍କ କ୍ଲେମ୍କୁ ଆକ୍ସେସ୍ କରିପାରିବେ। ଫଳରେ ମାନବ ହସ୍ତକ୍ଷେପ କମ୍ ରହିବ। ସିଷ୍ଟମ୍ ବଦଳୁଛି। ପ୍ରତି ୨ରୁ ୩ ମାସରେ ବ୍ୟବସ୍ଥାରେ




ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳିବ। ଜାନୁଆରୀ ସୁଦ୍ଧା ଇପିଏଫ୍ଓ ବଡ଼ ଧରଣର ପରିବର୍ତ୍ତନ ଆଣିପାରେ ବୋଲି ଶ୍ରମ ସଚିବ ସୂଚନା ଦେଇଛନ୍ତି। ଶ୍ରମ ସଚିବ ସୁମିତା ଦାଓ୍ୱରା ଆହୁରି କହିଛନ୍ତି ଯେ, ନାଗରିକଙ୍କ ହିତ ପାଇଁ ଇପିଏଫ୍ଓ ସେବାକୁ ମଜଭୁତ କରାଯାଉଛି। ଆମର କାର୍ଯ୍ୟଶକ୍ତି ବଢୁଛନ୍ତି।

# ଅକ୍ଷୟ ଶକ୍ତିରେ ୧୩୮୬ କୋଟି ନିବେଶ: ସିଙ୍ଗଲ୍ ୱିଣ୍ଡୋ କମିଟିର ମୋହର

**ଭୁବନେଶ୍ୱର, ୧୨।୧୨:** ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଷ୍ଟମ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ମୋଟ ୧୯୨.୪୧ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଆସିଥିବା ୧୩୮୬.୦୯ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ମଞ୍ଜୁରି ପ୍ରଦାନ କରାଯାଇଛି। କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି ୯୯ ମେଗାୱାଟ୍ କ୍ଷମତାର ପବନ ଶକ୍ତି ପ୍ରକଳ୍ପ, ୯୧.୭୭ ମେଗାୱାଟ୍ କ୍ଷମତାର ୫ଟି ଭୂମି ଆଧାରିତ ସୌରଶକ୍ତି ପ୍ରକଳ୍ପ ଏବଂ ୧.୬୪ ମେଗାୱାଟ୍ କ୍ଷମତାର ଗୋଟିଏ ରୁଫ୍ ଟପ୍ ସୌରଶକ୍ତି ପ୍ରକଳ୍ପ ରହିଛି। ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୧୪୪୧.୭୯ ମେଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୯୭୮୧.୪୭ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଏହି ପୁଞ୍ଜି ନିବେଶ ପ୍ରସ୍ତାବ ଗୁଡ଼ିକ ରାଜ୍ୟର ଶକ୍ତି କ୍ଷେତ୍ରରେ ରୂପାନ୍ତରଣ ଆଣିବା ସହ



ସବୁଜ ଶକ୍ତି ପ୍ରକଳ୍ପର ବିକାଶକୁ ସୁଦୃଢ଼ କରିବ। ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସ ଫଳରେ ସବୁଜ ଶକ୍ତି ବୃଦ୍ଧି, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ପରିବେଶ ସୁରକ୍ଷା ଦିଗରେ ସ୍ଥିର ହୋଇଥିବା ଦୀର୍ଘସ୍ଥାୟୀ ଲକ୍ଷ୍ୟ ପୂରଣ ସହିତ ରାଜ୍ୟର ବିକାଶ ସମ୍ଭବ ହୋଇପାରିବ। ଶକ୍ତି ବିଭାଗ ଏବଂ ଏହାର ପ୍ରମୁଖ ସଂସ୍ଥା ଗ୍ରିଡ୍କୋ ମାଧ୍ୟମରେ ରାଜ୍ୟ ସରକାର ଓଡ଼ିଶାରେ ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ଭାଙ୍ଗିଗଲାଣି ପିଲାର, ଦବିଯାଇଛି ବ୍ରିଜ୍

# ବାଲି ବସ୍ତା ଭରସାରେ ପୋଲ



**ସତ୍ୟବାଦୀ,୧୨।୧୨ (ସଂଚାର ବ୍ୟୁରୋ):** ଭୁଶୁଡି ପଡିବ ପୁରୀ ସତ୍ୟବାଦୀ ବ୍ଲକର ବାଲିଘାଇରେ ଥିବା ବ୍ରିଜ । ବ୍ରିଜଟିର ଦୁଇଟି ପିଲର ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ବ୍ରିଜ ତଳେ ବାଲି ବସ୍ତା ଭରା ଦିଆଯାଇ ରଖାଯାଇଛି । ବ୍ରିଜଟି କେତବେଳେ ଭୁଷୁଡ଼ି ପଡ଼ିବ ତାହା କହି ହେଉନାହିଁ । ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଅଭିଯୋଗ କଲେ ସେମାନେ ଡ୍ରେନେଜ ବିଭାଗ ପାଖକୁ ଯିବାକୁ କହୁଛନ୍ତି । ଆଉ ଡ୍ରେନେଜ ବିଭାଗ କହୁଛନ୍ତି ଏ କାମ ଆମର ନୁହେଁ । ଏହାରି ଭିତରେ ଅଟକି ପଡ଼ିଛି ବ୍ରିଜ କାମ । ବାଲି ବସ୍ତା ଭରସା ରେ ବାଲିଘାଇ ସେତୁ। ସେତୁ ଭୁଶୁଡିବାକୁ ଅପେକ୍ଷା କରିଛନ୍ତି ବିଭାଗୀୟ ଅଧିକାରୀ । ଦୁଇ ବିଭାଗ ମଧ୍ୟରେ ଟଣାଓଟରା ଯୋଗୁ ହୋଇପାରୁନି କାମ । ବାଲିବସ୍ତା ଉପରେ ଥୁଆହୋଇଛି ଭଙ୍ଗାଦଦରା ସେତୁ । ବ୍ରିଜ୍‌ରୁ ସିମେଣ୍ଟ ଓ କଂକିଟ୍ର ଛାଡ଼ିଗଲାଣି । ଲୁହା ରଡ଼ ଦେଖାଯାଉଛି । ଦୁଇଟି ପିଲର ବି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଦୁଇରୁ ତିନୋଟି ସ୍ଥାନ ଦବିଯାଇ ବଙ୍କା ହୋଇ ରହିଛି । ତଥାପି ସେହି ବିପଦସଙ୍କୁଳ ପୋଲ ଉପରେ ଯାତାୟତ ଚାଲିଛି । ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ବାଲିଘାଇ ଠାରେ ୧୯୮୨ରେ ନିର୍ମାଣ ହୋଇଥିଲା ଏହି ବ୍ରିଜ୍ । ସତ୍ୟବାଦୀ ବ୍ଲକର ଦାଶବିଦ୍ୟାଧରପୁର ଓ ଡେଲାଙ୍ଗ ବ୍ଲକର ଅନେକ ଅଞ୍ଚଳର ଲୋକେ ଏହା ଉପରେ ନିର୍ଭର କରନ୍ତି । ବ୍ରିଜ୍ ଦେଇ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀଙ୍କ ସହ ଗାଡ଼ି ମଟର ଯିବାଆସିବା କରୁଛି । କୌଣସି ବି ସମୟରେ ବ୍ରିଜଟି ଭୁଷୁଡ଼ି ପଡ଼ିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ବ୍ରିଜଟି ବିପଦ ସଙ୍କୁଳ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଘୋଷଣା କରାଯିବା ପରେ ଅଞ୍ଚଳବାସୀ ନୂତନ ବ୍ରିଜ ନିର୍ମାଣ ପାଇଁ ସତ୍ୟବାଦୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଦାବି କରିଥିଲେ । କିନ୍ତୁ କାମଟି ଗ୍ରାମ୍ୟ ଉନ୍ନୟନ ବିଭାଗର ନୁହେଁ ଡ୍ରେନେଜ ବିଭାଗର ବୋଲି କହି ଲୋକଙ୍କୁ ଫେରାଇ ଦେବା ପରେ ଅଞ୍ଚଳବାସୀ ପୁରୀ ଡ୍ରେନେଜ୍ ବିଭାଗ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । କିନ୍ତୁ ଏହି କାମ ଡ୍ରେନେଜ୍ ବିଭାଗର ନୁହେଁ ବୋଲି ବିଭାଗୀୟ ଅଧିକାରୀ ଜଣାଇଥିଲେ । ଦୁଇ ବିଭାଗୀୟ ଅଧିକାରୀଙ୍କ ଟଣାଓଟଣାରେ ନୂତନ ବ୍ରିଜ ନିର୍ମାଣ କାର୍ଯ୍ୟ ଅଟକି ଯାଇଛି । ଏ ସମ୍ପର୍କରେ ସତ୍ୟବାଦୀ ଗ୍ରାମ ଉନ୍ନୟନ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲା । ହେଲେ ସେ ଗଣମାଧ୍ୟମ ସାମନାରେ ମୁହଁ ଖୋଲିବାକୁ ମନା କରିଦେଇଛନ୍ତି ।

## ଲକ୍ଷ୍ମୀଛଡା ହେଉଛି ଲକ୍ଷ୍ମୀ ବସ୍ ଷ୍ଟପ୍



**କଳାହାଣ୍ଡି,୧୨।୧୨ (ସଂଚାର ବ୍ୟୁରୋ):** ଧର୍ମଗଡ ବ୍ଲକ ବୋଡ଼େନ ହାଇସ୍କୁଲ ନିକଟରେ ନିର୍ମିତ ହୋଇଥିବା ଲକ୍ଷ୍ମୀ ବସ ଷ୍ଟପ୍ ୨୦୨୩-୨୪ ଆର୍ଥିକ ବର୍ଷରେ ଗତ କାମ ହୋଇଥିଲା । ଏଥିପାଇଁ ଖର୍ଚ୍ଚ ହୋଇଥିଲା ୫ ଲକ୍ଷ ୨୨ ହଜାର ୩୧୦ ଟଙ୍କା। ଯାତ୍ରୀଙ୍କ ପ୍ରତୀକ୍ଷା ପାଇଁ ନିର୍ମାଣ ହୋଇଥିବା ଏହି ବସ ଷ୍ଟପ୍ ଏବେ ଭାଙ୍ଗିରୁଜି ଗଲାଣି। ଚଟାଣରେ ପଡ଼ିଥିବା ଟାଇଲ ଉଠିଗଲାଣି। ନିର୍ମାଣର ଦିନକେଇଟା ଭିତରେ ଲକ୍ଷ୍ମୀ ବସ ଷ୍ଟପର ଦୃଶ୍ୟ ହିଁ ବୟାନ କରୁଛି ଏହି କାମରେ କେତେ ନିମ୍ନମାନର କରାଯାଇଛି । ପୂର୍ବ ସରକାର ଜନସାଧାରଣଙ୍କ ଯାତାୟାତ ପାଇଁ ଲକ୍ଷ୍ମୀ ବସ ସେବାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଲୋକମାନେ ଗାଁରୁ ସିଧାସଳଖ ବ୍ଲକ ପର୍ଯ୍ୟନ୍ତ ଯାତାୟତ କରିପାରୁଛନ୍ତି। ଖୁବ୍ କମ୍ ମୂଲ୍ୟ ଦେଇ ସହଜରେ ଯାତାୟାତର ସୁବିଧା ପାଇପାରୁଛନ୍ତି । ତେବେ ଯାତ୍ରୀଙ୍କ ପ୍ରତୀକ୍ଷା ପାଇଁ ସ୍ଥାନେ ସ୍ଥାନେ ଲକ୍ଷ୍ମୀ ବସ ଷ୍ଟପ ନିର୍ମାଣ ହୋଇଛି। ହେଲେ ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ତାହା ଏବେ ବ୍ୟବହାର ଅନୁପୋଯୋଗୀ ହୋଇପଡ଼ିଛି । ତେଣୁ ଏଭଳି ଦୁର୍ନୀତିର ତଦନ୍ତ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକ ।

## ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**ବରଗଡ,୧୨।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ସ୍ଥାନୀୟ ଜର୍ଜ ହାଇସ୍କୁଲ ଖେଳ ପଡିଆ ଠାରେ ଜିଲ୍ଲା ସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା ଆଜି ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମାନିନୀ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଶ୍ରୀମତୀ କଳ୍ପନା ମାଝୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ମଧୁଛନ୍ଦା ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବରଗଡ଼ ଶ୍ରୀମାନ ପ୍ରସନ୍ନ କୁମାର ମିଶ୍ର, କୃଷି ଜିଲ୍ଲା ଅଧିକାରୀ ପଦ୍ମପୁର ଶ୍ରୀମାନ ପ୍ରଭାସ କୁମାର ପଣ୍ଡା, ଓ ସହକାରୀ କୃଷି ନିର୍ଦ୍ଦେଶକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ପରେ ପ୍ରଦର୍ଶନୀ ମଣ୍ଡପ ଗୁଡିକୁ ପରିଦର୍ଶନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀ ମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେ ସମ୍ପର୍କରେ ଏହି ମେଳା ବେଶ ସହାୟକ ହେବ ବୋଲି ପ୍ରକାଶ କରିବା ସହ ଜିଲ୍ଲାରେ ଜଳସେଚନ ବ୍ୟବସ୍ଥା ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ । ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିବା ସହ ବିଭିନ୍ନ କୃଷି ଯନ୍ତ୍ରପାତି ଉପରେ ଥିବା ସରକାରୀ ରିହାତି ସମ୍ପର୍କରେ ଅବଗତ କରି ସେମାନେ ଏଥିରୁ ଯେପରି ସୁଫଳ ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ପୌରାଧକ୍ଷା ଶ୍ରୀମତୀ ମାଝୀ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀ ମାନେ ନୂତନ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତି ର ବ୍ୟବହାର କରି ଚାଷ କଲେ ବିଭିନ୍ନ ପ୍ରକାରର ଚାଷ ର ଉନ୍ନତି ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିବୃଦ୍ଧି ଘଟିବ ବୋଲି ପ୍ରକାଶ କରିବା ସହ ସରକାର ମିଲେଟ ମିଶନକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି ତେଣୁ ଏହାକୁ ଯେପରି ପ୍ରୋତ୍ସାହିତ କରାଯିବ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବରଗଡ଼ ଶ୍ରୀ ପ୍ରସନ୍ନ କୁମାର ମିଶ୍ର ସଭାପତିତ୍ୱ କରି ବରଗଡ ଜିଲ୍ଲାରେ ଚାଷୀ ମାନେ ଆଧୁନିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତି ନିଜ ଚାଷ କାର୍ଯ୍ୟରେ ଲଗାଇ ଅଧିକ ଲାଭବାନ ହୋଇପାରିବେ ବୋଲି ପ୍ରକାଶ କରିବା ସହ ଫାର୍ମ ଯାନ୍ତ୍ରିକକରଣ ଓ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ର ପ୍ରୋତ୍ସାହନ ଜରିଆରେ ଚାଷୀ ମାନଙ୍କ ଜୀବନ ଜୀବିକାର ମାନ ର ବୃଦ୍ଧି ଘଟିପାରିବ ବୋଲି ସେ ପ୍ରକାଶ କରିଥିଲେ ।

## ବିନା ସୂଚନା ଫଳକରେ ସରିଗଲା କଂକ୍ରିଟ ରାସ୍ତା କାମ



**ଖପ୍ରାଖୋଲ,୧୨।୧୨(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଭେଲୁଆଁଖୋଲ ଗ୍ରାମର କଂକ୍ରିଟ ରାସ୍ତା ତିଆରି କରାଯାଇଛି କାମ ସରିବାର କିଛି ଦିନ ପରେ ଫାଟି ଗଲାଣି ଏଥିରୁ ଜଣାଯାଏ କେଉଁ ପ୍ରକାର କାମ କରାଯାଇଛି ତତ ସହିତ ସୂଚନା ଫଳକ ନାହିଁ ଯାଫଳରେ ଲୋକେ କିଛି ସୂଚନା ପାଇ ପାରୁନାହାନ୍ତି । ସରକାରୀ ନିୟମ ଅନୁସାରେ ସୂଚନା ଫଳକ ରହିବା କଥା ଏଠିତାର ବ୍ୟତିକ୍ରମ ଦେଖାଦେଇଛି । ବିଭାଗୀୟ ଅଧିକାରୀ ଏହି କାମ ବିଷୟରେ କିଛି ଜାଣିନଥିବା କଥା କହୁଛନ୍ତି । ସରକାର ପ୍ରତ୍ୟେକ ନାଗରିକ ଯେପରି ପ୍ରତ୍ୟେକ କାର୍ଯ୍ୟ ବିଷୟର ସୂଚନା ପାଇପାରିବେ ତାପାଇଁ ବ୍ୟବସ୍ଥା କରିଛନ୍ତି ହେଲେ ଏଠି ସେହି ବ୍ୟବସ୍ଥା କୁ ଲାଗୁ କରାଯାଇ ନାହିଁ । ଏଥିରୁ ପ୍ରମାଣିତ ହେଉଛି ବିଭାଗୀୟ ଅଧିକାରୀ ମାନେ ସରକାରୀ ନିୟମ ନମାନି ନିଜ ଇଚ୍ଛାରେ କାମ କରୁଥିବା ଜଣାପଡୁଛି । ସୂଚନା ଫଳକ ଲଗାଇ ସମସ୍ତ କାର୍ଯ୍ୟର ତଥ୍ୟ ଦେଲେ ହୁଏତ କୌଣସି ଅସୁବିଧା ଦେଖା ଦେବା ଭୟରେ ବୋଧେ ସୂଚନା ଫଳକ ଦେଇନଥିବା ମନେହୁଏ । ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଟ୍ରାକ୍ଟର ସହିତ ଧକ୍କା ଲାଗି ଜଳିଗଲା ପିଆଜ ବୋଝେଇ ଟ୍ରକ୍; ଜଣେ ମୃତ, ୨ ଗୁରୁତର

**ମୟୂରଭଞ୍ଜ,୧୨।୧୨(ସଂଚାର ବ୍ୟୁରୋ):** ବିଶୋଇ ଥାନା ଡୁମୁରୁଡ଼ିହା ଛକ ନିକଟରେ ୪୯ ନମ୍ବର ଜାତୀୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ସହିତ ଧକ୍କା ହେବା ପରେ ଏକ ପିଆଜ ବୋଝେଇ ଟ୍ରକ୍ ଜଳି ଯାଇଛି। ଏହା ସହିତ ଏକ ବାଇକ ମଧ୍ୟ ଜଳି ଯାଇଛି। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ନାଁ ପପୁ ମହାନ୍ତି। ତାଙ୍କ ଘର ନୂଆଗାଁରେ।



ସେ ଜଣେ ଶ୍ରମିକ ଥିଲେ। ସେ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରରେ ବସିଥିଲେ। ସେହିପରି ଗୁରୁତର ଆହତ ଦ୍ୱୟ ହେଉଛନ୍ତି ପିଆଜ ବୋଝେଇ ଟ୍ରକ୍‌ର ଡ୍ରାଇଭର ଓ ହେଲପର। ସେମାନଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟ୍ରାକ୍ଟର ସହିତ ଧକ୍କା ହେବା ପରେ ପିଆଜ ବୋଝେଇ ଟ୍ରକ୍‌ଟି ଓଲଟି ପଡ଼ିଥିଲା। ଏହା ପରେ ସେଥିରେ ନିଆଁ ଲାଗି ଯାଇଥିଲା। ବିଶୋଇ ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

## ଅଣ୍ଡ୍ରାପାଲୀବାସୀଙ୍କ ପାଇଁ ଆଜି ବି ଡଙ୍ଗା ଭରସା



**ମାଲକାନଗିରି,୧୨।୧୨ (ସଂଚାର ବ୍ୟୁରୋ):** ସ୍ୱାଭିମାନ ଅଂଚଳ କହିଲେ ନକ୍ସଲଙ୍କ ଗଡ଼ ଏବଂ ବାହ୍ୟ ଜଗତର ବିଛିନ୍ନ ଥିବା ଅଂଚଳକୁ ବୁଝାଇଥାଏ। କିନ୍ତୁ ୨୦୧୮ ଜୁଲାଇ ୨୬ ପରେ ଏହି ଅଂଚଳର ବିକାଶ ଦ୍ରୁତଗତିରେ ଆରମ୍ଭ ହୋଇଥିଲା। ଗାଁକୁ ପକ୍କା ରାସ୍ତା ସହ ପାନୀୟ ଜଳ, ମୋବାଇଲ ଟାୱାର, ଶିକ୍ଷା,ସ୍ୱାସ୍ଥ୍ୟ ସେବା ଇତ୍ୟାଦି ପହଞ୍ଚି ଥିଲା। ଏପରିକି ଏହି ଅଂଚଳକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଚ୍ଛିନ୍ନାଞ୍ଚଳ ସ୍ଥାନରେ ସ୍ୱାଭିମାନ ଅଂଚଳ ବୋଲି ଘୋଷଣା ମଧ୍ୟ କଲେ। ଏହି ସ୍ୱାଭିମାନ ଅଂଚଳରେ ୯ଟି ପଞ୍ଚାୟତ ସହ ମୋଟ ୧୫୧ଟି ଗ୍ରାମ ରହିଛି। ଆଜି ବି ସବୁ ଗ୍ରାମକୁ ପକ୍କା ରାସ୍ତା ହୋଇପାରି ନାହିଁ। କିଛି ପଞ୍ଚାୟତକୁ ଛାଡ଼ି ଦେଲେ ଅନ୍ୟ ପଞ୍ଚାୟତକୁ ଆଜି ଡଙ୍ଗା କିମ୍ବା ବୋଟ୍ ହିଁ ସାହାରା ପାଲଟିଛି। ରାସ୍ତା ନଥିବାରୁ ସରକାରଙ୍କର କୌଣସି ଯୋଜନା ସେଠାରେ ପହଞ୍ଚିବା ମୁସକିଲ ହୋଇପଡ଼ିଛି। ପୁଣି ନକ୍ସଲଙ୍କର ଭୟ ଏବେ ବି ଲୋକ ସହ ସରକାରୀ ବାବୁମାନଙ୍କ ନିକଟରେ ରହିଛି। ଦୁର୍ଗମ ଅଂଚଳ ହୋଇଥିବାରୁ କୌଣସି ମୁହର୍ତ୍ତରେ କିଛି ବି ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଯଦିଓ ବିଏସଏଫ କ୍ୟାମ୍ପ ଏହି ଅଂଚଳରେ ଅବସ୍ଥାପିତ କରାଯାଇଛି କିନ୍ତୁ ପାଦପାଦକେ ବିପଦ ମଧ୍ୟ ରହିଛି। ତେବେ ସ୍ୱାଭିମାନ ଅଂଚଳର ସବୁଠାରୁ ଦୁରରେ ଏବଂ ସୀମାନ୍ତ ଆନ୍ଧ୍ରପ୍ରଦେଶକୁ ଲାଗି ରହିଥିବା ଯନ୍ତ୍ରୀ ଏବଂ ଅଣ୍ଡ୍ରାପାଲୀ ପଞ୍ଚାୟତକୁ ଆଜି ବୋଲେ ଡଙ୍ଗା ଏବଂ ବୋଟରେ ହିଁ ଯିବା ଆସିବା କରିଥାନ୍ତି।

# ପେଟ ପାଇଁ ସହରମୁହାଁ ଗାଁ ଲୋକେ




**କଳାହାଣ୍ଡି,୧୨।୧୨(ସଂଚାର ବ୍ୟୁରୋ):** ସମୟ ବଦଳି ଚାଲିଛି। କାଳର ଚକ୍ରରେ ହଜି ଯାଉଛି ଗାଁର ଅନେକ ଚିତ୍ର । ଗାଁ ମାନଙ୍କରୁ ବଡ଼ ବଡ଼ ଆମ୍ବ ତୋଟା ହଜିଯାଇଛି । ଚାଳ ଛପର ମାଟି ଘର ସଂଖ୍ୟା କମି ଯାଇଛି । ମାଟିରେ ପଥର ବସା କୂଅ ଆଉ ଦେଖିବାକୁ ମିଳୁନାହିଁ । ଏବେ ଗାଁ ଦାଣ୍ଡରେ ଗୋଧୂଳି ସମୟରେ ଗଉଡ଼ ପିଲା ଗାଈଙ୍କୁ ଧରି ଗୋଠରୁ ଫେରିବାର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ । ଶୁଭୁ ନାହିଁ ଗାଇ ପଲ ଙ୍କ ବେକରେ ବନ୍ଧା ଯାଇଥିବା ଘାଗୁଡିର ଢଗ ଢଗ ଶବ୍ଦ ।ଜୀବନ ଜୀବିକା ପାଇଁ ବହୁ ପରିବାର ଗାଁ ଛାଡି ସହରକୁ ଚାଲି ଯାଉଥିବା ଯୋଗୁଁ ଅଧିକାଂଶ ଘର ଆଗରେ ଥିବା ଚଉରା ମୂଳେ ସନ୍ଧ୍ୟାରେ ଜଳୁ ନାହିଁ ସଞ୍ଜବତୀ । ସନ୍ଧ୍ୟାରେ ଭାଗବତ ଘରେ ଜଡ଼ା ତେଲ ଦୀପ ପାଖରେ ଗାଁ ଲୋକଙ୍କର ଭାଗବତ ଚର୍ଚ୍ଚାରେ ସେହି ଆସର ଆଉ ଜମୁନାହିଁ ।କଳାହାଣ୍ଡି ଅଞ୍ଚଳରେ ଥିବା ଗାଁ ଗୁଡିକ ଚିତ୍ରରେ ଅନେକ ପରିବର୍ତ୍ତନ ଏବେ ଦେଖିବାକୁ ମିଳୁଛି । ପାଠ ଶାଠ ପଢ଼ିଥିବା ବ୍ୟକ୍ତି ମାନେ ଚାକେରି ପାଇଁ ସହରକୁ ଚାଲି ଯାଉଥିବା ବେଳେ ଗାଁରେ ଚାଷ ବାସ କରି ଚଳୁଥିବା ଲୋକ ଚାଷ କରି କ୍ଷତିଗ୍ରସ୍ତ ହୋଇ ପଡୁଥିବା ଦେଖାଯାଉଛି । ଋଣ ଭାର ସେମାନଙ୍କ ମୁଣ୍ଡରେ ଲଦି ହୋଇ ଯାଉଥିବାରୁ ଚାଷ ଛାଡି ଅନେକ ଚାଷୀ ଦାଦନ ଖଟିବାକୁ ପଡୋଶୀ ରାଜ୍ୟ କୁ ଚାଲି ଯାଉଛନ୍ତି । ଜିଲ୍ଲା ର କେତେକ ସହର ର ଲୋକଙ୍କୁ ଛାଡି ଦେଲେ ଜିଲ୍ଲା ର ଅଧିକାଂଶ ଗାଁ ଦାଣ୍ଡ କବାଟରେ ତାଲା ଝୁଲୁଛି। ଗାଁ ଗୁଡିକ ଏବେ ଖାଁ ଖାଁ ଲାଗୁଛି । ବାରି ଶାଗ ଏବେ ଦୁର୍ଲଭ। କାଗେଜି ଲେମ୍ବୁ, କଞ୍ଚା ଲଙ୍କା,ପରିବା, ଅଣ୍ଡା ଓ ମାଛ ଏବେ ପଡୋଶୀ ଆନ୍ଧ୍ରା ରାଜ୍ୟରୁ ଆସି ଗାଁରେ ବିକ୍ରି ହେଉଛି । ଭାଗବତ ଘରେ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରିବାକୁ ଲୋକ ମିଳୁ ନାହାଁନ୍ତି। ଘଣ୍ଟ ଓ ଶଙ୍ଖ ର ଶବ୍ଦ ଏବେ ଆଉ ଶୁଣା ଯାଉ ନାହିଁ ।ନୂଆ ବୋହୁ ମୁଣ୍ଡାରେ ଓଢଣା ପକାଇ ସଞ୍ଜ ବତୀ ଧରି ଚଉରା ପାଖକୁ ଯିବାର ଦୃଶ୍ୟ ଆଉ ଦେଖିବାକୁ ମିଳୁନାହିଁ। ଗୁହାଳେ ଦେଶୀ ଗାଇ ଆଉ ଦାଣ୍ଡରେ କଅଁଳା ବାଛୁରୀର ମନୋରମ ନାଚ କୁଆଡେ ଉଭେଇ ଯାଇଛି । ମାଟି ବଢ଼ାରେ ଏଠି ମରାଯାଉଥିବା ଘିଅ ର ବାସ୍ନା ପାଲଟିଛି ସାତ ସପନ । ସକାଳୁ ଦାଣ୍ଡରେ ଗୋବର ପାଣି ଆଉ ପଡୁ ନାହିଁ । ସମୟ ଚକ୍ରରେ ସବୁ ହଜି ଯାଇଛି । କାର୍ତ୍ତିକ ମାସରେ ଠାଏ ଠାଏ ଜାଗାରେ ଭାଗବତ ପାରାୟଣ, ରାହାସ ଓ କାର୍ତ୍ତିକ ମେଳଣ ର ସଂସ୍କୃତିକୁ ପୁରୁଖା ଲୋକ ମାନେ ଚଳାଇ ରଖିଛନ୍ତି । ଅନେକ ବ୍ୟକ୍ତି ପେଟ ପାଟଣା ପାଇଁ ସହରରେ ରହୁଥିଲେ ମଧ୍ୟ ଗାଁର ଆକର୍ଷଣ ଏବେ ବି ତାଙ୍କୁ ଛାଡିନାହିଁ । ସମୟ ମିଳିଲେ ଗାଁ କୁ ଚାଲିଆସି ଭଜନ, କୀର୍ତ୍ତନ ଭୋଜି ଭାତରେ ଭାଗନେଇ ସେମାନେ ଆନନ୍ଦ ଉପଭୋଗ କରନ୍ତି । ସହରକୁ ଫେରିବାକୁ ମନଚାହୁଁ ନ ଥିଲେ ମଧ୍ୟ ପେଟ ପାଟଣା ପାଇଁ ସହରକୁ ଫେରିବା ସେମାନେ ବାଧ୍ୟ ହେଉଛନ୍ତି ।

## ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ




**ସୁବର୍ଣ୍ଣପୁର,୧୨।୧୨(ସଂଚାର ବ୍ୟୁରୋ):** ଜିଲ୍ଲାରେ ପ୍ରତିଷ୍ଠିତ ବିଭିନ୍ନ କାରଖାନା ତଥା ଜିଲ୍ଲା ମଧ୍ୟରେ ଯାତାୟତ ବିଭିନ୍ନ ବିସ୍ଫୋରକ ସାମଗ୍ରୀ, କେମିକାଲ ବୋଝେଇ ପରିବହନ ଯାନ ବାହନ ଦ୍ୱାରା ଯେକୌଣସି ଆପାତକାଳୀନ ପରିସ୍ଥିତି କୁ ମୁକାବିଲା ନିମନ୍ତେ ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ବୈଠକ ପ୍ରାରମ୍ଭରେ ଆସିଷ୍ଟାଣ୍ଟ ଡିରେକ୍ଟର ଫ୍ୟାକଟୋରିଜ ଆଣ୍ଡ ବଏଲର, ବଲାଙ୍ଗୀର ଜୋନ, ଶ୍ରୀ ସ୍ୱାଧୀନ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରିଥିଲେ । ଜିଲ୍ଲାରେ ଗଢି ଉଠିଥିବା ଶିଳ୍ପଗୁଡିକରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ନିର୍ଗତ ଜନିତ କିମ୍ବା ସଡ଼କ ପରିବହନ ସମୟରେ ଯଦି କୌଣସି ଆପାତକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତାହାର ସୁପରିଚାଳନା କରି ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ କେଉଁ ବିଭାଗ କି କି କାର୍ଯ୍ୟ କରିବେ ତାହାର ବିସ୍ତାର ଭାବେ ଆଲୋଚିତ ହୋଇଥିଲା। ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କି କି ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଆବଶ୍ୟକ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶ୍ରୀ ବେହେରା ଏ ସମସ୍ତ ବିଷୟରେ ପାୱାର ପଏଣ୍ଟ ସହାୟତାରେ ବୈଠକରେ ଉପସ୍ଥାପନ କରିଥିଲେ । ପରେ ପରେ ବାୟୋ ମାସ ଫୁଏଲ, ପାଣିମୁରା, ତରଭା ଶିଳ୍ପ ସଂସ୍ଥାର ଅଧିକାରୀ ପାୱାର ପଏଣ୍ଟ ସହାୟତାରେ ତାଙ୍କର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ପରେ ପରେ ଅନ୍ୟ ଶିଳ୍ପ ସଂସ୍ଥାରୁ ଆସିଥିବା ଅଧିକାରୀଗଣ ସେମାନଙ୍କ ଦ୍ୱାରା ନିଆଯାଇଥିବା ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ ।

## ଜିଲ୍ଲାସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ



**ସୁବର୍ଣ୍ଣପୁର,୧୨।୧୨(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ସରକାରୀ ଏ ନ ଏମ ତାଲିମ ସଭା ଗୃହ ସୁବର୍ଣ୍ଣପୁର ଠାରେ ଜିଲ୍ଲା ସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ -୨୦୨୪ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟି ବି) ଡ଼ା ପଦ୍ମହଂସ୍ ଦୋରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ)ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଆସିଷ୍ଟାଣ୍ଟ ପ୍ରଫେସର ସଞ୍ଜୟ କୁମାର ପ୍ରଧାନ, ସ୍ମିତାସ୍ରୀ ନାୟକ ଟୁଇଟର,ସାହେଲି ହଲ୍ଦାର ଟୁଇଟର ଓ ଜିଲ୍ଲା କାର୍ଯ୍ୟ ସଂଯୋଜକ ବିଶ୍ୱମ୍ବର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତେ ସାର୍ବଜନୀନ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ସହଜ ରେ , ସୁବିଧାରେ , ସବୁଠାରେ ଓ ବିନା ଖର୍ଚ୍ଚ ରେ ଉପଲବ୍ଧ କରିବା ପାଇଁ ଜନ ସଚେତନତା ସୃଷ୍ଟି କରି ସୁସ୍ଥ ସୁନ୍ଦର ସମାଜ ଗଠନ ଦିଗରେ ସହାୟକ ହୋଇ ପାରିବ। ଉପରେ ଜାଣିବା, ବୁଝିବା ଓ ଅନ୍ୟ ମାନଙ୍କୁ ବୁଝାଇବା ଉପରେ ଗୁରୁତ୍ୱ ରୋପ କରିଥିଲେ । ଉକ୍ତ ସଭାରେ ଆଶା,ଏ ଏନ ଏମ ଛାତ୍ର ଛାତ୍ରୀ, ନର୍ସିଂ ଅଫିସର ସମସ୍ତ କଂସଲ୍ଟାଣ୍ଟ,ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ ।

## ୧୪ରେ ନୟାଗଡ଼ରେ ଲୋକ ଅଦାଲତ

**ନୟାଗଡ଼,୧୨।୧୨(ସଂଚାର ବ୍ୟୁରୋ):** ବିଭିନ୍ନ କେସରୁ ମୁକ୍ତି ହେବାକୁ ଚାହୁଁଛନ୍ତି କି । ତେବେ ଆସନ୍ତା ଡିସେମ୍ବର ୧୪ ତାରିଖ ଶନିବାର ଦିନ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଅଦାଲତ ଓ ଜିଲ୍ଲାର ଅନ୍ୟ ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଅଞ୍ଜଳୀ ମଛଖଣ୍ଡ ପ୍ରକାଶ କରିଛନ୍ତି । ଉକ୍ତ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ମାମଲା, ଦେୱାନୀ ଓ ଫୌଜଦାରୀ, ଚେକ୍ ବାଉନସ୍, ବ୍ୟାଙ୍କ ଋଣ, ଗାଡ଼ିମଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ୍ ଓ ଜଳ, ବୈବାହିକ ସମସ୍ୟା (ଛାଡ଼ପତ୍ର ବ୍ୟତୀତ), ଭରଣ ପୋଷଣ, ଜମି ଅଧିଗ୍ରହଣ ମାମଲା ଆପୋଷ ସହମତି ଭିତ୍ତିରେ ମାମଲା ଗୁଡ଼ିକର ସମାଧାନ କରାଯିବ । ଏଥିପାଇଁ ଜନସାଧାରଣଙ୍କୁ କୌଣସି ଆର୍ଥିକ ଖର୍ଚ୍ଚର ଆବଶ୍ୟକତା ପଡ଼େ ନାହିଁ । ଜନସାଧାରଣ ଏହାର ସୁଯୋଗ ନେବା ପାଇଁ ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଛି ।

## ୩୬ତମ ମହାଲକ୍ଷ୍ମୀ ପୂଜା



**ତେଲେନପାଲି,୧୨।୧୨(ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ତେଲେନପାଲି ଗ୍ରାମରେ ୩୬ତମ ମହାଲକ୍ଷ୍ମୀ ପୂଜା ହୋଇଯାଇଛି । ପୂଜା କମିଟି ସଭାପତି ସୁଖିରାମ ଷାଣ୍ଢ ଙ୍କ ତତ୍ତ୍ୱାବଧାନରେ ୫ ଦିନ ଧରି ପୂଜା ହେବ ବୋଲି ସୂଚନା ମିଳିଛି । ପ୍ରତ୍ୟେକ ଦିନ ରଙ୍ଗମଞ୍ଚରେ ଜଳନ୍ଧର ଦରବାର ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବ । ପ୍ରଥମ ଦିନ କଳସ ଯାତ୍ରା ହୋଇଥିଲା । ସଭାପତି ଶ୍ରୀ ଷାଣ୍ଢ ମଞ୍ଚ ପୂଜା କରି ମଞ୍ଚ ଉଦଘାଟନ କରିଥିଲେ। ଗୌନ୍ତିଆ ପୁଝାରୀ ଛତ୍ରିଆ ସପତ୍ନିକ ପୂଜାକର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ପୁରୋହିତ ବିଷ୍ଣୁ ହୋତା ପୂଜାକାର୍ଯ୍ୟ ସମ୍ପାଦନା କରୁଛନ୍ତି ।

କମିଟି ସମ୍ପାଦକ ଅନ୍ତର୍ଯ୍ୟାମୀ ମାଝୀ, ଲଛମନ ପୁଝାରୀ, ଶଶି ଭୂଷଣ ଷାଣ୍ଢ , ଗୋଲାପ ପୋଡ, ନକୁଳ ବେହେରା, ମାନ ଭୋଇ, ଲକ୍ଷ୍ମୀନାରାୟଣ ସେଠ, ହରେକୃଷ୍ଣ ବେହେରା, ରାଜକୁମାର ବେହେରା, ଲେକ୍ସୁ ଭୋଇ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି ।

## ନାବାଳିକାଙ୍କୁ ଅସଦାଚରଣ ଥାନାରେ ଅଭିଯୋଗ

**ବ୍ରହ୍ମପୁର,୧୨।୧୨(ସଂଚାର ବ୍ୟୁରୋ):** ବଡବଜାର ଥାନା ଅନ୍ତର୍ଗତ ଏକ ସାହିରେ ଜଣେ ୯ ବର୍ଷୀୟ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସାହିରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାପ୍ରକାରେ, ଆଜି ସନ୍ଧ୍ୟାରେ ନାବାଳିକା ଜଣଙ୍କ ନିଜ ସାଙ୍ଗ ସହ ଖେଳୁଥିବା ବେଳେ ସେହି ସାହିର ଜଣେ ଯୁବକ ତାଙ୍କୁ ମୋବାଇଲ ଦେବା ବାହାନାରେ ଛାତ ଉପରକୁ ଡାକି ନେଇ ଅସଦାଚରଣ କରିଥିଲେ। ତେବେ ନାବାଳିକା ଜଣଙ୍କ ପାଟି କରିବାରୁ ଯୁବକ ଜଣଙ୍କ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ନାବାଳିକା ଜଣକ ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଓ ସାହି ବାସିନ୍ଦା ସଂପୃକ୍ତ ଯୁବକଙ୍କ ଘରେ ପହଞ୍ଚି ପଚରାଉଚରା କରିଥିଲେ। ଯାହାକୁ ନେଇ ସାହିରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ବଡ ବଜାର ଥାନାରେ ପରିବାର ଲୋକେ ଓ ସାହି ବାସିନ୍ଦା ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

## ଦରଦୀ ମଣିଷଙ୍କ ହୃଦୟ ବଡ଼

# ପ୍ରଫୁଲ୍ଲଙ୍କ ଶୁଦ୍ଧିକ୍ରିୟା ପାଇଁ 'ଦି ସେବକ ସଂଗଠନ'ର ସହାୟତା



ସଂଚାର THE SANCHAR ମହାପ୍ରଭାବ

**କାକଟପୁର/ଅସ୍ତରଙ୍ଗ, ୧୨।୧୨ (ସଂଚାର ବ୍ୟୁରୋ):** ଜୀବନର ଦୋଛକିରେ କିଏ କେତେବେଳେ ସହଯୋଗର ହାତ ବଢ଼ାନ୍ତି ତାହା କେବଳ ଭଗବାନ ଜାଣନ୍ତି। ସହାୟତାର ହାତ ବଢ଼ାଇବାକୁ ଭଗବାନ ନିଜେ ଧରାପୃଷ୍ଠକୁ ଓହ୍ଲାଇନଥାନ୍ତି। ମଣିଷ ରୁପି ଭଗବାନ ହିଁ ସହଯୋଗ କରିବାକୁ ଧାଇଁ ଆସନ୍ତି। ଭଙ୍ଗା ଦଦରା ଘରେ ପଡ଼ିରହିଛନ୍ତି ଜଣେ ଅସହାୟ ବୃଦ୍ଧା। ସେହ୍ନମୟୀ ମା ସାମ୍ନାରେ ଚାଲିଗଲା ପୁଅ। ଦାଉ ସାଧିଲା ଦଇବ, ହସିଲା ସଂସାର ଭାଙ୍ଗି ଚୁରମାର ହୋଇଗଲା। ପୁରୀ ଜିଲ୍ଲା କାକଟପୁର ବ୍ଲକ ଲତାହରଣ ଗ୍ରାମର ପ୍ରଫୁଲ୍ଲ କୁମାର ମଲ୍ଲିକ ୨୦୧୦ ମସିହାରେ ପରିବାର ଚଳାଇବା ପାଇଁ ହାଇଦ୍ରାବାଦର ଏକ କମ୍ପାନୀ ରେ କାମ କରୁଥିଲେ। ସେଥିରୁ ଯାହା ରୋଜଗାର ହୁଏ ଘରେ ବୃଦ୍ଧ ବାପା, ମା,ପତ୍ନୀ ଓ ଏକ ମାତ୍ର କୁନି ପୁଅ ଖୁସିରେ ଚଳୁଥିଲେ। କିନ୍ତୁ ଦଇବ ଦାଉ ସାଧିଲା ଭଳି ହାଇଦ୍ରାବାଦରେ ଦୁର୍ଘଟଣା ପରେ ଶରୀର ୭୫ଭାଗ ଅଚଳ ହୋଇଗଲା। ଏଭଳି ଦୁଃଖଦ ସମୟରେ ସ୍ତ୍ରୀ କୁନି ପୁଅକୁ ନେଇ ବାପ ଘରକୁ ଚାଲିଗଲେ। ଘର ରୋଜଗାରିଆ ପୁଅକୁ ସୁସ୍ଥ କରିବାକୁ ବୃଦ୍ଧ ବାପା, ମା ଦୁଇ ଜଣ ଭିକ୍ଷା ବୃତ୍ତି କରି ପୁଅ ପ୍ରଫୁଲ୍ଲ ପାଇଁ ଔଷଧ କିଣୁଥିଲେ। କିଛି ମାସ ତଳେ ବୃଦ୍ଧ ବାପା ମଧ୍ୟ ଚାଲିଗଲେ। ପ୍ରଫୁଲ୍ଲଙ୍କ ଚିକିତ୍ସା ପାଇଁ ସାହା କେବଳ ମା ଓ ଦିବ୍ୟାଙ୍ଗ ପୁଅ ପ୍ରଫୁଲ୍ଲର ଭତ୍ତା ଟଙ୍କା ଆଉ ଜୀବନ ବଂଚିବାକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଭରସା। ଯାହା ଭତ୍ତା ଟଙ୍କା ମିଳେ ଜନ୍ମକଲା ମା 'ପୁଅକୁ ଭଲ କରିବାକୁ କଷ୍ଟ ମଷ୍ଟେ ରୋଗ ଯନ୍ତ୍ରଣା କଷ୍ଟ ଭୋଗୁଥିବା ପୁଅ ପ୍ରଫୁଲ୍ଲ ମଲ୍ଲିକଙ୍କ ପାଇଁ ମେଡ଼ିସିନ ଆଣିଥାନ୍ତି। କିନ୍ତୁ ଯନ୍ତ୍ରଣା ଅଧିକ ହେବାରୁ ପଡୋଶୀଙ୍କ ସହାୟତାରେ ବୃଦ୍ଧା ମା ପଞ୍ଝେଇ ମଲ୍ଲିକ ପ୍ରଫୁଲ୍ଲଙ୍କୁ ମେଡିକାଲ ନେଇଥିଲେ। ଅବସ୍ଥା ଶଙ୍କଟାପର୍ଣ୍ଣ ଥିବାରୁ ଡାକ୍ତରଙ୍କ ନିର୍ଦ୍ଦେଶ ପରେ ଗୋଟିଏ ପରେ ଗୋଟିଏ ମେଡିକାଲ ଗଲେ। କିନ୍ତୁ ପ୍ରଫୁଲ୍ଲ ମଲ୍ଲିକଙ୍କ ମୃତ୍ୟୁ ହେଲା। ବୃଦ୍ଧା ମା'ଙ୍କୁ ଛାଡି ଚାଲିଗଲା ପୁଅ। ପୁଅର ଶୁଦ୍ଧିକ୍ରିୟା ପାଇଁ ମା' ଗାଁ ଗାଁ ବୁଲି ଭିକ୍ଷା ବୃତ୍ତି କରୁଥିବା ଖବର ଦୈନିକ ଖବର କାଗଜ 'ସଂଚାର'ରେ ଗତ ୯ ତାରିଖରେ ପ୍ରକାଶିତ ପରେ ଗୁରୁବାର ପୁରୀ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପ ଅଞ୍ଚଳର 'ଦି ସେବକ ସଂଗଠନ' ତରଫରୁ କର୍ମକର୍ତ୍ତା ସଭାପତି ଆଲୋକ କୁମାର ଜେନା, ମନୋଜ ଦାଶ, ରଂଜିତ ଦାଶ, ଲିଙ୍ଗରାଜ ବାରିକି, ନୀଳମଣି ପ୍ରମୁଖ ବୃଦ୍ଧାଙ୍କ ବାସଭବନରେ ପହଂଚି ଅର୍ଥ ସହାୟତା ପ୍ରଦାନ କରିଛନ୍ତି। କୁହାଯାଏ ମାନବ ସେବା ହେଉଛି ମାଧବସେବା। ଆଜିର ସମାଜରେ ସହୃଦୟ ବ୍ୟକ୍ତି ବହୁତ କମ୍ ଥାଆନ୍ତି। ଯେଉଁ ମାନେ ଅନ୍ୟ ମାନଙ୍କ ଦୁଃଖ ଦେଖିଲେ ସେମାନଙ୍କ ଆଖିରୁ ଲୁହ ଝରିପଡେ। ପୁରୀ ଜିଲ୍ଲା ଗୋପ ଅଂଚଳର 'ଦି ସେବକ ସଂଗଠନ' ସେମିତି ଏକ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଲୋକ ମାନଙ୍କ ସେବା ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି।